ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, March 21/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 115 | ମୂଲ୍ୟ ₹୭/-



## ଚହଲଙ୍କ ବିବାହ ବିଚ୍ଛେଦ

ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଗୁରୁବାର ବିବାହ ବିଚ୍ଛେଦ ଘଟିଛି।

୧୪

୦୨

## ରାତି ଶୁଟିଂକୁ ନେଇ ଦୁଃଖୀ ରଶ୍ମିକା

'ଥାମା' ଫିଲ୍ମର ଶୁଟିଂ ଲଗାତର ରାତିରେ ହେଉଥିବା ଦର୍ଶାଇ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଇନ୍ଷ୍ଟାଗ୍ରାମରେ ଏକ ମଜାଳିଆ ପୋଷ୍ଟ କରିଛନ୍ତି।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଶ୍ୱ ପଖାଳ ଦିବସ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମନ୍ତ୍ରୀ, ବିଧାୟକମାନଙ୍କ ସହିତ ବିଧାନସଭା ପରିସରରେ ପଖାଳ ଖାଉଛନ୍ତି।

# ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ

## ହିଡ଼ମାଙ୍କୁ ପାଉନି ଛତିଶଗଡ଼ ପୋଲିସ

ବିଜାପୁର/କାଙ୍କେର (ପି.ଟି.)/ ଦୁର୍ଯ୍ୟୋଧନ ପାତ୍ର (ମାଲକାନଗିରି), ୨୦।୩

୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦରୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଭାଜପା ଶାସିତ ଛତିଶଗଡ଼ ପୋଲିସ ଗୁରୁବାର ଏହି ଦିଗରେ ବଡ଼ ସଫଳତା ହାସଲ କରିଥିବା ଦାବି କରିଛି। ରାଜ୍ୟର ବସ୍ତର ଅଞ୍ଚଳରେ ୨ଟି ପୃଥକ୍ ଏନ୍‌କାଉଣ୍ଟରରେ ଅନ୍ୟୁନ ୩୦ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ତେବେ ଗୁଳି ବିନିମୟ ବେଳେ ଛତିଶଗଡ଼ ପୋଲିସ ଅଧୀନ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନ ପ୍ରାଣ ହରାଇଛନ୍ତି। ଏନ୍‌କାଉଣ୍ଟର ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ଡିଆର୍‌ଜି ପକ୍ଷରୁ ଚାଲିଥିବା ମିଳିତ ଅପରେଶନ୍‌ରେ ପିପୁଲ୍ସ ଲିବରେଶନ୍ ଗେରିଲା ଆର୍ମି (ପିଏଲ୍‌ଜିଏ) କମାଣ୍ଡର ହିଡ଼ମାଙ୍କୁ ଅଦ୍ୟାବଧି ଠାବ କରାଯାଇପାରି ନାହିଁ। ତାଙ୍କୁ ଧରିବା ପାଇଁ ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ୧୨୫ରୁ ଅଧିକ ଗ୍ରାମରେ ଟେକ୍ନିକାଲ ଇମେର୍ଜି କରାଯାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଛତିଶଗଡ଼ର ବସ୍ତର ରେଞ୍ଜ ପୋଲିସ ନିରୀକ୍ଷକ ସୁନ୍ଦରରାଜ ପି. ଗଣମାଧ୍ୟମକୁ ଦେଇଥିବା ସୂଚନାନୁସାରେ ଗୁରୁବାର ସକାଳ ପ୍ରାୟ ୭ଟାରେ ବିଜାପୁର ଓ ଦାନ୍ତେୱାଡ଼ା ଜିଲା ମଝି ଜଙ୍ଗଲରେ ମାଓବାଦ ନିରୋଧୀ ଅପରେଶନ୍ ଆରମ୍ଭ ହୋଇଥିଲା। ବିଜାପୁରର ଗଙ୍ଗାଲୁର ଥାନା ଅଧୀନ ଅଞ୍ଚଳରେ ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟରରେ ୨୬ ମାଓବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟରସ୍ଥଳରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ରଶସ୍ତ୍ର ଠାବ ହୋଇଛି। ସେହିପରି କାଙ୍କେର ଓ ନାରାୟଣପୁର ଜିଲା ସୀମାନ୍ତ ଜଙ୍ଗଲରେ ମଧ୍ୟ ଅନୁରୂପ ଅଭିଯାନ ବେଳେ ୪ ମାଓବାଦୀ ନିହତ ହୋଇଛନ୍ତି। ଏହି ଏନ୍‌କାଉଣ୍ଟର ସମୟରେ ଡିଆର୍‌ଜି ୟୁନିଟ୍‌ର ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା କାଙ୍କେର ଏସ୍‌ପି ଇନ୍ଦିରା କଲ୍ୟାଣ ଏଲେସେଲା ସୂଚନା ଦେଇଛନ୍ତି। ୪ ମାଓବାଦୀଙ୍କ ମୃତଦେହ ନିକଟରୁ ଅଟୋମେଟିକ୍ ୱିପନ୍ସ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରୁ ଅଧିକାଂଶ ନିଷିଦ୍ଧ ଘୋଷିତ ସିପିଆଇ (ମାଓଇଷ୍ଟ) ସଦସ୍ୟ ବୋଲି ଜଣାପଡ଼ିଛି। ଚଳିତବର୍ଷ ମାଓବାଦ ନିରୋଧୀ ଅପରେଶନ୍‌ରେ କେବଳ ଛତିଶଗଡ଼ରେ ୧୧୩ ଜଣ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୯୭ ଜଣ ବସ୍ତର ଡିଭିଜନ୍‌ର ବିଜାପୁର ଓ କାଙ୍କେର ସମେତ ୭ ଜିଲାରେ ନିହତ ହୋଇଥିବା ଛତିଶଗଡ଼ ପୋଲିସ କହିଛି। ସେପଟେ ନାରାୟଣପୁର ଜିଲା ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ନାରାୟଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ବଳକୁ ପ୍ରଶଂସା କରି କହିଛନ୍ତି, ମୋଦି ସରକାର ମାଓବାଦୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଆପଣାଇ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛନ୍ତି। ଅସ୍ତ୍ର ତ୍ୟାଗ କଲେ ସରକାରଙ୍କ ପକ୍ଷରୁ ସବୁପ୍ରକାର ସୁବିଧା ଉପଲବ୍ଧ କରାଯିବା ସତ୍ତ୍ୱେ ଯେଉଁ ମାଓବାଦୀମାନେ ଆତ୍ମସମର୍ପଣ କରୁନାହାନ୍ତି, ସେମାନେ ଏନ୍‌କାଉଣ୍ଟରରେ ପ୍ରାଣ ହରାଉଛନ୍ତି। ଦେଶ ଆସନ୍ତାବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦମୁକ୍ତ ହେବାକୁ ଯାଉଛି ବୋଲି ଏକ୍ସ'ରେ ଶାହା ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଛତିଶଗଡ଼ ପୋଲିସର ପୂର୍ବ ଏନ୍‌କାଉଣ୍ଟରଗୁଡ଼ିକରେ ଅନେକ ନିରୀହ ଲୋକ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। କେନ୍ଦ୍ର ସରକାରଙ୍କ ମାଓବାଦମୁକ୍ତ ଲକ୍ଷ୍ୟ ହାସଲ ପାଇଁ ମାଓବାଦୀଙ୍କୁ ନ ପାଇଲେ ସାଧାରଣ ଆଦିବାସୀଙ୍କୁ ଗୁଳିକରି ହତ୍ୟା କରାଯାଉଥିବା ବିରୋଧୀ ସମାଲୋଚନା କରିଥିଲେ।

୨୪ରୁ ବି.ଏଡ୍./ଏମ୍.ଏଡ୍./ବି.ଏଚ୍.ଏଡ୍. ନାମଲେଖା ଆବେଦନ: (ପୃଷ୍ଠା-୩)

# ଆଜିଠାରୁ ସକାଳୁଆ ସ୍କୁଲ

## ସକାଳ ୬ଟା ୩୦ରୁ ୧୦ଟା ୩୦ ପାଠପଢ଼ା

ଭୁବନେଶ୍ୱର, ୨୦।୩ (ସୁଚିସ୍ମିତା ସାହୁ)

ଗ୍ରୀଷ୍ମ ପ୍ରବାହଜନିତ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଛନ୍ତି। ଏପ୍ରିଲ ୨ରୁ ସକାଳୁଆ ସ୍କୁଲ ହେବ ବୋଲି ବୁଧବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ହେଲେ ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକ ଖୋଲା ରହିବ। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଏହି ନିୟମ ତତ୍କାଳ ଲାଗୁ କରିବାକୁ ସମସ୍ତ ଜିଲାପାଳଙ୍କୁ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍କୁଲରେ ସୁରକ୍ଷିତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ସହ ଅନ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଥିବା ନଳକୂପ ଏବଂ ପାନୀୟ ଟ୍ୟାପଗୁଡ଼ିକୁ ☞ପୃଷ୍ଠା-୪

# କେନ୍ଦ୍ର ବିରୋଧରେ ହାଇକୋର୍ଟ ଗଲା ଏକ୍ସ

## କଣ୍ଟେଣ୍ଟ ନିୟାମକ, ସେନ୍ସରଶିପ୍‌କୁ ଚ୍ୟାଲେଞ୍ଜ

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୨୦।୩

ଭାରତ ସରକାର ସୂଚନା ପ୍ରଯୁକ୍ତି (ଆଇଟି) ଆକ୍ଟ ଜରିଆରେ ସୋସିଆଲ ମିଡିଆରେ କଣ୍ଟେଣ୍ଟଗୁଡ଼ିକୁ ମନଇଚ୍ଛା ବ୍ଲକ୍ କରୁଥିବା ଅଭିଯୋଗ ଆଣି ଗୁରୁବାର 'ଏକ୍ସ' କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆମେରିକୀୟ ବିଲିୟନେୟାର ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ଏହି ବୃହତ୍ ପ୍ଲାଟ୍‌ଫର୍ମ କେନ୍ଦ୍ର ବିରୋଧରେ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଛି। ସରକାର ବେଆଇନ କଣ୍ଟେଣ୍ଟ ନିୟାମକ ଏବଂ ଏକତରଫା ସେନ୍ସରଶିପ୍ ଲଗାଇ ସାମାଜିକ ଗଣମାଧ୍ୟମରେ ଲୋକଙ୍କ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଏଥିରେ ଅଭିଯୋଗ ଅଣାଯାଇଛି। ଅନ୍‌ଲାଇନ୍ ☞ପୃଷ୍ଠା-୪

# କଂଗ୍ରେସର ହଟ୍ଟଗୋଳ, ହୁଇସିଲରେ କମ୍ପିଲା ଗୃହ

ଭୁବନେଶ୍ୱର, ୨୦।୩ (ରବିନାରାୟଣ ଜେନା)

ଚଳିତ ବିଧାନସଭାରେ ଗୁରୁବାର ପୁଣି ଏକ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ପୂର୍ବରୁ ଡାଲି, ଜୋତା ଫୋପଡ଼ା ଏବଂ କାଗଜଗୁଳା ଫିଙ୍ଗା ଭଳି ପ୍ରତିବାଦ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ଉପରକୁ କରିଥିବାବେଳେ ଗୁରୁବାର କଂଗ୍ରେସ ସଦସ୍ୟମାନେ ହୁଇସିଲ ଫୁଙ୍କି ପ୍ରତିବାଦ ଜଣାଇଛନ୍ତି।

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭରୁ କଂଗ୍ରେସ ପକ୍ଷରୁ ରାଜ୍ୟ ମହିଳା ସୁରକ୍ଷାକୁ ନେଇ ପ୍ରତିବାଦ ଜାରି ରହିଛି। ଗୁରୁବାର ଏହି ପ୍ରସଙ୍ଗରେ ଗୃହ କମିଟି ଦାବିରେ କଂଗ୍ରେସ ବିଧାୟକମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହାତରେ ପ୍ଲା-କାର୍ଡ ଧରି ନାରାବାଜି କରିବା ସହିତ ଗୃହ ମଧ୍ୟଭାଗରେ ହୁଇସିଲ ଫୁଙ୍କି ପ୍ରତିବାଦ ଜଣାଇଛନ୍ତି। କଂଗ୍ରେସ ସଦସ୍ୟଙ୍କ ହୁଇସିଲ ଫୁଙ୍କା ଯୋଗୁ ଗୃହ କମ୍ପି ଉଠିଥିଲା। ଗୃହ ୭ମିନିଟ୍ ମଧ୍ୟ ଚାଲିପାରି ନ ଥିଲା। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ହୋଇପାରି ନ ଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହରେ ହୁଇସିଲ୍ ବଜାଇବା ବନ୍ଦ କରିବା ଲାଗି କଂଗ୍ରେସ ସଦସ୍ୟଙ୍କୁ ବାରଣ କରିଥିଲେ, ହେଲେ ସେମାନେ କିଛି ଶୁଣି ନ ଥିଲେ। ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ଅପରାହ୍ନ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଗୁରୁବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସୁବର୍ଣ୍ଣପୁରର ପୂର୍ବତନ ସଦସ୍ୟ ଦେବରାଜ ସେଠଙ୍କ ବିୟୋଗରେ ☞ପୃଷ୍ଠା-୪

# ୧ରୁ ଭୁବନେଶ୍ୱରରୁ ଗୋଆକୁ ଉଡ଼ିବ ବିମାନ

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଇତିହାସରେ ଖୁବ୍‌ଶୀଘ୍ର ଆଉ ଏକ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି। ଏପ୍ରିଲ ୧ରୁ ଓଡ଼ିଶା ଦିବସ ଅବସରରେ ଓଡ଼ିଶାରୁ ଗୋଆକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେଶନ ପଲିସି ଅନୁଯାୟୀ ଭୁବନେଶ୍ୱରରୁ ଗୋଆକୁ ପ୍ରତି ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ବିମାନ ଚଳାଚଳ କରିବ। ଘରୋଇ ବିମାନ କମ୍ପାନୀ 'ଇଣ୍ଡିଗୋ' ଏହି ସେବା ପ୍ରଦାନ କରିବ। ଯାତ୍ରୀମାନେ ଭୁବନେଶ୍ୱରରୁ ଇଣ୍ଡିଗୋରେ ବସି ଗୋଆ ଯାଇପାରିବେ ଓ ଚାହିଁଲେ ଗୋଆରୁ ଭୁବନେଶ୍ୱର ଫେରିପାରିବେ। କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ବିକଶିତ ଓଡ଼ିଶା ଲକ୍ଷ୍ୟକୁ ଦୃଷ୍ଟିରେ ରଖି ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ଟ୍ରମ୍ପଙ୍କ ଟାରିଫ୍ ଓ ବାଣିଜ୍ୟିକ ବିପର୍ଯ୍ୟୟ

# ଓଜନ କମାଇବା ଇଞ୍ଜେକ୍‌ଶନ୍ ଭାରତ ଆସିଲା

ନୂଆଦିଲ୍ଲୀ, ୨୦।୩




ଆମେରିକୀୟ ମଲ୍ଟି ନ୍ୟାଶନାଲ ଫାର୍ମାସ୍ୟୁଟିକାଲ କମ୍ପାନୀ ଏଲି ଲିଲୀ ପକ୍ଷରୁ ଗୁରୁବାର ଭାରତରେ ମେଦ ବହୁଳତା ଏବଂ ଟାଇପ୍ ୨ ମଧୁମେହ ପାଇଁ 'ମୌନଜାରୋ' ନାମକ ଇଞ୍ଜେକ୍‌ଶନ୍‌କୁ ଲଞ୍ଚ୍ କରାଯାଇଛି। ଏହି ଔଷଧକୁ ଭାରତର କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ଦ୍ୱାରା ମଞ୍ଜୁରୀ ମିଳିଛି। ଏହି ଡ୍ରଗ୍ ଉଭୟ ଜିଆଇପି ଏବଂ ଜିଏଲ୍‌ପି-୧ ହରମୋନ ରିସେପ୍ଟରଗୁଡ଼ିକୁ ସକ୍ରିୟ କରିଥାଏ। ମୌନଜାରୋର କ୍ଲିନିକାଲ ପରୀକ୍ଷଣରେ ଏହା ଓଜନ ହ୍ରାସ, ଭୋକ ନିୟନ୍ତ୍ରଣ ସହ ରକ୍ତରେ ଶର୍କରାର ମାତ୍ରାକୁ କମାଇପାରୁଥିବା ନେଇ ଜଣାପଡ଼ିଥିଲା। ମୌନଜାରୋ ଇଞ୍ଜେକ୍‌ଶନ୍‌ର ୫ ଏମ୍‌ଜି ଭାଏଲର ଦାମ ଭାରତରେ ୪,୩୭୫ ଟଙ୍କା ରଖାଯାଇଥିବାବେଳେ ୨.୫ ଏମ୍‌ଜି ଭାଏଲର ମୂଲ୍ୟ ୩,୫୦୦ ଟଙ୍କା ରଖାଯାଇଛି। ଭାରତରେ ସମ୍ପ୍ରତି ମେଦ ବହୁଳତା ☞ପୃଷ୍ଠା-୪



## ରୋଜଗାର କ୍ଷମତା ଥିବା ଯୋଗ୍ୟ ମହିଳା ଭରଣପୋଷଣ ନ ମାଗନ୍ତୁ: ହାଇକୋର୍ଟ

ନୂଆଦିଲ୍ଲୀ,୨୦।୩

ଆଇନ ଆଳସ୍ୟକୁ ପ୍ରୋତ୍ସାହିତ କରେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେବା ସହ ରୋଜଗାର କ୍ଷମତା ଥିବା ଯୋଗ୍ୟ ମହିଳା ସେମାନଙ୍କ ସ୍ୱାମୀଙ୍କଠାରୁ ଅନ୍ତରୀଣ ଭରଣପୋଷଣ ଦାବି କରିବା ଉଚିତ ନୁହେଁ ବୋଲି କହିଛନ୍ତି। ବିଚାରପତି ଚନ୍ଦ୍ରଧାରୀ ସିଂ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି, ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମାନତା ବଜାୟ ରଖିବା ଏବଂ ସ୍ତ୍ରୀ, ପିଲା ଓ ମାଆାବାପାଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ସିଆର୍‌ପିସିର ଧାରା ୧୨୫ (ସ୍ତ୍ରୀ, ପିଲା ଓ ମାଆାବାପାଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ) ଅଣାଯାଇଥିଲା, ଆଳସ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ନୁହେଁ। ଉତ୍ତମ ଶିକ୍ଷାପ୍ରାପ୍ତ ମହିଳା ନିଜ ଯୋଗ୍ୟତା ଏବଂ କାର୍ଯ୍ୟ ଅଭିଜ୍ଞତା ଅନୁଯାୟୀ ନିଯୁକ୍ତି ଆବେଦନ କରିବାକୁ କୋର୍ଟ ପ୍ରୋତ୍ସାହିତ କରିଛନ୍ତି। ଅଲଗା ରହୁଥିବା ଜଣେ ସ୍ୱାମୀଙ୍କଠାରୁ ଅନ୍ତରୀଣ ଭରଣପୋଷଣ ଦାବି କରିଥିବା ମହିଳାଙ୍କ ଆବେଦନକୁ ତଳକୋର୍ଟ ଖାରଜ କରିଦେଇଥିବାବେଳେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

# ଆଇନ ଜାଲରେ ପ୍ରକାଶ ରାଜ୍, ଡଗ୍ଗୁବତି

## ସୋସିଆଲ ମିଡିଆରେ ବେଟିଂ ଆପ୍‌ର ପ୍ରଚାର

**୨୫ ଅଭିନେତା, ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ମାମଲା**


ହାଇଦ୍ରାବାଦ,୨୦।୩


ପ୍ରଚୁର ଲାଭ ଉଠାଇ ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଥିବା ଯୁବଗୋଷ୍ଠୀ ଅନ୍‌ଲାଇନ ବେଟିଂ ଆପ୍‌ର ମାୟାରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ଏଭଳି ବେଟିଂ ଆପ୍‌କୁ ବେଆଇନ କରାଯାଇଥିବାବେଳେ ନିର୍ଦ୍ଦିଷ୍ଟ ବର୍ଗର ଯୁବତୀଯୁବକଙ୍କୁ ଏହାର ମାୟାରେ ଫସାଇବା ପାଇଁ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପ୍ରଚାର କରାଯାଉଛି। ଉକ୍ତ ବେଆଇନ ଆପ୍‌ର ପ୍ରଚାରପ୍ରସାର କରାଉଥିବା ୨୫ ଜଣ ଅଭିନେତ୍ରୀ ଅଭିନେତା, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ହାଇଦ୍ରାବାଦର ମିୟାପୁର ପୋଲିସ ଆପରାଧିକ ମାମଲା ରୁଜୁ କରିଛି। ବ୍ୟବସାୟୀ ପି.ଏମ୍. ଫନୀନ୍ଦ୍ର ଶର୍ମାଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ବେଟିଂ ଆପ୍ ପ୍ରଚାରରେ ସମ୍ପୃକ୍ତି ଅଭିଯୋଗରେ ମାମଲାର ସମ୍ମୁଖୀନ ହୋଇଥିବା ୬ ଜଣ ଖ୍ୟାତନାମା କଳାକାର ହେଲେ ରାଣା ଡଗ୍ଗୁବତି, ପ୍ରକାଶ ରାଜ, ବିଜୟ ଦେବରକୋଣ୍ଡା, ପ୍ରନୀଥା, ଲକ୍ଷ୍ମୀ ମନ୍ଚୁ ଏବଂ ନିଧି ଅଗ୍ରୱାଲ। ସେହିପରି ମାମଲାର ସାମ୍ନା କରିଥିବା ୧୯ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ହେଲେ ଅନନ୍ୟା ନାଗେଲ୍ଲା, ସିରି ହନୁମନ୍ତୁ, ଶ୍ରୀମୁଖୀ, ବର୍ଷିନୀ ସୌନ୍ଦରାଜନ, ବାସନ୍ତୀ କ୍ରିଷ୍ଣନ, ଶୋବା ସେଟ୍ଟୀ, ଅମୃଥା ଚୌଦାରୀ, ନୟନୀ ପଭାନି, ନେହା ପଠାନ, ପାଣ୍ଡୁ, ପଧ୍ମାବଥି, ଇମ୍ରାନ୍ ଖାନ୍, ବିଷ୍ଣୁପ୍ରିୟା, ହର୍ଷ ସାଏ, ବୟା ସୁନ୍ନୀ ଯାଦବ, ଶ୍ୟାମଲୀ, ତାସ୍ତି ତେଜା, ରିଥୁ ଚୌଧାରୀ ଏବଂ ବନ୍ଦାରୁ ଶେଶାୟନୀ ସୁପ୍ରିଥା। ଏମାନେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଜରିଆରେ ବେଟିଂ ପ୍ଲାଟ୍‌ଫର୍ମଗୁଡ଼ିକର ସକ୍ରିୟ ପ୍ରଚାରରେ ସମ୍ପୃକ୍ତ ଥିବା ଫନୀନ୍ଦ୍ର ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏଥିପାଇଁ ସେମାନେ କମିଶନ ବାବଦରେ ମୋଟା ଅଙ୍କର ଅର୍ଥ ପାଉଥିବା ଅଭିଯୋଗ ହୋଇଛି। ଫନୀନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ରାତାରାତି ପ୍ରଚୁର ଲାଭ ଉଠାଇବାକୁ ଚାହୁଁଥିବା ଲୋକମାନଙ୍କୁ ଉକ୍ତ ବେଟିଂ ଆପ୍‌ଗୁଡ଼ିକରେ ଅଧିକ ପୁଞ୍ଜିନିବେଶ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ପ୍ରୋତ୍ସାହିତ କରିଥାନ୍ତି। ପ୍ରଲୋଭନର ବଶବର୍ତ୍ତୀ ଲୋକେ କ୍ରମଶଃ ଜୁଆ ପ୍ରତି ଆସକ୍ତ ହୋଇଯାଇ ଶେଷରେ ସର୍ବସ୍ୱାନ୍ତ ହୋଇଥାନ୍ତି।

ଆପ୍ ଷ୍ଟୋରଗୁଡ଼ିକରେ ଏହି ପ୍ଲାଟ୍‌ଫର୍ମ ସହଜେ ଉପଲବ୍ଧ ହୋଇ ନ ଥାଏ। ତେବେ ପ୍ରଭାବୀ ସୋସିଆଲ ମିଡିଆ ବିଜ୍ଞାପନ ଜରିଆରେ ନିର୍ଦ୍ଦିଷ୍ଟ ଦର୍ଶକଙ୍କ ପାଇଁ ଏହି ପ୍ଲାଟ୍‌ଫର୍ମର ପ୍ରଚାର କରାଯାଇଥାଏ। ପ୍ରଭାବିତ କଳାଭଳି ଅନ୍‌ଲାଇନ ବିଜ୍ଞାପନ ୟୁଜରମାନଙ୍କୁ ବିନା ତଲାସିରେ ଉକ୍ତ ପ୍ଲାଟ୍‌ଫର୍ମ ଖୋଜି ପାଇବାରେ ସହାୟକ ହୋଇଥାଏ। ଏହି ବେଆଇନ ପ୍ଲାଟ୍‌ଫର୍ମ ଜରିଆରେ ବହୁ କୋଟି ଟଙ୍କାର କାରବାର ଚାଲିଛି। ବେଆଇନ ଆପ୍‌ର ପ୍ରଚାର ଅଭିଯୋଗରେ ଅଭିନେତା ଓ ଇନ୍‌ଫ୍ଲୁଏନ୍ସରମାନଙ୍କ ବିରୋଧରେ ତେଲଙ୍ଗାନା ଗେମିଂ ଆଇନର ଧାରା ୩, ୩(ଏ) ଏବଂ ୪ ତଥା ଭାରତୀୟ ନ୍ୟାୟ ସଂହିତାର ଦଫା ୩୧୮(୪), ୧୧୨ ଏବଂ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬-ଡି ଅନୁଯାୟୀ ମାମଲା ରୁଜୁ ହୋଇଛି।


ପ୍ରକାଶ ରାଜ





ରାଣା ଡଗ୍ଗୁବତି

## ବିଶ୍ୱ ଖୁସି ତାଲିକା: ୧୧୮ତମ ସ୍ଥାନରେ ଭାରତ

ଲଣ୍ଡନ,୨୦।୩(ପି.ଟି.)

ବିଶ୍ୱ ଖୁସି ତାଲିକାର ୧୧୮ତମ ସ୍ଥାନରେ ଭାରତ ରହିଛି। ଗତବର୍ଷ ଭାରତ ୧୨୬ତମ ସ୍ଥାନରେ ରହିଥିଲା। ତଥାପି ତାଲିକାରେ ନେପାଳ, ପାକିସ୍ତାନ, ୟୁକ୍ରେନ୍ ଏବଂ ପାଲେଷ୍ଟାଇନ୍‌ଠାରୁ ଭାରତ ପଛରେ ରହିଛି। ଲୋକଙ୍କ ଆନନ୍ଦକୁ ଗୁରୁତ୍ୱ ଦେବା ଓ ପରସ୍ପର ମଧ୍ୟରେ ବାଣ୍ଟିବାର ପ୍ରଭାବକୁ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି।

ଫିନ୍‌ଲାଣ୍ଡ କ୍ରମାଗତ ଅଷ୍ଟମ ବର୍ଷ ପାଇଁ ସବୁଠୁ ଖୁସି ଦେଶ ରହିଥିବାବେଳେ ଡେନ୍‌ମାର୍କ, ଆଇସ୍‌ଲାଣ୍ଡ ଏବଂ ସୁଇଡେନ୍ ଶୀର୍ଷ ୪ଟି ସ୍ଥାନ ବଜାୟ ରଖିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଇଂ ରିସର୍ଚ୍ଚ ସେଣ୍ଟର ସହ ଗଲପ୍ ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ମିଳିତ ଭାବେ ଏହି ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ୨୦୨୨-୨୪ ମଧ୍ୟରେ ମତାମତ ଦେଇଥିବା ଲୋକମାନଙ୍କ ଦ୍ୱାରା ସ୍ୱମୂଲ୍ୟାଙ୍କିତ ଜୀବନ ମୂଲ୍ୟାୟନ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୬ଟି ପରୋପକାରୀ ଗୁଣର ଆକଳନ କରାଯାଇ ଭାରତକୁ ମୋଟାମୋଟି ଭାବେ ୧୧୮ତମ ର୍‍ୟାଙ୍କ୍ ମିଳିଛି। ଦାନ କରିବାରେ ଏହା ୫୭ ସ୍ଥାନରେ ଥିବାବେଳେ ସ୍ୱେଚ୍ଛାକୃତ ସେବାରେ ୧୦, ଅପରିଚିତଙ୍କୁ ସହାୟତା କରିବାରେ ୭୪, ପଡୋଶୀ, ଅପରିଚିତ ତଥା ପୋଲିସ ଦ୍ୱାରା ୱାଲେଟ୍ ଫେରାଇବାରେ ୧୧୫ତମ ସ୍ଥାନରେ ରହିଛି। ୧୪୭ ର୍‍ୟାଙ୍କ୍ ସହ ଆଫଗାନିସ୍ତାନ ତାଲିକାର ସବାତଳେ ରହିଥିବାବେଳେ ନେପାଳ ୯୨, ପାକିସ୍ତାନ ୧୦୯, ଶ୍ରୀଲଙ୍କା ୧୩୩ ଏବଂ ବାଂଲାଦେଶ ୧୩୪ତମ ସ୍ଥାନରେ ରହିଛି।

## ଔରଙ୍ଗଜେବ୍‌ଙ୍କ କବରସ୍ଥାନରେ ଲାଗିଲା ଟିଣ ଚାଦର

ଛତ୍ରପତି ସମ୍ଭାଜୀନଗର,୨୦।୩

ମହାରାଷ୍ଟ୍ରର ସମ୍ଭାଜୀନଗର ଜିଲାରେ ଥିବା ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ପାଇଁ ଦାବି ଜୋର୍ ଧରିଥିବାବେଳେ ଅଷ୍ଟାଦଶ ଶତାବ୍ଦୀର ଏହି ସ୍ମାରକୀର ଉଭୟ ପାର୍ଶ୍ୱରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ଟିଣ ଚାଦର ଲଗାଇଛି। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ କବରସ୍ଥଳର ୨ ପାର୍ଶ୍ୱରେ ଟିଣ ଚାଦର ଲଗାଯାଇଛି। ଟମ୍ବ ଚାରିପଟେ ବାଡ଼ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ଦାବିରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ସୋମବାର ନାଗପୁରରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ଛାଭା' ଦେଖିବା ପରେ ଔରଙ୍ଗଜେବ୍‌ଙ୍କ ଟମ୍ବ ହଟାଇବା ଦାବିରେ ଆନ୍ଦୋଳନ ଚାଲିଛି। ଔରଙ୍ଗଜେବଙ୍କ ନିର୍ଦ୍ଦେଶରେ ସମ୍ଭାଜୀ ମହାରାଜଙ୍କୁ ବୀଭତ୍ସ ହତ୍ୟା କରାଯାଇଥିଲା।

# ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୮୫ ମୃତ

ଡେଇର୍-ଅଲ୍-ବଲାହ,୨୦।୩

ଇସ୍ରାଏଲୀ ସେନା ବୁଧବାର ମଧ୍ୟରାତ୍ରରେ ଗାଜାଷ୍ଟ୍ରିପ୍ ଉପରେ ଜୋର୍‌ଦାର ବୋମାମାଡ଼ ଜାରି ରଖିବା ଫଳରେ ଅନ୍ୟୂନ ୮୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳ ପର୍ଯ୍ୟନ୍ତ ଲାଗିରହିଥିବା ଏହି ଏୟାରଷ୍ଟ୍ରାଇକ୍‌ରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ମହିଳା ଓ ଛୋଟ ପିଲାଙ୍କ ମୃତ୍ୟୁ ଘଟିଥିବାବେଳେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରି ବୋମାମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଅନ୍ୟପକ୍ଷରେ ଗାଜାରୁ କେନ୍ଦ୍ରୀୟ ଇସ୍ରାଏଲକୁ ଟାର୍ଗେଟ କରି ରକେଟ୍ ମାଡ଼ କରାଯାଇଛି। ଇସ୍ରାଏଲ୍ ଯୁଦ୍ଧବିରତି ବନ୍ଦ କରିବା ପରେ ଗାଜାରୁ ଏହା ପ୍ରଥମ ରକେଟ୍ ଆକ୍ରମଣ।

ଇସ୍ରାଏଲୀ ସେନା ପୂର୍ବଭଳି ଗାଜା ସିଟି ସମେତ ଉତ୍ତର ଗାଜାରେ କେତେକ ରାସ୍ତାକୁ ଅବରୋଧ କରିଛି। ଉତ୍ତର ଭାଗରେ ପ୍ରବେଶ ଓ ପ୍ରସ୍ଥାନ ଲାଗି ମୁଖ୍ୟ ଜାତୀୟ ରାଜପଥ ବ୍ୟବହାର ନ କରିବାକୁ ଗାଜାବାସୀଙ୍କୁ ଚେତାବନୀ ଦିଆଯାଇଛି। କେବଳ ଉପକୂଳବର୍ତ୍ତୀ ସଡ଼କ ପଥରେ ଦକ୍ଷିଣ ଗାଜାକୁ ଯିବା ଲାଗି ଅନୁମତି ରହିଛି। ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଇସ୍ରାଏଲ୍ ସ୍ଥଳଯୁଦ୍ଧ ଆରମ୍ଭ କରିଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଗତ ଜାନୁଆରୀରେ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ହଜାର ହଜାର ପାଲେଷ୍ଟିନୀୟ ଉତ୍ତର ଗାଜାସ୍ଥିତ ସେମାନଙ୍କ ଘରକୁ ଫେରିଥିଲେ। ମଙ୍ଗଳବାର ଇସ୍ରାଏଲ୍ ଉକ୍ତ ଚୁକ୍ତିନାମା ଭଙ୍ଗକରି ପୁଣିଥରେ ଜୋର୍‌ଦାର ଆକ୍ରମଣ କରିବାରୁ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ଇସ୍ରାଏଲ୍‌କୁ ଆମେରିକା ପୂର୍ଣ୍ଣ ସମର୍ଥନ ଦେଉଛି।


ଇସ୍ରାଏଲ୍ ବୋମାମାଡ଼ରେ ଭାଙ୍ଗିଯାଇଥିବା ଏକ ଘର ନିକଟରେ ଜଣେ ମହିଳା ବସିଛନ୍ତି।



ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରୁ ଆନ୍ଦୋଳନକାରୀ କୃଷକମାନଙ୍କୁ ସ୍ଥାନାନ୍ତର କରାଯିବା ପରେ ଗୁରୁବାର କଂକ୍ରିଟ୍ ବ୍ୟାରିକେଡ୍‌ଗୁଡ଼ିକୁ ହଟାଯାଉଛି।

## ୟୁଏଇରେ ୨୫ ଭାରତୀୟଙ୍କୁ ମିଳିଛି ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ, ୨୦।୩

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨୫ ଜଣ ଭାରତୀୟ ନାଗରିକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏହି ଦଣ୍ଡାଦେଶକୁ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ଗୁରୁବାର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ରଖିବା ସମୟରେ ସୂଚନା ଦେଇଛନ୍ତି। ଏହାବ୍ୟତୀତ ସାଉଦି ଆରବରେ ୧୧ ଭାରତୀୟ, ମାଲେସିଆରେ ୬, କୁଏଟରେ ୩, ଇଣ୍ଡୋନେସିଆ, କାତାର, ଆମେରିକା ଏବଂ ୟେମନରେ ଜଣେ ଲେଖାଏ ଭାରତୀୟ ମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ସେ କହିଛନ୍ତି। ୨୦୨୪ରେ କୁଏଟ ଏବଂ ସାଉଦି ଆରବରେ ୩ ଲେଖାଏ ଭାରତୀୟ ନାଗରିକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ସମ୍ପ୍ରତି ବିଦେଶର ବିଭିନ୍ନ ଜେଲରେ ବିଚାରାଧୀନ କଏଦୀଙ୍କୁ ମିଶାଇ ୧୦,୧୫୨ ଜଣ ଭାରତୀୟ ବନ୍ଦୀ ରହିଥିବା ନେଇ କୀର୍ତ୍ତିବର୍ଦ୍ଧନ ସୂଚନା ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ୨ ଭଣଜାଙ୍କ ମଧ୍ୟରେ ଗୁଳିମାଡ଼

**ଜଣେ ମୃତ, ଜଣେ ଗୁରୁତର**

ପାଟନା,୨୦।୩

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ୨ ଭଣଜାଙ୍କ ମଧ୍ୟରେ ସାମାନ୍ୟ ବିବାଦକୁ ନେଇ ଗୁଳିକାଣ୍ଡ ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଓ ସେମାନଙ୍କ ମାଆ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିହାର ଭାଗଲପୁର ଜିଲା ଅନ୍ତର୍ଗତ ନାଓଗାଚିଆର ଜଗତପୁର ଗ୍ରାମରେ ଗୁରୁବାର ସକାଳେ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ କହିଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପାଣି ଟ୍ୟାପ୍‌କୁ ନେଇ ୨ ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ବିବାଦ ବଢ଼ିବା ପରେ ୨ ଭାଇ ପରସ୍ପରକୁ ମାଡ଼ ମାରିବା ସହ ଗୁଳି କରିଥିଲେ। ମୃତକ ବିଶ୍ୱଜିତ ଯାଦବ ହୋଇଥିବାବେଳେ ଆହତ ଭାଇଙ୍କ ନାଁ ଜୟଜିତ। ସେମାନଙ୍କ ମାଆ ହୀନା ଦେବୀ ବିବାଦର ସମାଧାନ ପାଇଁ ଉଦ୍ୟମ କରି ମଧ୍ୟଭାଗକୁ ଆସିଯିବାରୁ ଗୁଳିମାଡ଼ରେ ଆହତ ହୋଇଛନ୍ତି। ସମସ୍ତଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ବିଶ୍ୱଜିତ୍‌ଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଗୁଳି ଓ ଖୋକା ମିଳିଥିବା ନାଓଗାଚିଆ ଏସ୍‌ପି ପ୍ରେରଣା କୁମାରୀ କହିଛନ୍ତି। ବିଶ୍ୱଜିତ ଏବଂ ଜୟଜିତ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦଙ୍କ ଭଉଣୀ ହୀନାଙ୍କ ପୁଅ।

## ୟୁଟ୍ୟୁବ୍ ଭିଡିଓ ଦେଖି ନିଜ ପେଟରେ ଅସ୍ତ୍ରୋପଚାର

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହେଲେ ଯୁବକ**

ମଥୁରା, ୨୦।୩

ଉତ୍ତର ପ୍ରଦେଶର ମଥୁରାସ୍ଥିତ ସୁନରଖ ଅଞ୍ଚଳରେ ପେଟ ଯନ୍ତ୍ରଣା ଭୋଗୁଥିବା ରାଜା ବୃନ୍ଦାବନ(୩୨) ନାମକ ଜଣେ ଯୁବକ ନିଜକୁ ନିଜେ ଅପରେଶନ କରିଛନ୍ତି। ରାଜାଙ୍କର ଡାକ୍ତରୀ କିମ୍ବା ଚିକିତ୍ସା ବୃତ୍ତି ସହ କୌଣସି ସମ୍ପର୍କ ନ ଥିଲା। ତେଣୁ ଅସ୍ତ୍ରୋପଚାର ନେଇ ତାଙ୍କର କିଛି ଜ୍ଞାନ ମଧ୍ୟ ନ ଥିଲା। ତେଣୁ ରାଜା ୟୁଟ୍ୟୁବ୍ ଭିଡିଓ ଦେଖି ଅପରେଶନ କିପରି କରାଯାଏ ତାହା ଶିଖିଥିଲେ ଏବଂ ଏହାକୁ ନିଜ ଠାରେ ପ୍ରୟୋଗ କରିଥିଲେ। ତେବେ ଧୀରେ ଧୀରେ ରାଜାଙ୍କ ଅବସ୍ଥା ବିଗିଡ଼ିବାକୁ ଲାଗିବାରୁ ଗୁରୁତର ଅବସ୍ଥାରେ ଏବେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ରାଜା ବିବିଏ ଅଧ୍ୟୟନ କରିଥିବାବେଳେ ସମ୍ପ୍ରତି ସେ ଚାଷ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ରିପୋର୍ଟ ଅନୁଯାୟୀ, ରାଜା ନିଜର ପେଟ ଯନ୍ତ୍ରଣା ନେଇ ଅନେକ ଥର ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଔଷଧ ସେବନ କରିବା ପରେ ମଧ୍ୟ ତାଙ୍କ ପେଟ ଯନ୍ତ୍ରଣା କମି ନ ଥିଲା। ଫଳରେ ସେ ୟୁଟ୍ୟୁବରେ ଅପରେଶନର ଭିଡିଓ ଦେଖି ନିଜକୁ ନିଜେ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଇଣ୍ଟରନେଟରେ ଆନାସ୍ଥେସିଆର ଇଞ୍ଜେକ୍ସନ ଏବଂ ସର୍ଜିକାଲ ବ୍ଲେଡ୍ ସମ୍ପର୍କରେ ସୂଚନା ନେଇ ସେଗୁଡ଼ିକୁ କିଣିଥିଲେ। ଏହାପରେ ସେ ପେଟ ଯନ୍ତ୍ରଣା ହେଉଥିବା ସ୍ଥାନକୁ ଅପରେଶନ କରିବା ସହ ସେଠାରେ ୧୧ ଥର ଷ୍ଟିଚ୍ ପକାଇଥିଲେ। ତେବେ ଏହାର କିଛି ସମୟ ପରେ ରାଜାଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ଏନେଇ ସେ ତାଙ୍କ ପୁତୁରା ରମେଶ ରାଓ୍ୱଲଙ୍କୁ ଜଣାଇଥିଲେ। ରମେଶ ରାଜାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି।


ଗୁରୁତର ଯୁବକଙ୍କ ଚିକିତ୍ସା ଚାଲିଛି।

## ଫୁର୍‌ସତ

## ରାତି ଶୁଟିଂକୁ ନେଇ ଦୁଃଖୀ ରଶ୍ମିକା


ରଶ୍ମିକା ମନ୍ଦାନା

**ମୁମ୍ବାଇ:** ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ତାଙ୍କର ଆଗାମୀ ଫିଲ୍ମ 'ଥାମା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏହି ଫିଲ୍ମର ଶୁଟିଂ ଶେଟ୍‌ର ଏକ ଫଟୋକୁ ଶେୟାର କରିଛନ୍ତି। ଉକ୍ତ ଫଟୋରେ 'ଥାମା' ନିର୍ଦ୍ଦେଶକ ଆଦିତ୍ୟ ସରପୋତ୍‌ଦାର ଏକ ପ୍ଲାଷ୍ଟିକ ଚେୟାରରେ ବସି ଫିଲ୍ମର ଶୁଟିଂକୁ ତଦାରଖ କରୁଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ରଶ୍ମିକା ଲେଖିଛନ୍ତି, ନିର୍ଦ୍ଦେଶକ ଆଦିତ୍ୟ ଖୁବ୍ ଚତୁର ଏବଂ ଚାଲାକ। ସେ ସର୍ବଦା ତାଙ୍କୁ ମିଠା ମିଠା କଥା କହି ରାତିରେ ଶୁଟିଂ ପାଇଁ ମନାଇ ଦେଇଥାନ୍ତି। ଆଦିତ୍ୟଙ୍କ ଯୋଗୁ ଏବେ ସବୁବେଳେ ତାଙ୍କୁ ରାତିରେ ଶୁଟିଂ କରିବାକୁ ପଡୁଥିବା ରଶ୍ମିକା କହିଛନ୍ତି। ଏବେ ଏହା ହିଁ ତାଙ୍କ ଜୀବନର କାହାଣୀ ବୋଲି ରଶ୍ମିକା ନିଜ ଷ୍ଟୋରିରେ ଲେଖିଛନ୍ତି। ରଶ୍ମିକାଙ୍କ ଏହି ଷ୍ଟୋରିକୁ ଆଦିତ୍ୟ ରି-ଶେୟାର କରିବା ସହ ଲେଖିଛନ୍ତି, ସାଧାରଣ ଲୋକମାନେ ରାତିକୁ ଭୟ କରୁଥିବା ବେଳେ ପିଶାଚମାନଙ୍କୁ ରାତିରେ ସେମାନଙ୍କର ଶକ୍ତି ମିଳିଥାଏ। ତେଣୁ ରାତିରେ ହିଁ ଶୁଟିଂ କରିବାକୁ ପଡ଼ିବ ବୋଲି ଆଦିତ୍ୟ ମଜାଳିଆ ଢଙ୍ଗରେ ଲେଖିଛନ୍ତି। ଏହାର ପ୍ରତିକ୍ରିୟାରେ ରଶ୍ମିକା ଲେଖିଛନ୍ତି, ''ଆପଣ ବହୁତ ସ୍ମାର୍ଟ। କଥାରେ ଆପଣଙ୍କୁ କେହି କାଟିପାରିବେନି। ପିଶାଚଙ୍କୁ କିପରି ଭାବେ ସନ୍ତୁଷ୍ଟ କରାଯିବ ତାହା ମଧ୍ୟ ଆପଣ ଭଲ ଭାବେ ଜାଣନ୍ତି।''

'ଥାମା' ଚଳଚ୍ଚିତ୍ର ଜଣେ ଐତିହାସିକଙ୍କ କାହାଣୀକୁ ନେଇ ଆଧାରିତ, ଯିଏ ଅନେକ ପୁରୁଣା ପୋଥି ଏବଂ ପୁସ୍ତକକୁ ଅଧ୍ୟୟନ କରିବା ସହ ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ କରାଯାଉଥିବା ପିଶାଚଙ୍କ କାହାଣୀ ପଛରେ ଥିବା ସତ୍ୟତାକୁ ଉନ୍ମୋଚନ କରିଥିଲେ। ଚଳିତବର୍ଷ ଦୀପାବଳି ଉପଲକ୍ଷେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ରଶ୍ମିକାଙ୍କ ବିପକ୍ଷରେ ଅଭିନେତା ଆୟୁଷ୍ମାନ୍ ଖୁରାନା ନଜରକୁ ଆସିବେ। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ବଲିଉଡ୍‌ର ବରିଷ୍ଠ ଅଭିନେତା ପରେଶ ରାଓ୍ୱଲ, ନୱାଜୁଦ୍ଦିନ ସିଦ୍ଦିକୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

## ଡିନର ପାଇଁ ଅତିଥିଙ୍କୁ ୩,୮୦୦ ଟଙ୍କା ଚାନ୍ଦା

**ଡେଷ୍ଟିନେଶନ ୱେଡିଂ ନିମନ୍ତ୍ରଣପତ୍ରରେ ସର୍ତ୍ତ**

**ରୋମ୍:** ଗତ କିଛି ବର୍ଷ ଧରି ଡେଷ୍ଟିନେଶନ ୱେଡିଂର ଧାରା ବଢ଼ିବାରେ ଲାଗିଛି। ସାମ୍ପ୍ରତିକ ସ୍ଥିତିରେ ଅନେକ ଲୋକ ନିଜ ସହରରେ ବିବାହ କରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ବିବାହ କରିବାକୁ ପସନ୍ଦ କରୁଛନ୍ତି। ସାଧାରଣତଃ ଡେଷ୍ଟିନେଶନ ୱେଡିଂରେ ଅତିଥିମାନେ ବିବାହରେ ଯୋଗଦେବା ସହ ଭ୍ରମଣ କରିବାକୁ ମଧ୍ୟ ସୁଯୋଗ ପାଇଥାନ୍ତି, ଯାହା ଏହି ବିବାହକୁ ସ୍ୱତନ୍ତ୍ର ଏବଂ ଖାସ୍ କରିଥାଏ। ତେବେ ନିକଟରେ ଡେଷ୍ଟିନେଶନ ୱେଡିଂକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଇଟାଲୀର ଐତିହାସିକ ପର୍ଯ୍ୟଟନ ସହର ଫ୍ଲୋରେନ୍ସରେ ଆସନ୍ତା ଅଗଷ୍ଟରେ ହେବାକୁ ଥିବା ଏକ ଡେଷ୍ଟିନେଶନ ୱେଡିଂରେ ଯୋଗଦେବାକୁ ଅତିଥିମାନଙ୍କୁ ରାତ୍ର ଭୋଜନ ପାଇଁ ଜଣଙ୍କ ପିଛା ୪୦ ୟୁରୋ (୩,୭୮୫ ଟଙ୍କା) ଦେବାକୁ ପଡ଼ିବ। ଏନେଇ ଜଣେ ବ୍ୟକ୍ତି ସୋସିଆଲ ମିଡିଆ ନେଟ୍‌ୱର୍କ ରେଡ୍ଡିଟରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ଅଗଷ୍ଟରେ ଇଟାଲୀର ଫ୍ଲୋରେନ୍ସରେ ହେବାକୁ ଥିବା ଏକ ଡେଷ୍ଟିନେଶନ ୱେଡିଂରେ ଅତିଥି ଭାବେ ଯୋଗଦେବାକୁ ତାଙ୍କୁ ନିମନ୍ତ୍ରଣ ମିଳିଛି। ଏହି ବିବାହରେ ଯୋଗଦେବାକୁ ଅଧିକାଂଶ ଅତିଥି କାନାଡାର ଭାନ୍‌କୋଭର ସହରରୁ ଯୋଗଦେବେ। ତେଣୁ ଅତିଥିମାନେ ନିଜସ୍ୱ ଅର୍ଥରେ ଫ୍ଲୋରେନ୍ସ ପହଞ୍ଚିବା ପାଇଁ ବିମାନ ଟିକେଟ କିଣିବା ସହ ହୋଟେଲରେ ରହଣି ପାଇଁ ମଧ୍ୟ ନିଜସ୍ୱ ଅର୍ଥ ଖର୍ଚ୍ଚ କରିବେ। ଏହାସତ୍ତ୍ୱେ ବିବାହର ୱେଲ୍‌କମ ଡିନର ପାଇଁ ପ୍ରତି ଅତିଥିଙ୍କୁ ୪୦ ୟୁରୋର ଚାନ୍ଦା ମଗାଯାଉଛି। କିଛି ସପ୍ତାହ ତଳେ ତାଙ୍କ ନିକଟକୁ ଉକ୍ତ ଡେଷ୍ଟିନେଶନ ୱେଡିଂର ବିବାହ ନିମନ୍ତ୍ରଣ କାର୍ଡ ଆସି ପହଞ୍ଚିଥିଲା। ଡିନର ପାଇଁ ୪୦ ୟୁରୋ ଦେବାକୁ ପଡ଼ିବ ବୋଲି ଉକ୍ତ କାର୍ଡରେ ଉଲ୍ଲେଖ ରହିଥିଲା। ଏହି ଡେଷ୍ଟିନେଶନ ୱେଡିଂ ପାଇଁ ଅତିଥିମାନେ ବହୁ ଖର୍ଚ୍ଚ କରି ଲମ୍ବା ବିମାନଯାତ୍ରା ଏବଂ ହୋଟଲରେ ରହିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ କେବଳ ରାତ୍ର ଭୋଜନ ପାଇଁ ସେମାନଙ୍କୁ ୪୦ ୟୁରୋ ମାଗିବା କେତେ ଯୁକ୍ତିଯୁକ୍ତ ବୋଲି ସେ ନିଜ ପୋଷ୍ଟରେ ପ୍ରଶ୍ନ କରିଛନ୍ତି। ରେଡ୍ଡିଟରେ ଏହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ବିବାହର ରାତ୍ର ଭୋଜନ ପାଇଁ ଅତିଥିଙ୍କୁ ଅର୍ଥ ମଗାଯିବା ସମ୍ପୂର୍ଣ୍ଣ ଅନୁଚିତ ବୋଲି ବହୁ ରେଡ୍ଡିଟ ୟୁଜର୍ସ ଏହି ପୋଷ୍ଟରେ କମେଣ୍ଟ କରି କହିଛନ୍ତି।



## ୨୫ ସେଲିବ୍ରିଟିଙ୍କ ନାଁରେ ମାମଲା




### କାର୍ଯ୍ୟକାରୀ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଆଲ୍ଲାହାବାଦ ହାଇକୋର୍ଟ ବଦଳି



**କଟକ,୨୦।୩(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳି ପାଇଁ ସୁପ୍ରିମ୍‌କୋର୍ଟ କଲେଜିୟମ ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ସେହିପରି ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଗୁଜରାଟରେ କାର୍ଯ୍ୟରତ ୮ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ସେଠାକାର ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ ମଧ୍ୟ କଲେଜିୟମ ସୁପାରିଶ କରିଛନ୍ତି।

# ହାଇକୋର୍ଟରେ କନ୍‌ଷ୍ଟେବଲ୍ ନିଯୁକ୍ତି ମାମଲା: ଅସମ୍ପୂର୍ଣ୍ଣ ରହିଲା ଶୁଣାଣି

**କଟକ,୨୦।୩(କାର୍ତ୍ତିକ ସାହୁ)**

ବୟସ ଯୋଗ୍ୟତା ଦୃଷ୍ଟିରୁ ଓଡ଼ିଶାରେ ଇଣ୍ଡିଆ ରିଜର୍ଭ ବାଟାଲିୟନ (ଆଇଆର୍‌ବି) କନ୍‌ଷ୍ଟେବଲ୍ ନିଯୁକ୍ତି ଉପରେ ହାଇକୋର୍ଟ ପୂର୍ବରୁ ପ୍ରଦାନ କରିଥିବା ଅନ୍ତରୀଣ ରହିତାଦେଶକୁ ବଳବତ୍ତର ରଖିଛନ୍ତି। ଗୁରୁବାର ମାମଲାର ଶୁଣାଣି ଅସମ୍ପୂର୍ଣ୍ଣ ରହିବାରୁ ହାଇକୋର୍ଟ ପୂର୍ବ ଆଦେଶକୁ ବଳବତ୍ତର ରଖିଛନ୍ତି। ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆସନ୍ତା ସୋମବାର ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି।



**୨୪ରେ ଚୂଡ଼ାନ୍ତ ଶୁଣାଣି**

ସୂଚନାନୁସାରେ, ଆଇଆରବିରେ ୧୮୦୦ରୁ ଅଧିକ କନ୍‌ଷ୍ଟେବଲ୍ ପଦବୀ ପାଇଁ ନିଯୁକ୍ତି ଚଳିତ ମାସ ୧୭ ତାରିଖରେ ଆରମ୍ଭ ହେବାକୁ ଥିଲା। ବିଜ୍ଞପ୍ତି ପୂର୍ବରୁ ୬ ବର୍ଷ ଧରି ଆଇଆର୍‌ବି କନଷ୍ଟେବଲ୍ ପଦବୀ ପାଇଁ ନିଯୁକ୍ତି ପ୍ରକାଶ କରାଯାଇ ନ ଥିଲା। ତେଣୁ ବୟସ କାରଣରୁ ଅନେକ ଚାକିରି ଆଶାୟୀ ପଦବୀ ପାଇଁ ଆବେଦନ କରିବାର ସୁଯୋଗ ପାଇ ନ ଥିଲେ। ଫଳରେ ଅଧିକ ବୟସର ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ଏପରି ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିବାକୁ ହାଇକୋର୍ଟରେ ଏକାଧିକ ଆବେଦନ କରାଯାଇଥିଲା।

# ଓଡ଼ିଶାରେ ଖୋଲିବ ସେଣ୍ଟର ଅଫ୍ ଏକ୍ସେଲେନ୍ସ

**ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)**

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଲୋକସେବା ଭବନଠାରେ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ସେ ଏହି ଅବସରରେ ଆଲୋଚନା କରିଥିଲେ। ବୈଠକରେ ଓଡ଼ିଶାରେ ଅଧିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ବଜେଟରେ ଦକ୍ଷତା ବିକାଶ କ୍ଷେତ୍ରରେ ୫ଟି ସେଣ୍ଟର ଅଫ୍ ଏକ୍ସେଲେନ୍ସର ପ୍ରାବଧାନ ରଖାଯାଇଛି। ସେଥିରୁ ଗୋଟିଏ ଓଡ଼ିଶାରେ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ଓଡ଼ିଶାର ଆଇଟିଆଇଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଆହୁରି ଅଧିକ 'ବିଶ୍ୱ ଦକ୍ଷତା କେନ୍ଦ୍ର' ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ମଲ୍ଟି-ଲାଙ୍ଗୁଏଜ ଟ୍ରେନିଂ ସେଣ୍ଟର, ଜନଜାତି ବହୁଳ ଅଞ୍ଚଳରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ପିଏମ୍- ଜନମନ୍ ଯୋଜନାରେ ଆଇଟିଆଇକୁ ଅନ୍ତର୍ଭୁକ୍ତ କରାଯିବ। କେନ୍ଦ୍ରମନ୍ତ୍ରୀ ଏ ସବୁ ପ୍ରସ୍ତାବ ଉପରେ ସକାରାତ୍ମକ ମତାମତ ଦେଇ ଖୁବ୍‌ଶୀଘ୍ର ଏଗୁଡ଼ିକ ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।



ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ମା' ହେଲେ କଲେଜ ଛାତ୍ରୀ

### ଡାକ୍ତରଖାନା ଶୌଚାଳୟରେ ଜନ୍ମ ଦେଲେ ମୃତ ଶିଶୁପୁତ୍ର

**ନୟାଗଡ଼,୨୦।୩(ଲୋକନାଥ ମିଶ୍ର)**

ନୟାଗଡ଼ର ଜଣେ କଲେଜ ଛାତ୍ରୀ ମା' ହୋଇଛନ୍ତି। ସେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଶୌଚାଳୟରେ ଗୁରୁବାର ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଏହି ଛାତ୍ରୀ ୨ବର୍ଷ ହେବ କଲେଜ ଛାତ୍ରୀ ନିବାସରେ ରହୁଥିଲେ। ତାଙ୍କ ଘର କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ ବୋଲି ସୂଚନା ମିଳିଛି। ଗୁରୁବାର ସକାଳେ ଛାତ୍ରୀଜଣକ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପେଟ କାଟୁଥିବା ଭାବି ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ଛାତ୍ରୀଜଣକ ପରିସ୍ରା କରିବାକୁ ଶୌଚାଳୟକୁ ଯାଇଥିଲେ। ସେଠାରେ ସେ ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏହି ଘଟଣା ପରେ ଛାତ୍ରୀଜଣକ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେ ୫ମାସର ଅପରିପକ୍ୱ ଶିଶୁ ଜନ୍ମ ଦେଇଛନ୍ତି ବୋଲି ଡାକ୍ତର କହିଛନ୍ତି। ହଷ୍ଟେଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଛାତ୍ରୀ ଜଣକ ଗର୍ଭବତୀ ଥିବା ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ କିଛି ଜାଣି ନ ଥିବା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଛାତ୍ରୀଙ୍କ ସମ୍ପର୍କରେ କିଛି ନ ଜାଣିବା କହିବା ପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷେ ହଷ୍ଟେଲକୁ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରମାନେ ଆସିଥାଆନ୍ତି। ହେଲେ କିପରି ଏହି ଘଟଣା ଜଣାପଡିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ନୟାଗଡ଼ ଟାଉନ ଥାନା ପୋଲିସ ସେହି ଅପରିପକ୍ୱ ଶିଶୁପୁତ୍ରର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଯାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୫) ରୁଜୁ ହୋଇଛି। ଛାତ୍ରୀଙ୍କ ମା'ବାପା ନୟାଗଡ଼ରେ ପହଞ୍ଚିଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୯ ଜିଲାରେ ସୁନାଖଣି: ମନ୍ତ୍ରୀ

**ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)**

ଓଡ଼ିଶାର ୯ଟି ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ଯେ, ରାଜ୍ୟରେ ଦେବଗଡ଼ ଜିଲାର ଆଡାସ-ରାମପାଲ୍ଲୀ ଅଞ୍ଚଳରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ତମ୍ବାପଥର ପାଇଁ ଜି-୨ସ୍ତରରେ ଅନ୍ୱେଷଣ ବେଳେ ସୁନାପଥର ସନ୍ଧାନ ମିଳିଛି। ସେହିପରି ମୟୂରଭଞ୍ଜ ଜିଲାର ଯଶୀପୁର, ସୁରିଆଗୁଡା, ରୁଆଁସି, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ ଏବଂ ବାଦାମପାହାଡ ଅଞ୍ଚଳରେ ସୁନାଖଣି ଲାଗି ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ଏହାବ୍ୟତୀତ ସୁନ୍ଦରଗଡ, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲାରେ ବି ସୁନା ଖଣି ଥିବା ସୂଚନା ମିଳିଛି। ମନ୍ତ୍ରୀ କହିଥିଲେ ଯେ,ଖଣିଗୁଡ଼ିକର ନିଲାମର ଦର ସ୍ଥିର କରାଯାଇ ନଥାଏ। ସରକାର ନିଲାମ ପୂର୍ବରୁ ଖଣିର ସଂରକ୍ଷଣ ଦର ସ୍ଥିର କରିଥାନ୍ତି, ଯାହାକି ମାସିକ ଖଣିଜ ପଦାର୍ଥ ପରିବହନ ମୂଲ୍ୟର କିଛି ପ୍ରତିଶତ ହୋଇଥାଏ। ତେବେ ଏଯାଏ କୌଣସି ସୁନାଖଣିର ନିଲାମ ରାଜ୍ୟ ସରକାର କରି ନାହାନ୍ତି ବୋଲି ମନ୍ତ୍ରୀ କହିଥିଲେ।

# ୨୪ରୁ ବି.ଏଡ୍., ଏମ୍.ଏଡ୍. ନାମଲେଖା ଆବେଦନ

### ଜୁନ୍‌ରେ ପ୍ରବେଶିକା ପରୀକ୍ଷା, ଜୁଲାଇରୁ ପାଠପଢ଼ା

**ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)**

ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଦୁଇବର୍ଷିଆ ବି.ଏଡ୍./ଏମ୍.ଏଡ୍./ ବି.ଏଚ୍.ଏଡ୍. ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଏହି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ସୂଚନାନୁସାରେ, ଏହି ୩ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀଙ୍କ ପାଇଁ ଆସନ୍ତା ୨୪ ତାରିଖଠାରୁ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ପୂରଣ ପ୍ରକ୍ରିୟା ଆରମ୍ଭ କରାଯିବ। ବିଗତ ବର୍ଷ ଭଳି ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ମଧ୍ୟ ପ୍ରବେଶିକା ପରୀକ୍ଷାକୁ ଗୁରୁତ୍ୱ ଦିଆଯିବ। ପ୍ରବେଶିକା ମାର୍କ ଆଧାରରେ ହିଁ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଜୁନ ପ୍ରଥମ ସପ୍ତାହରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିସହ ଜୁଲାଇ ୨୪ ସୁଦ୍ଧା ବି.ଏଡ୍./ଏମ୍.ଏଡ୍./ ବି.ଏଚ୍.ଏଡ୍. ପାଠପଢ଼ା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଠିକ୍ ସମୟରେ ପାଠ୍ୟକ୍ରମ ଶେଷ ହେବା ସହ ଠିକ୍ ସମୟରେ ପରୀକ୍ଷା କରାଯାଇ ଫଳାଫଳ ବାହାରିପାରିବ। ଏହା ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରେ ସହାୟକ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଦହିବରା ଖାଇ ଶତାଧିକ ଅସୁସ୍ଥ



ଅସୁସ୍ଥମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

**ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୦।୩**

ଯାଜପୁର ଜିଲା ବରୀ ବ୍ଲକର ୩ ପଞ୍ଚାୟତ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଘରକୁ ଘର ବୁଲି ବିକ୍ରି ହୋଇଥିବା ଦହିବରା ଖାଇ ୧୬୩ ଜଣ ଅସୁସ୍ଥ ହୋଇ ପଡିଛନ୍ତି। ଏଥିରେ ଚନ୍ଦନପୁର ପଞ୍ଚାୟତର ଚନ୍ଦନପୁର ଓ ଜଗନ୍ନାଥପୁର, ସାହୁପଡା ପଞ୍ଚାୟତର ହଳଦୀବସନ୍ତ ଓ ସାହୁପଡା ଏବଂ ଧାରପୁର ପଞ୍ଚାୟତର ଧାରପୁର ଗ୍ରାମବାସୀ ରହିଛନ୍ତି। ଅସୁସ୍ଥ ବ୍ୟକ୍ତିମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ନରେ ଭର୍ତ୍ତି କରାଯାଇଥିଲା। ଦହିବରା ବିକାଳି ଓଲିପୁର ଅଞ୍ଚଳର ରମେଶ ଚନ୍ଦ୍ର ନାଥ(୩୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏହାସହ ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଡାକ୍ତର ସବ୍ୟସାଚୀ ଦାସ ପ୍ରକାଶ କରିଛନ୍ତି। ରମେଶ ପ୍ରତିଦିନ ଦହିବରା ଘରକୁ ଘର ବୁଲି ବିକ୍ରି କରିଥାନ୍ତି। ଗୁରୁବାର ସକାଳେ ଦହିବରା ଖାଇବା ପରେ ଲୋକମାନେ ପେଟରେ ଯନ୍ତ୍ରଣା ଅନୁଭବ କରିବା ସହିତ ଝାଡ଼ାବାନ୍ତିରେ ଜଣକ ପରେ ଜଣେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ପରିବାର ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ବରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବେଡ୍ ଅଭାବରୁ ଶତାଧିକ ରୋଗୀ ତଳେ ଗଡୁଥିବା ଦେଖିବାକୁ ମିଳିଥିଲା। ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ବିଜେଡି ବ୍ଲକ ସଭାପତି କେଦାର ଚନ୍ଦ୍ର ସାମଲ, ଅଲିପୁର ସରପଞ୍ଚ ମଧୁସ୍ମିତା ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଣ୍ଡୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ କୁମାର ସାମଲ ଓ ସନ୍ତୋଷ ସାମଲ ପ୍ରମୁଖ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

**ବରୀ ବ୍ଲକର ୩ ପଞ୍ଚାୟତରେ ଆତଙ୍କ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ଭବିଷ୍ୟତର ନିର୍ମାଣ ସୂତ୍ରଧର ଟ୍ରଷ୍ଟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ୬୦ତମ ଆନୁଆଲ୍ ଆଥ୍‌ଲେଟିକ ମିଟ୍, ସ୍ଥାନ: ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଡୁକେଶନ, ସମୟ: ଅପରାହ୍ନ ୪ଟା।

## ପୁରୀ
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଶ୍ଚିମାଶନ୍ତୁ ଯୁବ ସଙ୍ଗଠନ, ହରିରାଜପୁରଙ୍କ ମିଳିତ ସହଯୋଗରେ ବିଶ୍ୱ କବିତା ଦିବସରେ କବିତା ପାଠ ଓ ପତ୍ରିକା ଉନ୍ମୋଚନ ଏବଂ ସାରସ୍ୱତ ସଭା, ସ୍ଥାନ: ହରିରାଜପୁର ମେଳଣ ପରିସର, ଡେଲାଙ୍ଗ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଶ୍ରୀରାମ ନବମୀ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ମୋବାରକପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଦୋଳ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ବାଲିମେଦ ଦୋଳ ପଡ଼ିଆ, ବାସୁଦେବପୁର, ସମୟ: ରାତି ୮ଟା।

## କେନ୍ଦୁଝର
- ବିଶ୍ୱ ଜଙ୍ଗଲ ଦିବସ-୨୦୨୫ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ବିଶ୍ୱ ବନଦିବସ ପାଳନ, ସ୍ଥାନ: ସଙ୍କଳ୍ପ ମଣ୍ଡପ, ବାରିପଦା ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ବିଶ୍ୱ ବନ ଦିବସ ପାଳନ,ସ୍ଥାନ: ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ,ସମୟ: ସକାଳ ୯ଟା ୩୦।
- ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ ପାଳନ,ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ଜଟାଧାରିମୁହାଁଣ ସାମୁଦ୍ରିକ ଥାନା ପୋଲିସ, ଷଣ୍ଢେକୁଦ ୟୁଥ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଷଣ୍ଢେକୁଦ ପାଖ ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୨ଟା।
- ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ହିନ୍ଦୀ ନାଟକ 'ଗୁଦାଲି' ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା, ସ୍ଥାନ: କମଳ ଭବନ, ଗୋପ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ବଳଦେବ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ : ପୂର୍ବାହ୍ନ ସାଢେ ୧୧ଟା।

## ନୟାଗଡ଼
- ପଞ୍ଚୁଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ:ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡ଼ିଆ, ସମୟ:ସକାଳ ୭ଟା।
- ୨୭ତମ ବାର୍ଷିକ ଯଜ୍ଞୋତ୍ସବର ୨ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକର ଶ୍ରୀ ଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ବନଦୁର୍ଗାଙ୍କର ବାର୍ଷିକୋତ୍ସବର ଅନ୍ତିମ ଦିବସ, ସ୍ଥାନ:ସିଂଘାପଡାର କୁଞ୍ଜବିହାରୀ ପ୍ରସାଦ, ସ୍ଥାନ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଇକୋ କ୍ରାଫ୍ଟ, ସ୍ଥାନ: ବିକ୍ରମ ଦେବ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁର, ସମୟ: ଅପରାହ୍ନ ୩ଟା।

## ମାଲକାନଗିରି
- ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପନୀ, ସ୍ଥାନ: ମାଥିଲି ମିନିଷ୍ଟାଡିୟମ୍, ସମୟ: ରାତି ୮ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ରେ ନାଟକ ଭାବ ନୁ ଅଭାବ ମଞ୍ଚସ୍ଥ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା ୩୦।
- . କଲମ ଅନୁଷ୍ଠାନ ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଚାଷୀଙ୍କୁ ନେଇ ସାଧାରଣ ପରିଷଦ ବୈଠକ, ସ୍ଥାନ: ସିଆଲବାହାଲି, ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା।
- ବହୁଭାଷୀ କବି ସମ୍ମେଳନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- କୁଡ଼ମାଲି ସାଂସ୍କୃତିକ ଆଖଡା ପକ୍ଷରୁ ଝୁମର ସନ୍ଧ୍ୟା, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।
- ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଜାତୀୟ ନାଟକ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା ସଭାନେତ୍ରୀଙ୍କ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ସେକ୍ଟର-୨ ସାହାନାଇ ଭବନ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତାଲପାଲି, ଗାଇସିଲେଟ,ସମୟ: ସକାଳ ୮ଟା।
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ,ସ୍ଥାନ: ଅନୁଷ୍ଠାନ ପରିସର, ଚକରକେନ୍ଦ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ଆଇବିସି ପିଙ୍କ ପାୱାର କାର୍ଯ୍ୟକ୍ରମ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ଅପରାହ୍ନ ୫ଟା।

## କଳାହାଣ୍ଡି
- ମତଦାନ ଉପରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବେଆଇନ ଜରିମାନାକୁ ନେଇ ଟ୍ରାକ୍ଟର ମହାସଙ୍ଘ ପକ୍ଷରୁ ଟ୍ରାକ୍ଟର ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ରେଲୱେ ଛକଠାରୁ କକ୍ଷାକେନ୍ଦ୍ରୁ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଗଣମାଧ୍ୟମକୁ ବିଶ୍ୱ ବନୀକରଣ ଦିବସ-୨୦୨୫ ପାଳନ, ସ୍ଥାନ: ଫରେଷ୍ଟ ବାରାକ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମୟୂର ଚନ୍ଦ୍ରିକା ଗୋପାଳ ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: ମୁଣ୍ଡ ଗୋହିରା, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହରୀ ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ,ରାମେଶ୍ୱର ମନ୍ଦିର ପରିସର, ସମୟ:ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଁପିଲିରେ ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ:ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ:ସକାଳ ୯ଟା।
- ବୀରମହାରାଜପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ:ରାଣୀପୁର ସ୍ଥିତ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ପଞ୍ଚାୟତ ସମିତିର ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ନେଇ ପଞ୍ଚାୟତିରାଜ ସଚିବଙ୍କ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ:ପଞ୍ଚାୟତ ସମିତି ଓସୱାନ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ:ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଇଚ୍ଛାପୁର ଗାଁର ଉପରପଡ଼ା, ସମୟ: ଅପରାହ୍ନ ୧ଟା ୧୮।
- ଚଇତି ପର୍ବ ବିହନ ଛିନ୍ନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଜଟଗଡ ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ନିଆଁ ନିରାକରଣ ପାଇଁ ସଚେତନତା ଶିବିର, ସ୍ଥାନ: ଲଇକେରା ଫରେଷ୍ଟ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଷ୍ଟମ ଚନ୍ଦ୍ରଜନିତ ସମସ୍ୟା ଲାଗିରହିବା କାରଣରୁ ଗତକାଲିଠାରୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବିଭିନ୍ନ ଦିଗରୁ ପରିବାରର ଖର୍ଚ୍ଚ ପରିମାଣ ବଢ଼ି ବଢ଼ି ଯିବା ହେତୁ ଚିନ୍ତିତ ରହିପାରନ୍ତି। ଆର୍ଥିକ ଅଭିବୃଦ୍ଧି ସକାଶେ ବିଭିନ୍ନ ପ୍ରକାରର ଯୋଜନା କରି ଖୁସି ରହିବେ।

**ବୃଷ** ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି ଯୋଗୁ ଆଜି ଆଳସ୍ୟ ଅନୁଭବ କରିବେ ଓ କାମ କରିବାକୁ ଆଦୌ ଇଚ୍ଛା ହେବନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ଆନୁଷ୍ଠାନିକ କାମଗୁଡିକ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ମିଥୁନ** ରାଶିରେ ମଙ୍ଗଳ ଅବସ୍ଥାନ କରୁଥିବାରୁ ବନ୍ଧୁ ଗହଣରେ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ। ବହୁତ ଦିନର ପ୍ରଚେଷ୍ଟା ଆଜି ଫଳବତୀ ହେବ ଏବଂ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ। କ୍ରନିକ ରୋଗରେ ଶାରୀରିକ କଷ୍ଟ ଅନୁଭବ କରିବେ। ଆଗାମୀ ଦିନରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**କର୍କଟ** କୋଣଭାବସ୍ଥ ନୀଚସ୍ଥ ରାଶ୍ୟାଧିପତି ହେତୁ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ। କଳା, ସାହିତ୍ୟ ଓ କ୍ରୀଡ଼ା ପ୍ରୀତିପ୍ରଦ ହେବାର ସୂଚନା ରହିଛି। ପାରିବାରିକ କ୍ଷେତ୍ରରେ ବିବାଦୀୟସ୍ଥିତିକୁ ଜାଣିଶୁଣି ଚୁପ୍ ରହିବାକୁ ବାଧ ହେବେ।

**ସିଂହ** ନବମସ୍ଥ ଏକାଧିକଗ୍ରହ ଯୋଗରୁ ବିଭିନ୍ନ କାରଣକୁ କେନ୍ଦ୍ରକରି ଆଜି ମନ ଚଳ ଚଞ୍ଚଳ ରହିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସାହିତ୍ୟ, ସଂସ୍କୃତି ତଥା କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ରାଶିକୁ ଚତୁଃଗ୍ରହ ଦୃଷ୍ଟି ଥିବାରୁ ବନ୍ଧୁଙ୍କ ସାହାଯ୍ୟ ଲାଭକରି କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ପାରିବାରିକ ଖର୍ଚ୍ଚ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ , ପ୍ରକାଶନ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ।

**ତୁଳା** ଧନାଧିପଙ୍କ ଦୃଷ୍ଟିରୁ ଅଟକି ରହିଥିବା ପ୍ରାପ୍ୟ ଆଜି ପାଇଯିବେ। ଆଜିର ସକାଳୁଆ ଯାତ୍ରା ପ୍ରାୟତଃ ଶୁଭପ୍ରଦ ହେବ କିନ୍ତୁ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ତଥାପି ଆପଣ ପ୍ରିୟକଥା କହି ସମସ୍ୟା ସମାଧାନ କରିବେ।

**ବିଛା** କର୍ମାଧିପଙ୍କ ଶୁଭଦ୍ୱ ହେତୁ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବା ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶାରୀରିକ ସୁସ୍ଥତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ଚିନ୍ତାମୁକ୍ତ ହୋଇପାରନ୍ତି। ପରିସ୍ଥିତି ଓ ପରିବେଶକୁ ଆଖିଆଗରେ ରଖି ନିଜକୁ ଆଡଜଷ୍ଟ କରିନେବା ଭଲ ହେବ।

**ଧନୁ** ବୃହସ୍ପତି ରାଶିର ଷଷ୍ଠସ୍ଥ ଯୋଗୁ ପରିବାରର ଅତୀତ ଘଟଣାକୁ ନେଇ ମନ ଭାରାକ୍ରାନ୍ତ ରହିବ। କୌଣସି ପୂର୍ବ ଘଟଣାକୁ କେନ୍ଦ୍ର କରି ମନରେ କିଛି ଭୟ ଓ ଆଶଙ୍କା ଦେଖାଦେଇପାରେ। ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ମକର** ଧନାଧିପଙ୍କ ସ୍ୱଗୃହାବସ୍ଥାନ ହେତୁ ଆଶା ପୂରଣ ହେବାରେ ଅସୁବିଧା ରହିବ ନାହିଁ। ପ୍ରଶାସନିକ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ଦେବାକୁ ପଡିପାରେ। ବୁଝାମଣା ଅଭାବରୁ ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କୁମ୍ଭ** ଗୁରୁଙ୍କ ଅନୁକମ୍ପାରୁ ଆଜି ପରିବାରରେ ହସଖୁସିର ବାତାବରଣରୁ ମନ ହାଲୁକା ରହିବ। ବନ୍ଧୁ ଓ ପରିଜନଙ୍କ ସହିତ ତରବରିଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବାକୁ ଶ୍ରେୟ ମନେ କରିପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ମୀନ** ଦ୍ୱିତୀୟଭାବ ଶନି ଦୃଷ୍ଟ ଯୋଗୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ଅଯଥା କଷ୍ଟ ଅନୁଭବ କରିବେ। ସାମାଜିକ ସ୍ତରରେ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିପାରେ। ବନ୍ଧୁ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହୋଇପାରନ୍ତି। ଫାଇଦା ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

ଆଜି ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ କାବ୍ୟ ଦିବସ, ଚୈତ୍ର କୃଷ୍ଣ ସପ୍ତମୀ ଶୁକ୍ରବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୩ଗତେଘ.୦୬.୪୧ମଧ୍ୟେ,ଘ.୦୭.୨୯ଗତେଘ.୦୮.୫୩ମଧ୍ୟେ ଶୁଦ୍ଧ ଶୁଭ ବେଳା ।ଦିବା ଘ.୧୦.୨୩ ଗତେ ଘ.୧୧.୫୩ ମଧ୍ୟେ ରାହୁ କାଳ ।

# ଆଦିତ୍ୟଙ୍କୁ କୋର୍ଟକୁ ଟାଣିଲେ ଦିଶାଙ୍କ ବାପା

**୨୦୨୦ ଜୁନ୍ ୧୪ରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍(୩୪)ଙ୍କ ମୃତ୍ୟୁ ଖବର ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। କିନ୍ତୁ ଏହାର ସପ୍ତାହେ ପୂର୍ବରୁ ଘଟିଥିବା ଆଉ ଏକ ହାଇପ୍ରୋଫାଇଲ୍ ମାମଲା ଚର୍ଚ୍ଚା ଆଢୁଆଳରେ ରହିଯାଇଥିଲା। ତାହା ହେଉଛି ସେଲିବ୍ରିଟି ମ୍ୟାନେଜର ଦିଶା ସାଲିଆନ୍‌ଙ୍କ ରହସ୍ୟମୟ ମୃତ୍ୟୁ (ହତ୍ୟା/ଆତ୍ମହତ୍ୟା)। ଯୁଥ୍ ଆଇକନ୍ ପାଲଟିଥିବା ସୁଶାନ୍ତଙ୍କ ମ୍ୟାନେଜର ଦିଶାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ତାଙ୍କ ବାପା ସତୀଶ ସାଲିଆନ୍ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝିଅର ହତ୍ୟାରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଶିବସେନା ଯୁବିଟି ନେତା ଆଦିତ୍ୟ ଠାକ୍‌ରେଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ସେ ଏହାର ସିବିଆଇ ତଦନ୍ତ ଦାବି କରିଥିବାରୁ ମାମଲାଟି ରାଜନୈତିକ ପାଣିପାଗରେ ଉଷ୍ମତା ଭରିଦେଇଛି। ଏପରି କି ରାଜ୍ୟ ବିଧାନସଭାରେ ମଧ୍ୟ ଦିଶାଙ୍କ ହତ୍ୟା ପ୍ରସଙ୍ଗ ସରଗରମ ହୋଇଛି।**

## ମହାରାଷ୍ଟ୍ରରେ ରାଜନୈତିକ ଝଡ଼

### ଝିଅକୁ ବଳାତ୍କାର ଓ ହତ୍ୟା କରାଯାଇଥିଲା, ସିବିଆଇ ତଦନ୍ତ କରୁ: ସତୀଶ ସାଲିଆନ୍


ଦିଶା ସାଲିଆନ୍


ଆଦିତ୍ୟ ଠାକ୍‌ରେ


ସୁଶାନ୍ତ ସିଂ ରାଜପୁତ୍

ମୁମ୍ବାଇ,୨୦।୩

୨୦୨୦ ଜୁନ୍ ୮। ସମୁଦ୍ର ଉପକୂଳ ମାୟାନଗରୀରେ ପ୍ରଚଣ୍ଡ ଗ୍ରୀଷ୍ମର ତାତିରୁ ନିସ୍ତାର ପାଇଁ ମଲାଡ଼ରେ ଏକାଠି ହୋଇଥାଆନ୍ତି କେତେଜଣ ଯୁବତୀଯୁବକ। ଏହା ଥିଲା ବଲିଉଡ୍ ଷ୍ଟାର ସୁଶାନ୍ତ ସିଂ ରାଜପୁତ୍‌ଙ୍କ ୨୮ ବର୍ଷୀୟା ମ୍ୟାନେଜର ଦିଶା ସାଲିଆନ୍‌ଙ୍କ ପାର୍ଟି। ମୁମ୍ବାଇ ଉପକଣ୍ଠ ମଲାଡ଼ର ଏକ ୧୪ ମହଲା ବିଶିଷ୍ଟ ଫ୍ଲାଟ୍‌ରେ ପାର୍ଟି ଚାଲିଥିବାବେଳେ ରାତି ପ୍ରାୟ ଗୋଟାଏରେ ହଠାତ୍ ଆସିଥିଲା ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଖବର। ମିଳିଥିଲା ଦିଶାଙ୍କ ମୃତଦେହ। ସେତେବେଳେ କେହିକେହି କହିଥିଲେ, ଦିଶା ଉକ୍ତ ଆପାର୍ଟମେଣ୍ଟରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଆଉ କେତେକେ ହତ୍ୟା ଅଭିଯୋଗ ଆଣିଥିଲେ। ମୁମ୍ବାଇ ପୋଲିସର ୩ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିଲା। କିନ୍ତୁ ଏହାର ୬ ଦିନ ପରେ ଅଭିନେତା ସୁଶାନ୍ତଙ୍କ ମୃତ୍ୟୁ ତାଙ୍କ ବାନ୍ଦ୍ରା ଆପାର୍ଟମେଣ୍ଟରେ ଘଟିବାରୁ ଦିଶାଙ୍କ ମାମଲାର ତଦନ୍ତରେ ସେତେଟା ଅଗ୍ରଗତି ଆସିପାରି ନ ଥିଲା। ଏସ୍‌ଆଇଟି ଏହାକୁ ଏକ ଆକସ୍ମିକ ମୃତ୍ୟୁ କହି ଫାଇଲ୍ ଏକପ୍ରକାର କ୍ଲୋଜ୍ କରିଦେଇଥିଲା। ଏପରି କି ସୁଶାନ୍ତଙ୍କ ମୃତ୍ୟୁ ସହ ଦିଶାଙ୍କ ମୃତ୍ୟୁର କିଛି ସମ୍ପର୍କ ନାହିଁ ବୋଲି ପୋଲିସ କହିଥିଲା। ଏବେ ଏହି ମାମଲା ରାଜନୈତିକ ଝଡ଼ ସୃଷ୍ଟି କରିଛି।

ଦିଶାଙ୍କ ବାପା ସତୀଶ ବୁଧବାର ବମ୍ବେ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ପାର୍ଟି ଚାଲିଥିବା ରାତିରେ ତାଙ୍କ ଝିଅଙ୍କୁ ବଳାତ୍କାର କରାଯାଇଥିଲା। ଏପରି କି ଅପରାଧର ପ୍ରମାଣ ଲିଭାଇବା ପାଇଁ ତାଙ୍କୁ ହତ୍ୟା କରାଯାଇଥିଲା। ଏକ ରାଜନୈତିକ ଷଡ଼ଯନ୍ତ୍ର କ୍ରମେ ଏସବୁ କରାଯାଇଥିଲା, ଯହିଁରେ ଶିବସେନା (ୟୁବିଟି) ନେତା ଆଦିତ୍ୟଙ୍କ ସମ୍ପୃକ୍ତି ରହିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ଭାର ଦିଆଯାଉ। ଦିଶାଙ୍କ ହତ୍ୟାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଉ ବୋଲି ସତୀଶ ଉଚ୍ଚ ଅଦାଲତଙ୍କ ନିକଟରେ ନିବେଦନ କରିଛନ୍ତି। ସତୀଶଙ୍କ ଅଭିଯୋଗ ହେଲା, ସେତେବେଳେ ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ରାଜନୈତିକ ସୁରକ୍ଷା ଦେବା ପାଇଁ ଅନେକ କସରତ କରାଯାଇଥିଲା। ସତୀଶଙ୍କ ଓକିଲ ନୀଲେଶ ସି. ଓଝା କହିଛନ୍ତି, ତତ୍କାଳୀନ ଗୃହମନ୍ତ୍ରୀ ଅନୀଲ ଦେଶମୁଖ ଆଦିତ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଉଦ୍ୟମ କରିଥିଲେ। ଆଦିତ୍ୟଙ୍କ ବିରୋଧରେ ଏଫ୍‌ଆଇଆର୍ ସହ ନୂଆକରି ତଦନ୍ତ କରାଯାଉ ବୋଲି ସତୀଶ କହିଛନ୍ତି। ଅନ୍ୟପକ୍ଷେ ଶିବସେନା ନେତା ଆଦିତ୍ୟ ସତୀଶଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆଦିତ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୨୦୨୦ ଜୁନ୍‌ରେ ଦିଶାଙ୍କ ଆକସ୍ମିକ ମୃତ୍ୟୁ ମାମଲାରେ ତାଙ୍କ ନାମ ଯୋଡ଼ାଯାଉଛି। ତାଙ୍କ ଭାବମୂର୍ତ୍ତି ମଳିନ କରିବା ପାଇଁ ଏହା ଉଦ୍ଦିଷ୍ଟ। ହାଇକୋର୍ଟରେ ସେ ନିଜ ପକ୍ଷ ରଖିବେ। ଭାଜପା ସଦସ୍ୟମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପୁଅଙ୍କୁ ଟାର୍ଗେଟ କରିବାକୁ ସୁଯୋଗ ପାଇଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ଯୋଗେଶ କଦମ କହିଛନ୍ତି, ଯିଏ ହୁଅନ୍ତୁ, ସେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସତ ସାମ୍ନାକୁ ଅଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।

> ୨୦୨୦ ଜୁନ୍ ୮ ରାତିରେ ଘଟିଥିବା ଦିଶା ସାଲିଆନ୍‌ଙ୍କ ଆକସ୍ମିକ ମୃତ୍ୟୁ ମାମଲାରେ ମୋ ନାମକୁ ଉଦ୍ଦେଶ୍ୟମୂଳକ ଭାବେ ଯୋଡ଼ାଯାଉଛି। ମୋ ଭାବମୂର୍ତ୍ତି ମଳିନ କରିବା ପାଇଁ ଏହା ଉଦ୍ଦିଷ୍ଟ। ହାଇକୋର୍ଟରେ ମୁଁ ନିଜ ପକ୍ଷ ରଖିବି।
> -ଆଦିତ୍ୟ ଠାକ୍‌ରେ, ଶିବସେନା ୟୁବିଟି ନେତା

## ପ୍ରଥମ ପୃଷ୍ଠାରୁ...

### ଆଜିଠାରୁ ସକାଳୁଆ...

ମରାମତି କରାଯିବ। ଅଭିଭାବକମାନେ ପିଲାଙ୍କୁ ସାଙ୍ଗରେ ପାଣି ବୋତଲ ଦେଇ ପଠାନ୍ତୁ। ଶିକ୍ଷୟତ୍ରୀଶିକ୍ଷକଙ୍କ ସମେତ ଅଭିଭାବକମାନେ ପିଲାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ତେବେ ସ୍ଥାନୀୟ ପାଣିପାଗ ସ୍ଥିତି ଉପରେ ନଜର ରଖି ଜିଲାପାଳମାନେ ବିଦ୍ୟାଳୟଗୁଡିକର ସମୟ ପରିବର୍ତ୍ତନ କରିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### କେନ୍ଦ୍ର ବିରୋଧରେ...

କଣ୍ଟେଣ୍ଟଗୁଡ଼ିକ ଉପରେ ଲଗାମ ଲଗାଇବା ପାଇଁ କେନ୍ଦ୍ର ସରକାର ୨୦୦୦ ମସିହାରେ ଆଇଟି ଆଇନ ପ୍ରଣୟନ କରିଥିଲେ। ତେବେ ଏହାର କେତେକ ନିୟମକୁ ସେତେବେଳେ ଏକାଧିକ ପିଟିଶନ ଜରିଆରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଆଇନଜୀବୀ ଶ୍ରେୟା ସିଂହଲ ବନାମ କେନ୍ଦ୍ର ସରକାର ମାମଲାରେ ସର୍ବୋଚ୍ଚ ଅଦାଲତ ଏହି ଆଇନର ଧାରା ୬୬ଏକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। ସେକ୍ସନ ୬୬ଏ ସମ୍ବିଧାନ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ସୁପ୍ରିମକୋର୍ଟ କହିଥିଲେ। ବର୍ତ୍ତମାନ ଏକ୍ସ' ପକ୍ଷରୁ ଶ୍ରେୟା ସିଂହଲ ମାମଲାରେ ଅଦାଲତଙ୍କ ରାୟର ଅବତାରଣା କରାଯାଇ ଚିନ୍ତାବ୍ୟକ୍ତ କରାଯାଇଛି। ଆଇଟି ଆଇନର ଧାରା ୭୯(୩)(ବି) ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରୁଥିବା ଏଥିରେ ଦର୍ଶାଯାଇଛି।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କହିବା ହେଲା, ଧାରା ୭୯(୩)(ବି) ଅନୁଯାୟୀ କୋର୍ଟଙ୍କ ନିର୍ଦ୍ଦେଶ କିମ୍ବା ସରକାରୀ ବିଜ୍ଞପ୍ତି ଅନୁସାରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକ ବେଆଇନ କଣ୍ଟେଣ୍ଟ ହଟାଇବାକୁ ବାଧ୍ୟ। ୩୬ ଘଣ୍ଟା ଭିତରେ ଏହାକୁ ନ ହଟାଇଲେ ଭାରତୀୟ ଆଇନ ବଳରେ ସମ୍ପୃକ୍ତ ପ୍ଲାଟ୍‌ଫର୍ମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଅନ୍ୟପକ୍ଷେ ଏକ୍ସ' କହିଛି, ଏହି ନିୟମ କେନ୍ଦ୍ର ସରକାରଙ୍କୁ କଣ୍ଟେଣ୍ଟ ବ୍ଲକ୍ କରିବା ପାଇଁ କର୍ତ୍ତୃତ୍ୱ ଦେଇନାହିଁ। ଅଧିକାରୀମାନେ ଏହାର ଦୁରୁପଯୋଗ କରୁଥିବା ଅଭିଯୋଗ ଆଣି ଏହାକୁ ରଦ୍ଦ କରିବାକୁ ହାଇକୋର୍ଟରେ ଏକ୍ସ' ପକ୍ଷରୁ ଆବେଦନ କରାଯାଇଛି।

### କଂଗ୍ରେସର ହଟ୍ଟଗୋଳ...

ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ପ୍ରସ୍ତାବ ଆଗତ କରିଥିବାବେଳେ ଏହାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସମର୍ଥନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଭାଜପା ସଦସ୍ୟ ଦୁଷ୍ମନ୍ତ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ନୟାଗଡ଼ ଜିଲାରେ ୨୦୧୯ରୁ ୨୦୨୪ ମଧ୍ୟରେ ୫୨ ନୂତନ ଚେକ୍ ଡ୍ୟାମ୍ ଓ ୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଥିଲା। ଏଥିରୁ ୪୮ଟି ଚେକ୍ ଡ୍ୟାମ୍ ନିର୍ମାଣ ସରିଛି ଏବଂ ୧୩୪୧ ହେକ୍ଟର ଜମିକୁ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି। ନିର୍ମାଣାଧୀନ ୪ଟି ଚେକ୍ ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହେଲେ ୧୩୧ ହେକ୍ଟର ଜମି ଜଳସେଚନ ହୋଇପାରିବ। ଏହିଭଳି ଭାବେ ମନ୍ତ୍ରୀ ତାଙ୍କ ଉତ୍ତର ରଖୁଥିବାବେଳେ କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା, ଡ. ସି.ଏସ୍. ରାଜନ ଏକ୍କା, ସୋଫିଆ ଫିରଦୋସ, ଅଶୋକ କୁମାର ଦାସ ପ୍ରମୁଖ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଥିଲେ। ଏହାସହ କଂଗ୍ରେସ ବିଧାୟକମାନେ ବେକରେ ଝୁଲାଇଥିବା ହୁଇସିଲ ଫୁଙ୍କିବା ଆରମ୍ଭ କରିଦେଇଥିଲେ। ଗୃହରେ ହୁଇସିଲ ବଜାଇବା ବନ୍ଦ କରିବାକୁ ବାଚସ୍ପତି କଂଗ୍ରେସ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ପ୍ରଶ୍ନକାଳରେ ସହଯୋଗ କରିବା ପାଇଁ ମଧ୍ୟ କଂଗ୍ରେସ ସଦସ୍ୟଙ୍କୁ ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ବିଧାୟକମାନେ ତାଙ୍କ କଥା ଶୁଣି ନ ଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦:୪୬ରୁ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟାରେ ଗୃହ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟମାନେ ସମାନ ଭାବେ ପ୍ରତିବାଦ କରିବା ପରେ କକ୍ଷତ୍ୟାଗ କରି ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ଧାରଣାରେ ବସିଥିଲେ।

ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ରାଜ୍ୟରେ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଅଛନ୍ତି। ଏନେଇ ବଜେଟ ଅଧିବେଶନର ଚଳିତ ପର୍ଯ୍ୟାୟ ଆରମ୍ଭରୁ ସରକାରଙ୍କୁ ଗୃହକମିଟି ଗଠନ କରିବା ଏବଂ ଆଲୋଚନା ପାଇଁ ଦାବି କରୁଛୁ। ହେଲେ ସରକାର ଶୁଣୁନାହାନ୍ତି। ଏହାସହିତ ଆମର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ଏକ ସପ୍ତାହ ପର୍ଯ୍ୟନ୍ତ ନିଲମ୍ବନ କରିଛନ୍ତି। ଏହା ସରକାରଙ୍କ ବୁଲଡୋଜର ନୀତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, କଂଗ୍ରେସ ଯେଉଁ ମହିଳା ପ୍ରସଙ୍ଗ ଉଠାଉଛି, ତାହା ଆଲୋଚନା ହୋଇଛି। ରାଜ୍ୟରେ ବହୁତ କିଛି ପ୍ରସଙ୍ଗ ରହିଛି। ହେଲେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଗୃହରେ ଅଯଥା ବିଶୃଙ୍ଖଳା ସୃଷ୍ଟି କରାଯାଉଛି।

### ୧ରୁ ଭୁବନେଶ୍ୱରରୁ...

ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିମାନ ଚଳାଇବା ପାଇଁ ପଦକ୍ଷେପ ନେଇଛନ୍ତି। ବିଗତ କିଛି ମାସ ମଧ୍ୟରେ ଦେଶର କିଛି ସହରକୁ ଭୁବନେଶ୍ୱରରୁ ବିମାନ ଚଳାଚଳ ହୋଇପାରିଛି। ତେବେ ଗୋଆକୁ ବିମାନ ଚଳାଚଳ ଦ୍ୱାରା ଉଭୟ ଓଡ଼ିଶା ଏବଂ ଗୋଆର ପର୍ଯ୍ୟଟନ ଓ ବ୍ୟବସାୟ ଶିଳ୍ପ ବିକାଶରେ ସହାୟକ ହେବ ବୋଲି ସୂଚନା ଦିଆଯାଇଛି।

### ଓଜନ କମାଇବା...

ଏବଂ ଟାଇପ୍ ୨ ମଧୁମେହ ରୋଗ ଦ୍ରୁତ ଗତିରେ ବଢ଼ିଚାଲିଛି, ଯାହା ଦେଶର ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏଲି ଲିଲୀ ଇଣ୍ଡିଆର ସଭାପତି ୱିନ୍‌ସେଲୋ ଟକର କହିଛନ୍ତି, ଭାରତରେ ପ୍ରାୟ ୧୦.୧ କୋଟି ଲୋକ ମଧୁମେହ ରୋଗରେ ପୀଡ଼ିତ ଏବଂ ମୋଟାପଣ ହେଉଛି ମଧୁମେହ ରୋଗର ଏକ ପ୍ରମୁଖ କାରଣ। ଭାରତରେ ଡାଇବେଟିସ୍ ଏବଂ ମେଦ ବହୁଳତା ସମ୍ପର୍କିତ ସଚେତନତା ବୃଦ୍ଧି ଏବଂ ଚିକିତ୍ସା ବିକଳ୍ପଗୁଡ଼ିକୁ ଉନ୍ନତ କରିବା ପାଇଁ ଏଲି ଲିଲୀ କମ୍ପାନୀ ପକ୍ଷରୁ ସରକାର ଏବଂ ସ୍ୱାସ୍ଥ୍ୟସେବା ଶିଳ୍ପଗୁଡ଼ିକ ସହ ମିଳିତ ଭାବେ କାମ କରାଯାଉଛି। ମେଦ ବହୁଳତା ଏବଂ ମଧୁମେହରେ ପୀଡ଼ିତ ଥିବା ଲୋକଙ୍କୁ ସୁସ୍ଥ ଜୀବନ ଯାପନ ବିତାଇବା ପାଇଁ ସାହାଯ୍ୟ କରିବା ହେଉଛି କମ୍ପାନୀର ମୂଳ ଉଦ୍ଦେଶ୍ୟ। ମୌନଜାରୋ ଲୋକଙ୍କ ମୋଟାପଣକୁ କମାଇବା ସହ ଓଜନ ହ୍ରାସ କରିବାରେ ଏକ ନୂତନ ଏବଂ ପ୍ରଭାବଶାଳୀ ଉପାୟ ଭାବେ ପ୍ରମାଣିତ ହେବ ବୋଲି ୱିନ୍‌ସେଲୋ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମୌନଜାରୋର ରାସାୟନିକ ନାମ ହେଉଛି ତିର୍ଜେପାଟାଇଡ୍। ସମ୍ପ୍ରତି ଡାଇବେଟିସ୍ ଏବଂ ଓଜନ ହ୍ରାସ ପାଇଁ ଏହି ଇଞ୍ଜେକ୍ସନ୍ ବ୍ରିଟେନ୍ ସମେତ ୟୁରୋପର ବିଭିନ୍ନ ଦେଶରେ ବିକ୍ରି ହେଉଛି। ଆମେରିକାରେ ମେଦ ବହୁଳତାକୁ କମ୍ କରିବା ପାଇଁ 'ଜେପ୍‌ବାଉଣ୍ଡ' ନାମରେ ଏଲି ଲିଲୀ କମ୍ପାନୀ ପକ୍ଷରୁ ଇଞ୍ଜେକ୍ସନ୍ ଉପଲବ୍ଧ ରହିଛି।

# ଅସୁରକ୍ଷିତ ଛାତ୍ରାବାସ: ବିରୋଧୀ-ଶାସକ ମୁହାଁମୁହିଁ

**■ ୯ ମାସରେ ୨୬ ଜଣଙ୍କ ମୃତ୍ୟୁ:ବିରୋଧୀ**
**■ ପୂର୍ବ ସରକାର ସତ ଚାପୁଥିଲେ: ଶାସକ**

ଭୁବନେଶ୍ୱର,୨୦।୩
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ଛାତ୍ରାବାସଗୁଡ଼ିକ କିଭଳି ଅସୁରକ୍ଷିତ ରହିଛି ସେନେଇ ପ୍ରମୁଖ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଆଦିବାସୀ ଛାତ୍ରାବାସରେ ସୁରକ୍ଷା ଅଭାବରୁ ଛାତ୍ରୀମାନେ ଗର୍ଭବତୀ ହେଉଛନ୍ତି, ନିମ୍ନମାନର ଖାଦ୍ୟ ଦିଆଯାଉଛି ବୋଲି କହି ବିଜେଡି ସଦସ୍ୟ ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ଏହାର କଡ଼ା ଜବାବ ରଖାଯାଇଛି। ଗତ ୨୪ବର୍ଷରେ ପୂର୍ବ ସରକାର ଯାହା କରି ନ ଥିଲା ତାହା ମାତ୍ର ୮ମାସରେ ହୋଇଛି। ଛାତ୍ରୀଛାତ୍ରଙ୍କୁ ସୁରକ୍ଷାକୁ ଗୁରୁତ୍ୱ ଦେଇ ସରକାର ୪୨୬ ନୂତନ ହଷ୍ଟେଲ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହିତ ୫୮୪୧ ହଷ୍ଟେଲରେ ୱାର୍ଡେନ ନିଯୁକ୍ତି କରାଯିବ। ପୂର୍ବ ସରକାର ସତ ଚାପୁଥିଲେ। ଏବେ ଯେଉଁ ଅନିୟମିତତା କଥା କହୁଛନ୍ତି ତାହା ସବୁ ତାଙ୍କର ଦାନ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିରୋଧୀଙ୍କ ଜବାବ ରଖିଥିଲେ। ସେ କହିଥିଲେ, ବିରୋଧୀ ସତ୍ୟ ଘଟଣାକୁ ଅତିରଞ୍ଜିତ କରୁଛନ୍ତି, ସରକାର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ବିରୋଧୀଙ୍କ ଅଭିଯୋଗର ସତ୍ୟତା ନାହିଁ। ବିରୋଧୀ ଓ ଶାସକଦଳର ଆଲୋଚନା ଶୁଣିବା ପରେ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

ଗୁରୁବାର ବିଧାନସଭାରେ "ଗୁଣପୁର ଅନ୍ୱେଷା ହଷ୍ଟେଲରେ ଛାତ୍ରମାନଙ୍କୁ ଆକ୍ରମଣ ଓ ମୟୂରଭଞ୍ଜ ଜିଲାରେ ବାସିପିଠା ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ଓ ନିର୍ଯାତନା ଯୋଗୁ ରାତି ଅଧରେ ୨୫କି.ମି. ବାଟ ଚାଲି ହଷ୍ଟେଲ ଛାଡ଼ିଲେ ଶତାଧିକ ଆଦିବାସୀ ଛାତ୍ର" ଶୀର୍ଷକ ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସରକାରଙ୍କୁ ତାଚ୍ଛଲ୍ୟ କରି କହିଥିଲେ, 'ତୋ ବାକ୍ୟ ତୁହି ରକ୍ଷା କର'। ଭାଜପା ବିରୋଧୀ ଦଳରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେତେବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ଥିଲେ, ସେ ଆବାସିକ ବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ପ୍ରସଙ୍ଗ ଉଠାଇ ସେତେବେଳର ବିଜେଡି ସରକାରକୁ ସମାଲୋଚନା କରିଥିଲେ । ତାଙ୍କ ଦଳର ପୂର୍ବତନ ବିଧାୟକ ତଥା ଏବେକାର ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସନାତନ ବିଜୁଳି ବିଜେଡି ସରକାରକୁ ଦାୟୀ କରିଥିଲେ। ଏବେ ଭାଜପା ୯ ମାସ ହେଲା ସରକାରକୁ ଆସିଲେଣି, ହେଲେ ନିଜେ ଅଭିଯୋଗ କରୁଥିବା ଘଟଣା ଏବେ ତାଙ୍କ ସମୟରେ ଘଟୁଛି।

ଆବାସିକ ବିଦ୍ୟାଳୟରେ ଛାତ୍ରୀ ଗର୍ଭବତୀ ହୋଇ ପ୍ରସବ କରୁଛନ୍ତି, ସ୍କୁଲ କର୍ତ୍ତୃପକ୍ଷ ଜାଣି ପାରୁନାହାନ୍ତି । ନୂଆ ବୋହୂ ଉପାଖ୍ୟାନ ଦେଇ ରଣେନ୍ଦ୍ର ପ୍ରତାପ କହିଥିଲେ, ନୂଆ ବୋହୂର ଚାଲିଚଳଣ ୬, ୭ ମାସ ପରେ ଜଣାପଡ଼ିଥାଏ। ଏ ସରକାର ଅବସ୍ଥା ଠିକ୍ ସେଇଆ। ସରକାରଙ୍କ ନାକ ତଳେ ଛାତ୍ରୀ ପ୍ରସବ କରୁଛନ୍ତି। ୯ମାସରେ ଆବାସିକ ବିଦ୍ୟାଳୟରେ ୨୬ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହୋଇଛି। ବିଭାଗରେ ୪୨ପ୍ରତିଶତ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ କରାଯାଇଛି। ଏହା ସାମ୍ବିଧାନିକ ଧୋକା(କନ୍‌ଷ୍ଟିଚ୍ୟୁଶନାଲ ଫ୍ରଡ୍)। ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଓ ଏସ୍‌ସି ଏସ୍‌ଟି ବିଭାଗ ମନ୍ତ୍ରୀ ଆଦିବାସୀ ବର୍ଗର। କିନ୍ତୁ ଆଦିବାସୀ ଆଜି ଅବହେଳିତ। ବିରୋଧୀ ଦଳରେ ଥିବାବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଆବାସିକ ବିଦ୍ୟାଳୟର ଅବହେଳା ନେଇ ବିଜେଡି ସରକାରକୁ ଘେରିଥିଲେ। ଏବେ ନିଜେ ସେକଥା ରଖନ୍ତୁ ବୋଲି ସ୍ୱାଇଁ କହିଥିଲେ।

ସେହିଭଳି ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ, ନବୀନ ପଟ୍ଟନାୟକ ସରକାର ସମୟରେ ୬ ହଜାରରୁ ଅଧିକ ହଷ୍ଟେଲ ନିର୍ମାଣ ହୋଇଛି। ବିଜେଡି ସରକାର ସମୟରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଗି ବହୁ ବ୍ୟବସ୍ଥା ହୋଇଛି । ଗୁଣପୁର ଓ ମୟୂରଭଞ୍ଜରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଇରାଶିସ୍ ଆଚାର୍ଯ୍ୟ ବିଜେଡି ସରକାର ସମୟରେ ହୋଇଥିବା ଆବାସିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଘଟଣାକୁ ନେଇ ବିଜେଡିକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଗୁଣପୁର ଅନ୍ୱେଷା ହଷ୍ଟେଲର ଛାତ୍ରମାନଙ୍କୁ ଆକ୍ରମଣ ଓ ମୟୂରଭଞ୍ଜ ଜିଲାର ବାସିପିଠା, ଆଦିବାସୀ ଆବାସିକ ହାଇସ୍କୁଲରେ ନିମ୍ନ ମାନର ଖାଦ୍ୟ ଅଭିଯୋଗ ଆସିବା ପରେ ସରକାର ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ସେତେବେଳେ ଏସବୁ ଚାପି ଦିଆଯାଉଥିଲା। ବିରୋଧୀ ସରକାରଙ୍କୁ ବଦ୍‌ନାମ କରିବାକୁ ଅପପ୍ରୟାସ କରୁଛି। ଆଦିବାସୀଙ୍କ ଲାଗି ରାଜ୍ୟ ସରକାର ସବୁବେଳେ ଚିନ୍ତିତ ବୋଲି ସେ କହିଥିଲେ। ସେହିଭଳି ଭାଜପା ସଦସ୍ୟ ସନାତନ ବିଜୁଳି, ଜଲେନ ନାଏକ, ଭାସ୍କର ମଢେଇ ପ୍ରମୁଖ ପୂର୍ବ ବିଜେଡି ସରକାରକୁ ସମାଲୋଚନା କରି କହିଥିଲେ, ଏବେ ଯେଉଁସବୁ ଅନିୟମିତ କଥା ଉଠୁଛି ଏସବୁ ପୂର୍ବସରକାରର ଦାନ।

## ବିରୋଧୀଙ୍କ କଥାରେ ସତ୍ୟତା ନାହିଁ:ମନ୍ତ୍ରୀ

ଭୁବନେଶ୍ୱର,୨୦।୩
(ରବିନାରାୟଣ ଜେନା)

**ନିର୍ମାଣ ହେବ ୪୨୬ ନୂଆ ହଷ୍ଟେଲ**

ମୁଲତବୀ ଆଲୋଚନା କାଳରେ ବିରୋଧୀଙ୍କୁ ଜବାବ ଦେଇ ଅନୁସୂଚିତ ଜାତି, ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ଟିଏସି ବୈଠକ ଗତ ୫ ବର୍ଷ ଧରି ହେଉ ନ ଥିଲା। ଆମେ ଟିଏସିର ପ୍ରଥମ ବୈଠକ କରି ସାରିଛୁ। ବଳାତ୍କାର ମାମଲା ୨୦୨୨-୨୩ରେ ୪ଟି, ୨୦୨୩-୨୪ରେ ୬ଟି ହୋଇଥିଲା କିନ୍ତୁ ଆମ ସରକାରର ୯ ମାସରେ ମାତ୍ର ୩ଟି ମାମଲା ଘଟିଛି। ୨୦୧୭ରେ ୧୦୦ ଜଣ ଝିଅ ମୟୂରଭଞ୍ଜ ଜିଲାପାଳଙ୍କ ପାଖକୁ ଚାଲି କରି ୧୫ କିମି ଯାଇଥିଲେ ଅଭିଯୋଗ କରିବାକୁ। ୨୦୨୩ରେ କନ୍ଧମାଳ ବାଲିଗୁଡ଼ାରେ ଜଣେ ଛାତ୍ରର ମୃତ୍ୟୁ ହୋଇଥିଲା। କିନ୍ତୁ ସବୁ ପରେ ଚପି ଯାଇଥିଲା। ଆମ ସରକାର ମଧ୍ୟାହ୍ନଭୋଜନରେ ଏକ ଟଙ୍କା ବଢ଼ାଇଛନ୍ତି। ଅତିରିକ୍ତ ପୁଷ୍ଟିଯୁକ୍ତ ଖାଦ୍ୟ ପାଇଁ ଅଣ୍ଡା ଓ ତିନୋଟି ଲଡୁର ବ୍ୟବସ୍ଥା କରାଯାଇଛି। ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଜନାରେ ସାମିଲ କରାଯାଇଛି। ୧୭୨୫ ଛାତ୍ରୀ ନିବାସରେ ସ୍ମାର୍ଟ ଫୋନ୍ ବ୍ୟବସ୍ଥା ଅଛି। ଜୀବନ କୌଶଳ ଯୋଜନା ଆରମ୍ଭ ହୋଇଛି। ହଷ୍ଟେଲ୍ ଅନ୍ତେବାସୀଙ୍କ ପାଇଁ ଡିଜିଟାଲ ଡାଟାବେସ୍ ତଥ୍ୟ ହେବ, ଯେଉଁଥିରେ ଛାତ୍ରୀଛାତ୍ରଙ୍କ ରୋଗର ରେକର୍ଡ ରହିବ। ନିରନ୍ତର ସ୍ୱାସ୍ଥ୍ୟ ଚେକ୍ ଅପ୍ କରାଯିବ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ହଷ୍ଟେଲ୍ ପାଚେରି କାନ୍ଥ ୮ ଫୁଟ କରାଯିବ। ଛାତ୍ରାବାସ ବାହାରୁ କେହି ଆସିପାରିବେ ନାହିଁ କି ଭିତରୁ କେହି ବାହାରକୁ ଯାଇପାରିବେ ନାହିଁ। ଡ୍ରପ୍ ଆଉଟ ରୋକିବା ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଲାଗୁ କରାଯାଇଛି। ୪୨୬ରୁ ଅଧିକ ହଷ୍ଟେଲ୍ ତିଆରି ହେବ। ୩୬୩ ଏଏନ୍‌ଏମ୍ ପଦବୀ ସୃଷ୍ଟି କରାଯିବ । ସବୁ ହଷ୍ଟେଲରେ ସିସିଟିଭି ଲଗାଯିବ । ୧ ହଜାର ୱାର୍ଡେନ ପଦବୀ ସୃଷ୍ଟି କରାଯାଇଛି । ଆଗାମୀ ଦିନରେ ୫୮୪୧ହଷ୍ଟେଲରେ ୱାର୍ଡେନ ରଖିବା ବ୍ୟବସ୍ଥା କରାଯିବ । ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ଡିଜିଟାଲ ସ୍ୱାସ୍ଥ୍ୟ କାର୍ଡ କରାଯିବ। ଆମ ସରକାର ଆଦିବାସୀଙ୍କ ପ୍ରତି ସମର୍ପିତ ବୋଲି ମନ୍ତ୍ରୀ କହିଥିଲେ।

# ସବୁ ଶିକ୍ଷକ, ଅଧ୍ୟାପକଙ୍କୁ ଗ୍ରାଣ୍ଟ-ଇନ୍-ଏଡ୍ ଦିଆଯାଉ

**ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକ,୨୦।୩(କାର୍ତ୍ତିକ ସାହୁ)

ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ, ଅଧ୍ୟାପକଙ୍କୁ ୧୯୯୪ ନିୟମ ଅନୁସାରେ ଗ୍ରାଣ୍ଟ-ଇନ୍-ଏଡ୍ ଦରମା ପ୍ରଦାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩୦୦ ଆବେଦନକାରୀ ଶିକ୍ଷକ, ଅଧ୍ୟାପକଙ୍କ ପକ୍ଷରୁ ଆଗତ ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏପରି ଆଦେଶ ବଳରେ ରାଜ୍ୟର ଲକ୍ଷାଧିକ ଶିକ୍ଷକ ଓ ଅଧ୍ୟାପକ ଉପକୃତ ହେବେ ବୋଲି ଜଣାପଡିଛି।

ସୂଚନାନୁସାରେ, ରାଜ୍ୟ ସରକାର ୧୯୯୪ ମସିହାରେ ଏକ ଆଇନ ପ୍ରଣୟନ କରିଥିଲେ। ଉକ୍ତ ଆଇନ ଅନୁସାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟାପକଙ୍କ ପାଇଁ ଗ୍ରାଣ୍ଟ-ଇନ୍-ଏଡ୍ ଲାଗୁ ହୋଇଥିଲା। ଏହାଦ୍ୱାରା ଜଣେ ଶିକ୍ଷକ ବା ଅଧ୍ୟାପକ ୫ବର୍ଷ ଚାକିରି କରିବା ପରେ ମୋଟ୍ ଦରମାର ୩ ଭାଗରୁ ଏକ ଭାଗ ଦେୟ ପାଉଥିଲେ। ୭ବର୍ଷ ଚାକିରି ପୂରଣ କଲେ ୩ ଭାଗରୁ ୨ ଭାଗ ଦରମା ପାଉଥିଲେ। ତତ୍‌ପରେ ୯ ବର୍ଷ ଚାକିରି ପୂରଣ କଲେ ସମ୍ପୂର୍ଣ୍ଣ ଦରମା ପାଇବାର ବ୍ୟବସ୍ଥା ରହିଥିଲା । ମାତ୍ର ୨୦୦୪ରେ ରାଜ୍ୟ ସରକାର ୧୯୯୪ ନିୟମକୁ ଉଚ୍ଛେଦ କରି ଗ୍ରାଣ୍ଟ-ଇନ୍-ଏଡ୍ ବଦଳରେ ବ୍ଲକ୍ ଗ୍ରାଣ୍ଟ ବ୍ୟବସ୍ଥା ଲାଗୁ କରିଥିଲେ। ତଦନୁଯାୟୀ ଜଣେ ଶିକ୍ଷକ ଅଥବା ଅଧ୍ୟାପକଙ୍କୁ ସରକାର ମୋଟ୍ ଦରମାର ୪୦% ପ୍ରଦାନ କରିବେ। ତେବେ ବାକି ଅର୍ଥ ଅନୁଷ୍ଠାନର ପରିଚାଳନା ପରିଷଦ ପ୍ରଦାନ କରିବେ। ୨୦୦୮ ମସିହାରେ ରାଜ୍ୟ ସରକାର ୬୬୨ଟି ମହାବିଦ୍ୟାଳୟକୁ ବ୍ଲକ୍ ଗ୍ରାଣ୍ଟ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଏପରି ନିୟମକୁ ବିରୋଧ କରି ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)ରେ ଏକାଧିକ ଆବେଦନ ହୋଇଥିଲା। ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ମାମଲାର ବିଚାରକରି ବ୍ଲକ୍ ଗ୍ରାଣ୍ଟ ବଦଳରେ ଗ୍ରାଣ୍ଟ-ଇନ୍-ଏଡ୍ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହାକୁ ବିରୋଧ କରି ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ଏହି ଆଦେଶକୁ ରଦ୍ଦ କରି ୧୯୯୪ ଆଇନ ଉଚ୍ଛେଦ ହୋଇଯାଇଥିବାରୁ ଆଉ ଗ୍ରାଣ୍ଟ-ଇନ୍-ଏଡ୍ ଲାଗୁ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏନେଇ କେତେକ ମାମଲାରେ ସ୍ୟାଟ୍ ବିଚାରକରି ଗ୍ରାଣ୍ଟ-ଇନ୍-ଏଡ୍ ଲାଗୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବହୁ ଆବେଦନକାରୀ ସମାନ ଅଭିଯୋଗ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିକ୍ଷକ, ଅଧ୍ୟାପକଙ୍କ ମଧ୍ୟରେ ସମାନ କାମ ପାଇଁ ପୃଥକ୍ ନିୟମ ଲାଗୁ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ଯେଉଁମାନେ ୧୯୯୪ ନିୟମ ଆଧାରରେ ଆବେଦନ କରିଛନ୍ତି ସେମାନଙ୍କ କଥା ବିଚାରକୁ ନେଇ ରାଜ୍ୟ ସରକାର ଗ୍ରାଣ୍ଟ-ଇନ୍-ଏଡ୍ ପ୍ରଦାନ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ମଳଜିତ୍ ସିଂ ଓଡ଼ିଶା ସର୍କଲ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ

ଭୁବନେଶ୍ୱର,୧୯।୩(ଅନୁରାଧା ମହାରଣା)



କେନ୍ଦ୍ର ସରକାରଙ୍କ ଡ଼ାକ ବିଭାଗ ପକ୍ଷରୁ ନିର୍ମଳଜିତ୍ ସିଂଙ୍କୁ ଓଡ଼ିଶା ପୋଷ୍ଟାଲ ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟବାସୀଙ୍କୁ ଡ଼ାକସେବା ଯୋଗାଇବା କ୍ଷେତ୍ରରେ ନିର୍ମଳଜିତ୍ ଓଡିଶା ସର୍କଲର ପ୍ରଶାସନ ତଥା ସଞ୍ଚାଳନ ଦାୟିତ୍ୱ ତୁଲାଇବେ। ଏହି ଅବସରରେ ନିର୍ମଳଜିତ୍ କହିଛନ୍ତି, ଓଡ଼ିଶା ସର୍କଲର ଚିଫ୍ ଜେନେରାଲ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଡାକ ବିଭାଗ ସର୍ବଦା ଜନସେବାର ମୂଳଦୁଆ ପାଲଟିଛି ଏବଂ ମୁଁ ଓଡିଶାରେ ଏହାର ଅଭିବୃଦ୍ଧି ତଥା ଆଧୁନିକୀକରଣରେ ସହଯୋଗ କରିବାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛି। ସୂଚନା ଥାଉକି, ୧୯୯୭ ବ୍ୟାଚ୍‌ର ଇଣ୍ଡିଆନ୍ ପୋଷ୍ଟାଲ ସର୍ଭିସ୍ ଅଧିକାରୀ ନିର୍ମଳଜିତଙ୍କର ଭାରତୀୟ ଡାକ ସେବାରେ ଦୀର୍ଘ ଅଭିଜ୍ଞତା ରହିଛି। ଜଟିଳ ଡାକ ଅପରେଶନ ପରିଚାଳନାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଏହା ଓଡିଶା ଡାକ ସର୍କଲର ଅଭିନବ ନେତୃତ୍ୱ ତଥା କାର୍ଯ୍ୟକ୍ଷମତା ବୃଦ୍ଧିରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଜନ ସଞ୍ଚାର ସଂସ୍ଥାନ**
**ଢେଙ୍କାନାଳ**

**ନାମଲେଖା ଚାଲୁଛି:**
**ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା (୨୦୨୫-୨୬)**

ଭାରତୀୟ ଜନ ସଞ୍ଚାର ସଂସ୍ଥାନ, ଢେଙ୍କାନାଳରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ନାମଲେଖା ପାଇଁ ଆବେଦନ କରନ୍ତୁ ।
ଗୁଣାତ୍ମକ ତାଲିମ, ଗଣମାଧ୍ୟମ ସଂସ୍ଥାରେ ଅଭିଜ୍ଞତା ତଥା ଉତ୍କର୍ଷ ଶିକ୍ଷା ସହିତ ସାମ୍ବାଦିକତାରେ ଆପଣଙ୍କ ଭବିଷ୍ୟତ ଗଢ଼ନ୍ତୁ ।

**ବର୍ତ୍ତମାନ ଆବେଦନ କରନ୍ତୁ:**
ଆମ ୱେବ୍‌ସାଇଟ୍ ଦେଖନ୍ତୁ: https://iimc.gov.in/language-courses-25-26
କିମ୍ବା ଏହି ଲିଙ୍କ୍ ମାଧ୍ୟମରେ ସିଧା ଆବେଦନ କରିପାରିବେ: https://forms.gle/ZzU1Ftf7UCe9kFr37
**ଯୋଗାଯୋଗ:** ଶ୍ରୀ ଜିତେନ୍ଦ୍ର ପତି, ଶିକ୍ଷା ସଂଯୋଜକ: ୯୪୩୭୪୪୪୨୦୦
CBC 22103/11/0007/2425

# ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନହେବ ଓଡ଼ିଶା ଦିବସ

**ସତ୍ୟଭାମାପୁର କାର୍ଯ୍ୟକ୍ରମରେ ସାମିଲହେବେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୦।୩ (ସୁନିତ୍ ମିଶ୍ର)

ଓଡ଼ିଶା ଦିବସ-୨୦୨୫ ଆସନ୍ତା ୧ ତାରିଖରେ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ କଟକ ଜିଲା ସାଲେପୁର ଅନ୍ତର୍ଗତ ସତ୍ୟଭାମାପୁରଠାରେ ମହାସମାରୋହରେ ପାଳନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିଭଳି ରାଜଧାନୀ ଭୁବନେଶ୍ୱର ସମେତ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇ, ରାଜ୍ୟର ବିଭିନ୍ନ ରାଜସ୍ୱ ଡିଭିଜନ, ଜିଲା ଓ ଉପଖଣ୍ଡ ସଦର ମହକୁମାରେ ଓଡ଼ିଶା ଦିବସ ପାଳନ କରାଯିବ। ସତ୍ୟଭାମାପୁରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଅନ୍ୟ ସ୍ଥାନରେ ମନ୍ତ୍ରୀ, ରାଜସ୍ୱ ଆୟୁକ୍ତ ଓ ଜିଲାପାଳମାନେ ଅତିଥିଭାବେ ଯୋଗଦେବେ।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ସତ୍ୟଭାମାପୁରଠାରେ ରାଜ୍ୟସ୍ତରୀୟ ଉତ୍ସବ ଏବଂ ଭୁବନେଶ୍ୱର ସୂଚନା ଭବନଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ, ସାଧାରଣସଭା, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ଉଭୟ ସ୍ଥାନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଦିବସ ଉପଲକ୍ଷେ ଭୁବନେଶ୍ୱର ସହର ସମେତ ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ଅବସରରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯିବ। ସତ୍ୟଭାମାପୁର ଏବଂ ଭୁବନେଶ୍ୱର ସୂଚନା ଭବନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ ଓ ପରିସର ସୌନ୍ଦର୍ଯ୍ୟକରଣ କରାଯିବା ସହ ରାଜଧାନୀରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ନିଗମ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦି କାର୍ଯ୍ୟାଳୟର କୋଠାଗୁଡ଼ିକ ଆଲୋକମାଳାରେ ସଜାଯିବ। ମୁଖ୍ୟ ଶାସନ ସଚିବ କହିଛନ୍ତି, ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିବସ। ଏହି ଦିବସକୁ ସବୁ ସ୍ଥାନରେ ସୁନ୍ଦର ଓ ଆକର୍ଷଣୀୟ ଭାବେ ପାଳନ କରିବାକୁ ସେ ଆବଶ୍ୟକ ପରାମର୍ଶ ଦେବା ସହ ସମ୍ପୃକ୍ତ ସମସ୍ତ ବିଭାଗର ସହଯୋଗ କାମନା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମେ ୩୧ ସୁଦ୍ଧା ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ



କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ।

**ସଂସଦରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରଶ୍ନର ଉତ୍ତର ରଖିଲେ କେନ୍ଦ୍ରମନ୍ତ୍ରୀ**

ଢେଙ୍କାନାଳ,୨୦।୩
(ରତନ ନାୟାର)

କଟକ ଜିଲାର ମଙ୍ଗୁଳି ଛକରୁ ଢେଙ୍କାନାଳ ଓ ଅନୁଗୋଳ ଦେଇ ସମ୍ବଲପୁର ଯାଇଥିବା ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟ ଅହେତୁକ ବିଳମ୍ବ ହେଉଛି। ଏ ନେଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକସଭାରେ ପ୍ରଶ୍ନ କରିଥିବାବେଳେ ଏହାର ଉତ୍ତର ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତୀନ ଜୟରାମ ଗଡ଼କରୀ କହିଛନ୍ତି, କଟକ-ଢେଙ୍କାନାଳ ମଧ୍ୟରେ କାର୍ଯ୍ୟ ୨୦୨୫ ମେ ୩୧ ଓ ଢେଙ୍କାନାଳରୁ ଅନୁଗୋଳ ମଧ୍ୟରେ ରାଜପଥ କାର୍ଯ୍ୟ ୨୦୨୫ ଏପ୍ରିଲ ୩୦ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

କେନ୍ଦ୍ରମନ୍ତ୍ରୀ ଗଡକରୀ କହିଛନ୍ତି, ୨୦୧୭-୧୮ ପରିଯୋଜନା ବର୍ଷ ମଧ୍ୟରେ ଏହି ରାଜପଥର ଉନ୍ନତୀକରଣ କାର୍ଯ୍ୟ ଅଢ଼େଇବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଭୂମି ଅଧିଗ୍ରହଣରେ ବିଳମ୍ବ, ବନବିଭାଗର ଅସହଯୋଗ, କୋଭିଡ୍ ମହାମାରୀ ୨୦୧୯ ଏବଂ ପରେ ଠିକାଦାରଙ୍କ ଆର୍ଥିକ ସଂକଟ ଆଦି କାରଣରୁ ଉନ୍ନତୀକରଣ କାର୍ଯ୍ୟ ବିଳମ୍ବ ହୋଇଛି। ଏହି କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ବ୍ୟବସ୍ଥା କରାଯାଉଛି। କଟକ, ଅନୁଗୋଳ, ସମ୍ବଲପୁର ମଧ୍ୟରେ ଥିବା ଏହି ରାଜପଥର ଉନ୍ନତୀକରଣ କାର୍ଯ୍ୟକୁ ୩ଟି ପ୍ୟାକେଜ୍‌ରେ କରାଯାଉଛି। ପ୍ୟାକେଜ୍-୧ରେ କଟକରୁ ଢେଙ୍କାନାଳ ୫୯.୮୦ କିଲୋମିଟର କାର୍ଯ୍ୟ ୨୦୨୫ ମେ ୩୧ ଓ ପ୍ୟାକେଜ-୨ରେ ଢେଙ୍କାନାଳରୁ ଅନୁଗୋଳ ୫୧.୮୦ କିଲୋମିଟର କାମ ୨୦୨୫ ଏପ୍ରିଲ ୩୦ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁଗୋଳରୁ ସମ୍ବଲପୁର ୧୫୦.୬୮ କିଲୋମିଟର ଉନ୍ନତୀକରଣ କାମ ଶେଷ ହୋଇ ଯାତାୟାତ ପାଇଁ ବ୍ୟବହାର କରାଯାଉଥିବା କେନ୍ଦ୍ରମନ୍ତ୍ରୀ କହିଥିବା ଢେଙ୍କାନାଳ ଏମ୍‌ପି ପାଣି ସୂଚନା ଦେଇଛନ୍ତି।

# ୨୨ରୁ ପୁଣି ବଢ଼ିବ ତାତି, ୨୪ ଯାଏ କାଳବୈଶାଖୀ

ଭୁବନେଶ୍ୱର,୧୯।୩
(ଅନୁରାଧା ମହାରଣା)

ରାଜ୍ୟ ପାଣିପାଗରେ ଗୁରୁବାର ପରିବର୍ତ୍ତନ ଦେଖାଦେଇଛି। ପାରଦ ପ୍ରାୟ ୩ ଡିଗ୍ରୀ ଖସିଥିବାବେଳେ ୨ଦିନ ଏପରି ସ୍ଥିତି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୪୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ତେବେ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ। ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝରଗଡ଼ ଓ ସୁନ୍ଦରଗଡ଼କୁ ଝଡ଼ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, ଭଦ୍ରକ, ବରଗଡ଼, ସୋନପୁର, ବୌଦ୍ଧ ଓ ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୨୨ ତାରିଖଠାରୁ ରାଜ୍ୟରେ ପୁଣି ଗ୍ରୀଷ୍ମ ଲହରି ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

**ଭାରତ ସରକାର**
**ବୟନଶିଳ୍ପ ମନ୍ତ୍ରଣାଳୟ**
**ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ**
**ବର୍ଷ ୨୦୨୪ ପାଇଁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର**

ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବର୍ଷ ୨୦୨୪ ନିମନ୍ତେ ନିମ୍ନଲିଖିତ ବର୍ଗର ହସ୍ତତନ୍ତ ପୁରସ୍କାର ଲାଗି ଭାରତର ବାସିନ୍ଦାମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଆମନ୍ତ୍ରଣ କରାଯାଉଛି । ବିବରଣୀ ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ପୁରସ୍କାରର ନାମ | ବର୍ଗ | ଉପ-ବର୍ଗ | ପୁରସ୍କାର ସଂଖ୍ୟା |
|---|---|---|---|---|
| ୦୧ | ସନ୍ଥ କବୀର ହସ୍ତତନ୍ତ ପୁରସ୍କାର (ଏସ୍‌କେ-ଏଚ୍‌ଏ) | ବୟନ | ବୟନ | ୦୩ |
| | | | କେବଳ ମହିଳା ବୁଣାକାରଙ୍କ ପାଇଁ (ସନ୍ଥ କବୀର ହସ୍ତତନ୍ତ ପୁରସ୍କାର - କମଳା ଦେବୀ ଚଟ୍ଟୋପାଧ୍ୟାୟ) | ୦୧ |
| | | | ଦୁଃସ୍ଥ ବୁଣାକାର | ୦୧ |
| | | | ଆଦିବାସୀ ବୁଣାକାର | ୦୧ |
| | | | ମୋଟ (କ) | ୦୬ |
| ୦୨ | ଜାତୀୟ ହସ୍ତତନ୍ତ ପୁରସ୍କାର (ଏନ୍‌ଏଚ୍‌ଏ) | ବୟନ | ବୟନ | ୦୮ |
| | | | କେବଳ ମହିଳା ବୁଣାକାରଙ୍କ ପାଇଁ (ସନ୍ଥ କବୀର ହସ୍ତତନ୍ତ ପୁରସ୍କାର - କମଳା ଦେବୀ ଚଟ୍ଟୋପାଧ୍ୟାୟ) | ୦୨ |
| | | | ଯୁବ ବୁଣାକାର (ବୟସ ୩୦ ବର୍ଷରୁ ଅଧିକ ହୋଇ ନ ଥିବ) | ୦୧ |
| | | | ଦିବ୍ୟାଙ୍ଗ ବୁଣାକାର | ୦୧ |
| | | | ଦୁଃସ୍ଥ ବୁଣାକାର | ୦୧ |
| | | | ଆଦିବାସୀ ବୁଣାକାର | ୦୧ |
| | | ଡିଜାଇନ ବିକାଶ | | ୦୨ |
| | | ହସ୍ତତନ୍ତ ଉତ୍ପାଦଗୁଡ଼ିକର ବିପଣନ | | ୦୨ |
| | | ଷ୍ଟାର୍ଟଅପ୍ ଉଦ୍ୟୋଗ/ଉତ୍ପାଦକ କମ୍ପାନୀ | | ୦୧ |
| | | | ମୋଟ (ଖ) | ୧୯ |
| | | | ମୋଟ (କ + ଖ) | ୨୫ |

୨. ଯୋଗ୍ୟତା ମାନଦଣ୍ଡ, ବୟସ, ଅଭିଜ୍ଞତା, ଆବେଦନ ଫର୍ମ ଆଦି ସମ୍ବନ୍ଧରେ ଅଧିକ ସୂଚନା ତଥା ବିବରଣୀ ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ୍ (www.handlooms.nic.in)ରୁ ଡାଉନ୍‌ଲୋଡ୍ କରାଯାଇପାରିବ । କୌଣସି ସୂଚନା ସହାୟତା ପାଇଁ ଆବେଦନକାରୀ ନିକଟତମ ବୁଣାକାର ସେବା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ସହ ଯୋଗାଯୋଗ କରିପାରନ୍ତି ।

୩. ଆବେଦନଗୁଡ଼ିକୁ ଦ୍ୱିବିଧ ପଦ୍ଧତିରେ ଦାଖଲ କରାଯିବ, ଅର୍ଥାତ୍ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ । ଅନ୍‌ଲାଇନ୍ ଆବେଦନଗୁଡ଼ିକ ମାଇଁ ହ୍ୟାଣ୍ଡଲୁମ୍ସ ପୋର୍ଟାଲ୍ (https://myhandlooms.gov.in) ମାଧ୍ୟମରେ ଦାଖଲ କରାଯିବା ଆବଶ୍ୟକ । ଅତିରିକ୍ତ ଭାବେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ଏବଂ ସମ୍ପୂର୍ଣ୍ଣ ହୋଇଥିବା ଅଫ୍‌ଲାଇନ୍ ଆବେଦନଗୁଡ଼ିକୁ ହାତବୁଣା ନମୁନା (ଯେଉଁଠାରେ ପ୍ରଯୁଜ୍ୟ), ଅନ୍‌ଲାଇନ୍ ଆବେଦନର ଏକ ପ୍ରିଣ୍ଟଆଉଟ୍ ଏବଂ ଅନ୍ୟ ସମସ୍ତ ଦସ୍ତାବିଜ ସହିତ ନିକଟତମ ଡବ୍ଲ୍ୟୁଏସ୍‌ସିରେ ସର୍ବଶେଷ ୫ ମେ, ୨୦୨୫ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

**ହସ୍ତତନ୍ତ ବିକାଶ ଆୟୁକ୍ତ**
CBC 41102/11/0007/2425

ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ। -ଶ୍ରୀମା



# ଟ୍ରମ୍ପଙ୍କ ଟାରିଫ୍ ଓ ବାଣିଜ୍ୟିକ ବିପର୍ଯ୍ୟୟ



କୌଶିକ ବସୁ

ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଆର୍ଥିକ ନୀତିରେ ନାଟକୀୟ ପରିବର୍ତ୍ତନ ହୋଇଚାଲିଛି, ଯାହାଦ୍ୱାରା ବିଶ୍ୱର ଦେଶଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି ହେଉଛି। ନୂଆ ପ୍ରଶାସନ ଚାଇନା, ମେକ୍ସିକୋ ଓ କାନାଡା ଉପରେ ଅତ୍ୟଧିକ ଟାରିଫ୍ ବା ଆମଦାନୀ ଶୁଳ୍କ ଲଗାଇଛି। ପ୍ରତିକ୍ରିୟା ସ୍ୱରୂପ, ଉଭୟ ମେକ୍ସିକୋ ଓ କାନାଡା ପ୍ରତିଶୋଧାତ୍ମକ ଭାବେ ପ୍ରମୁଖ ଆମେରିକୀୟ ଶିଳ୍ପଗୁଡ଼ିକ ଉପରେ ଟାରିଫ୍ ଲାଗୁ କରିଥିବାବେଳେ ଟ୍ରମ୍ପ ମଧ୍ୟ ଆମେରିକା ସହ ବ୍ୟବସାୟରେ ଜଡ଼ିତ ସମସ୍ତ ଦେଶ ଉପରେ ରେସିପ୍ରୋକାଲ ବା ପାରସ୍ପରିକ ଟାରିଫ୍ ଲାଗୁକରିବାକୁ ପ୍ରତିଜ୍ଞା କରିଛନ୍ତି। ଦେଖିବାକୁ ଗଲେ, ଆମେରିକା ତା'କ୍ଷମତା ପ୍ରୟୋଗକରି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଯେତିକି ପ୍ରଭାବିତ କରୁଛି ବିଶ୍ୱର ଅନ୍ୟ କୌଣସି ଦେଶ ସେତିକି କରୁନାହାନ୍ତି। ନୀତିରେ ଏଭଳି ଆକସ୍ମିକ ତଥା ଅପ୍ରତ୍ୟାଶିତ ପରିବର୍ତ୍ତନ ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ମନ୍ଦାବସ୍ଥା ସୃଷ୍ଟିହେବା ଆଶଙ୍କା ଦେଖାଦେଇଛି ଏବଂ ଆମେରିକାରୁ ଆରମ୍ଭକରି ଅନ୍ୟତ୍ର ବି ଶେୟାର ବଜାରରେ ମୂଲ୍ୟ ହ୍ରାସ ଆରମ୍ଭ ହୋଇଯାଇଛି। ଟ୍ରମ୍ପଙ୍କ ବାଣିଜ୍ୟ ନୀତି କେବଳ ବିଶ୍ୱସ୍ତରରେ ନୁହେଁ, ବରଂ ନିଜ ଦେଶରେ ମଧ୍ୟ ଅଧିକ କ୍ଷତି ଘଟାଇବାର ସମ୍ଭାବନା ରହିଛି। ତେବେ ଆମେରିକାରେ ସେମିକଣ୍ଡକ୍ଟର ଉତ୍ପାଦନ ବଢ଼ାଇବା ଭଳି ତାଙ୍କର କେତେକ ପଦକ୍ଷେପ ଲାଭଜନକ ହୋଇପାରେ। କିନ୍ତୁ ତାଙ୍କର ଅନିୟମିତ ନୀତି ପରିବର୍ତ୍ତନ ଆମେରିକା ଆର୍ଥିକ ସ୍ଥିରତାରେ କ୍ଷତି ଆଣିପାରେ ଏବଂ ଏହା ପ୍ରତିଯୋଗିତାମୂଳକ ଓ ଦୀର୍ଘମିଆଦୀ ଅଭିବୃଦ୍ଧିକୁ ମଧ୍ୟ ଦୁର୍ବଳ କରିବାରେ।

ଆମେରିକା ଅନ୍ୟ ଦେଶଗୁଡ଼ିକର ସାମଗ୍ରୀ ଆମଦାନୀକରି ବାଣିଜ୍ୟ ନିଅଣ୍ଟିଆ ସ୍ଥିତିର ସମ୍ମୁଖୀନ ହେଉଛି ବୋଲି ଦୀର୍ଘଦିନରୁ ଟ୍ରମ୍ପଙ୍କ ମନରେ ନିରାଶା ଭାବ ରହିଛି। ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୈଠକରେ ଭାରତ ସହ ଆମେରିକାର ୪୫.୬ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟକୁ ନେଇ ସେ ଚିନ୍ତା ପ୍ରକଟ କରିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ, ଆମେରିକାରୁ ଅଧିକ ଶକ୍ତି ସଂସାଧନ ଭାରତ ଆମଦାନୀ କରିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସବୁ ବାଣିଜ୍ୟିକ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ସନ୍ତୁଳିତ ହେବା ଜରୁରୀ ନୁହେଁ। ବାଣିଜ୍ୟିକ ଅସନ୍ତୁଳନ ବିଶ୍ୱ ବାଣିଜ୍ୟର ଏକ ସ୍ୱାଭାବିକ ବିଷୟ, ଯାହା ପ୍ରତିଯୋଗିତା ଭାବେ କମ୍ପାନୀଗୁଡ଼ିକୁ ଉତ୍ତମ ଉତ୍ପାଦନ ବୃଦ୍ଧିକରି ଲାଭ କରିବାରେ ସକ୍ଷମ କରାଏ ଏବଂ ଏହାଦ୍ୱାରା ଦେଶଗୁଡ଼ିକ ମଧ୍ୟ ଲାଭବାନ୍ ହୋଇଥାନ୍ତି। ପ୍ରତିଦିନ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଦେଣନେଣ କଥା ଦେଖନ୍ତୁ।



ଆଦାମ୍ ତାଙ୍କ ଘର ନିକଟରେ ଥିବା ଇଭ୍‌ଙ୍କ ଷ୍ଟୋରରୁ ଗ୍ରୋସରି କିଣେ, ଯିଏ କି ଅନ୍ୟ ଷ୍ଟୋର ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକରୁ ଜିନିଷ କିଣିବାରେ ଟଙ୍କା ଖର୍ଚ୍ଚକରେ। ଦିନେ ଆଦାମ୍ ରାଗିଯାଇ ଇଭ୍‌ଙ୍କ ଷ୍ଟୋରରେ ଜବରଦସ୍ତ ପଶିଯାଇ କହିଲା, ମୁଁ ତୁମଠାରୁ ସବୁ କିଣିଆସୁଛି, କିନ୍ତୁ ତୁମେ ମୋଠାରୁ କିଛି ବି କିଣୁନାହଁ। ତା'ପରେ ସେମାନଙ୍କ ବାଣିଜ୍ୟିକ ସମ୍ପର୍କରେ ସନ୍ତୁଳନ ରଖିବାକୁ ସେ ଦାବିକଲେ। ଯଦି ସମସ୍ତେ ସମାନ ପ୍ରକାର କରିବାକୁ ବାଧ କରନ୍ତି, ତେବେ ବାଣିଜ୍ୟ ଧୀରେ ଧୀରେ ମାନ୍ଦା ହୋଇଯିବ ଓ ଗତିଶୀଳତା ହରାଇବ। ଏହା ସହ ଏଭଳି ନୀତି ସମାଜକୁ ପଛକୁ ନେଇଯିବ, ଯେଉଁଠି ଟଙ୍କା ବଦଳରେ କେବଳ ଜିନିଷ ବିନିମୟ ପଦ୍ଧତି ଉପରେ ନିର୍ଭର କରିବ।

ସବୁ ଦେଶ ସହ ବାଣିଜ୍ୟରେ ସନ୍ତୁଳନ (କୌଣସି ଦେଶର ଆମଦାନୀ ଓ ରପ୍ତାନି ମୂଲ୍ୟ ସମାନ ରହେ) ପାଇଁ ଯଦିଓ ସଂଘର୍ଷ କରିବା ଆବଶ୍ୟକ ନୁହେଁ, ତଥାପି ଆମେରିକାର ମୋଟ ବାଣିଜ୍ୟ ନିଅଣ୍ଟକୁ ନେଇ ଚିନ୍ତିତ ହେବା ଉଚିତ ମନେହୁଏ। ଚଳିତ ବର୍ଷ ପ୍ରାରମ୍ଭରେ ଏହି ନିଅଣ୍ଟ ସବୁଠୁ ଅଧିକ ୧୩୧.୪ ବିଲିୟନ ଡଲାରରେ ପହଞ୍ଚିଥିଲା। ଏଥିରୁ ବୁଝାପଡୁଛି, ଅନ୍ୟ ଦେଶଗୁଡ଼ିକ ଆମେରିକାକୁ ସେମାନଙ୍କ ସାମଗ୍ରୀ ବିକ୍ରିକରି ଅର୍ଜିତ ଡଲାରକୁ ପାଖରେ ରଖୁଛନ୍ତି ଓ ତାହାକୁ ଭବିଷ୍ୟତରେ ବ୍ୟବହାର କରିବା ଲାଗି ଯୋଜନା କରୁଛନ୍ତି। କିନ୍ତୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଏହି ମୁଦ୍ରାର ମୂଲ୍ୟ ଉପରେ ବିଶ୍ୱ ବିଶ୍ୱାସ ରଖେ ଓ ନିର୍ଭରକରେ। ଆମେରିକୀୟ ଡଲାର ବିଶ୍ୱ ସ୍ତରରେ ରିଜର୍ଭ କରେନ୍ସି ବା ମୁଦ୍ରା ଭାବେ ବ୍ୟବହାର ହୁଏ। ତେବେ ଟ୍ରମ୍ପଙ୍କ ଟାରିଫ୍ ଧମକ ବିଶ୍ୱସ୍ତରରେ ଡଲାରକୁ ଦୁର୍ବଳ କରିଦେବ। ଟ୍ରମ୍ପଙ୍କ ଅଧିକ ଟାରିଫ୍‌କୁ ଲକ୍ଷ୍ୟକରି କେତେକ ଦେଶ ଆମେରିକା ସାମଗ୍ରୀ ଉପରେ ମଧ୍ୟ ଟାରିଫ୍ ଲଗାଇଛନ୍ତି। ଏହା ଜବାବରେ ଟ୍ରମ୍ପ ଲଗାତର ଭାବେ ରେସିପ୍ରୋକାଲ ଟାରିଫ୍ ଲଗାଇବାକୁ ଧମକ ଦେଇଛନ୍ତି। ଏହି ପଦକ୍ଷେପ ଟ୍ରମ୍ପଙ୍କୁ ଏବଂ ତାଙ୍କ ସହ ଏହି ଅଭିଯାନରେ ସାମିଲ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିପାରେ, କିନ୍ତୁ ଏହାର ପ୍ରଭାବ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଣିଜ୍ୟ ମୁଖ୍ୟତଃ ତୁଳନାତ୍ମକ ଲାଭ ଦ୍ୱାରା ପରିଚାଳିତ ହୋଇଥାଏ। ଅର୍ଥାତ୍, ଏକ ବାଣିଜ୍ୟିକ ଭାଗୀଦାରିକୁ ଗୋଟିଏ ଦେଶ ସାମଗ୍ରୀ ରପ୍ତାନି କରିବା ଏବଂ ସେହି ଅଂଶୀଦାରଠାରୁ ଆମଦାନୀ କରିବା ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଉଦାହରଣ ସ୍ୱରୂପ, ଗୋଟିଏ ଦେଶ ଫାର୍ମାସ୍ୟୁଟିକଲ୍ସ ରପ୍ତାନି କରୁଥିବାବେଳେ ଏରୋପ୍ଲେନ୍ ଆମଦାନୀ କରିପାରେ। ଏଣୁ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ନେଇ ଅନ୍ୟ ଦେଶର ଆମଦାନୀ ଶୁଳ୍କ ସହ ତୁଳନା କରିବା ବ୍ୟର୍ଥ ହେବ। ଆମେରିକା ଯଦି ଏହି ନୀତି ପ୍ରୟୋଗକରେ ତେବେ ବାଣିଜ୍ୟିକ ଗୋଷ୍ଠୀରେ ଥିବା ସମସ୍ତ ଦେଶ ପ୍ରଭାବିତ ହେବେ ବୋଲି ଟ୍ରମ୍ପ ଯାହା କହିଛନ୍ତି ସେଥିରେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣୁ। କାନାଡା ଓ ମେକ୍ସିକୋ ଆମେରିକାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରିବେ। ଏହାର ପ୍ରତିକାର ପାଇଁ ଆମେରିକା ମଧ୍ୟ ପଦକ୍ଷେପ ନେବ, ଯାହାଦ୍ୱାରା ଏକ ନକାରାତ୍ମକ ପ୍ରକ୍ରିୟା ବା ସମସ୍ୟା ଲାଗିରହିବ। ତେବେ ଏହି ଗତିଶୀଳତା ଆମେରିକା ଓ କାନାଡା ମଧ୍ୟରେ ଆରମ୍ଭ ହୋଇଗଲାଣି। ଫେବୃଆରୀରେ, ଟ୍ରମ୍ପ କାନାଡାର ଷ୍ଟିଲ୍ ଓ ଆଲୁମିନିୟମ ଉପରେ ୨୫% ଟାରିଫ୍ ଘୋଷଣା କରିଥିଲେ। ପ୍ରତିକ୍ରିୟା ସ୍ୱରୂପ, କାନାଡାର ଏକ ରାଜ୍ୟ ଅଣ୍ଟାରିଓ ଆମେରିକାକୁ ହେଉଥିବା ବିଦ୍ୟୁତ୍ ରପ୍ତାନି ଉପରେ ୨୫% ଟ୍ୟାକ୍ସ ଲାଗୁ କରିଦେଲା, ଯାହା ଫଳରେ ଟ୍ରମ୍ପଙ୍କୁ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ପଡ଼ିଲା ଏବଂ ତାଙ୍କ ଷ୍ଟିଲ୍ ଓ ଆଲୁମିନିୟମ ଟାରିଫ୍‌କୁ ୨ଗଣା ଅର୍ଥାତ୍ ୫୦%କୁ ବୃଦ୍ଧି କରିଦେଲେ। ମାତ୍ର କେଇଘଣ୍ଟା ମଧ୍ୟରେ ଆମେରିକା ଟାରିଫ୍ ବୃଦ୍ଧିକୁ ଫେରାଇନେଇ ବୁଝାମଣା କରିବା ପାଇଁ ରାଜିହେବା ପରେ ଅଣ୍ଟାରିଓ ପ୍ରିମିୟର ଡୋଉଗ୍ ଫର୍ଡ ବର୍ଦ୍ଧିତ ଶୁଳ୍କକୁ ରଦ୍ଦ କରିଥିଲେ।

ଏହିଭଳି ପ୍ରତିରୋଧାତ୍ମକ ପ୍ରକ୍ରିୟା ୟୁରୋପୀୟ ସଂଘ, ଚାଇନା, ବ୍ରାଜିଲ ଏବଂ ଅନେକ ବାଣିଜ୍ୟିକ ଅଂଶୀଦାରଙ୍କ ପକ୍ଷରୁ ସାମ୍ନାକୁ ଆସିବା ସମ୍ଭାବନା ରହିଛି। ଅନେକ ବିକାଶଶୀଳ ଦେଶ ଏହିଭଳି ରଣନୀତିକୁ ସମର୍ଥନକଲେ ଆମଦାନୀ ଉପରେ ଅତ୍ୟଧିକ ନିର୍ଭର କରୁଥିବା ଆମେରିକା ଟାରିଫ୍ ଯୁଦ୍ଧରେ ପରାସ୍ତ ହେବା ସହ ଭୟଙ୍କର ପରିଣାମର ସମ୍ମୁଖୀନ ହେବ। ଟ୍ରମ୍ପଙ୍କ ଅଧିକ ଟାରିଫ୍ ନିଜ ଦେଶରେ ମୁଦ୍ରାସ୍ଫୀତି ଓ ଉତ୍ପାଦନ ମୂଲ୍ୟ ମଧ୍ୟ ବୃଦ୍ଧି କରିବ। ଫଳରେ ଆମେରିକୀୟ ସାମଗ୍ରୀଗୁଡ଼ିକର ଚାହିଦା କମିବ ଏବଂ ୟୁରୋପ ଓ ଚାଇନା ପ୍ରମୁଖ ମାର୍କେଟରୁ ଆମେରିକାକୁ ତଡ଼ିଦେବାରେ ସକ୍ଷମ ହେବେ। ଉଲ୍ଲେଖନୀୟ, ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ଅନ୍ୟ ସବୁ ଦେଶ ମଧ୍ୟରେ ଆର୍ଥିକ ସହଭାଗିତା ମଜଭୁତ କରିବା ସମ୍ପର୍କିତ ଆଲୋଚନା ଜୋର ଧରିଲାଣି। ଉଦାହରଣ ସ୍ୱରୂପ, ଭାରତ ଓ ୟୁରୋପୀୟ ସଂଘ ନୂତନ ବାଣିଜ୍ୟ ବୁଝମଣା ଚୂଡ଼ାନ୍ତ କରିବା ପାଇଁ ନିକଟତର ହୋଇଛନ୍ତି। ଏହାସହ ମେକ୍ସିକୋ, କାନାଡା ଏବଂ ଚାଇନା ମଧ୍ୟରେ ବାଣିଜ୍ୟ ଓ ବ୍ୟବସାୟ ଦୃଢ଼ କରିବା ପାଇଁ ଆଲୋଚନା ମଧ୍ୟ ଚାଲିଛି। ନିଃସନ୍ଦେହ ଯେ, ଆରମ୍ଭରୁ କିଛିସମୟ ପାଇଁ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ବିଶ୍ୱ ଆର୍ଥିକ ସମସ୍ୟାର କାରଣ ପାଲଟିବ। କିନ୍ତୁ ଦୀର୍ଘମିଆଦୀ ଭାବେ ଏହାର କ୍ଷତିକାରକ ପ୍ରଭାବ ଆମେରିକା ଉପରେ ପଡ଼ିପାରେ। ଏହା ନିଶ୍ଚିତ ଯେ, ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ଏମ୍ଏଜିଏ) ଏଜେଣ୍ଡାକୁ ଉତ୍ସାହିତ କରିବାକୁ ଚେଷ୍ଟାକରି ଟ୍ରମ୍ପ୍ ବୈଶ୍ୱିକ ପରିବର୍ତ୍ତନର ନେତୃତ୍ୱକୁ ଶେଷ କରିଦେଇପାରନ୍ତି।

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ପାକିସ୍ତାନରେ ଆତଙ୍କବାଦ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଏହା ନିଃସନ୍ଦେହ ଯେ, ଆତଙ୍କବାଦ ସମଗ୍ର ବିଶ୍ୱପାଇଁ ବିପଦ ସୃଷ୍ଟି କରିଛି। ବିଶ୍ୱରେ ଊଣାଅଧିକେ ପ୍ରାୟ ସମସ୍ତ ଦେଶ ଏହାର ଶିକାର ହେଉଛନ୍ତି। ନିକଟରେ ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ ୨୦୨୫ ରିପୋର୍ଟରେ ପ୍ରକାଶ ପାଇଛି। ଏଥିରେ ବିଶ୍ୱର ୯୯.୭ ପ୍ରତିଶତ ଲୋକସଂଖ୍ୟା ଥିବା ୧୬୩ଟି ରାଷ୍ଟ୍ରକୁ ନେଇ ସର୍ଭେ କରାଯାଇଥିଲା। ରିପୋର୍ଟରେ ବୁର୍କିନା ଫାସୋ ଆତଙ୍କବାଦ ପ୍ରଭାବିତ ଦେଶ ତାଲିକାରେ ପ୍ରଥମ ସ୍ଥାନରେ ଥିବାବେଳେ ପାକିସ୍ତାନ ଦ୍ୱିତୀୟ, ସିରିଆ ତୃତୀୟ ମାଲି ଚତୁର୍ଥ, ନିଗେର ପଞ୍ଚମ, ନାଇଜେରିଆ ଷଷ୍ଠ ସ୍ଥାନରେ ଏବଂ ଭାରତ ଚତୁର୍ଦ୍ଦଶ ସ୍ଥାନରେ ରହିଛି। ସେହିପରି ଭାରତର ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ଆଫଗାନିସ୍ତାନ ନବମ ସ୍ଥାନରେ ଅଛି। କହିବା ବାହୁଲ୍ୟ ଯେ, ଭାରତର ପଡ଼ୋଶୀ ପାକିସ୍ତାନ ୨୦୨୪ ରିପୋର୍ଟରେ ତାଲିକାର ଚତୁର୍ଥ ସ୍ଥାନରେ ଥିବାବେଳେ ଚଳିତଥର ଆଉ ଦୁଇଟି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ସ୍ପଷ୍ଟ ସଙ୍କେତ ପ୍ରଦାନ କରେ। ପାକିସ୍ତାନର ତେହେରିକ-ଇ-ତାଲିବାନ୍ ପାକିସ୍ତାନ (ଟିଟିପି), ବେଲୁଚି ଲିବରେଶନ ଆର୍ମି (ବିଏଲ୍ଏ), ଲସ୍କର-ଇ-ତୋଇବା (ଏଲ୍ଇଟି) ସମେତ ବହୁ ଆତଙ୍କବାଦୀ ଗୋଷ୍ଠୀ ସକ୍ରିୟ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ପାକିସ୍ତାନରେ ଯେତିକି ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିଥିଲା, ୨୦୨୪ରେ ତାହାଠାରୁ ଅଧିକ ୪୫ପ୍ରତିଶତ ଘଟଣା ବୃଦ୍ଧି ପାଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୩ରେ ୫୧୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ ଏହି ସଂଖ୍ୟା ୧୦୯୯କୁ ବୃଦ୍ଧି ପାଇଥିଲା। ପାକିସ୍ତାନରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ସକ୍ରିୟ ଥିବାବେଳେ ଟିଟିପି ସବୁଠାରୁ ଅଧିକ ଘାତକ ସଂଗଠନ ଭାବେ ଉଭାହୋଇଛି। ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ଯେତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇଥିଲେ ସେଥିମଧ୍ୟରୁ ୫୨ପ୍ରତିଶତ ମୃତ୍ୟୁ ଟିଟିପି ଦ୍ୱାରା ହୋଇଥିଲା।

ଏଇ ନିକଟରେ ପାକିସ୍ତାନର ବେଲୁଚିସ୍ଥାନରେ ବିଏଲ୍ଏ ଆତଙ୍କବାଦୀ ସଂଗଠନ ଦ୍ୱାରା ଏକ ଯାତ୍ରୀବାହୀ ଟ୍ରେନ୍‌କୁ ଅପହରଣ କରି ଯାତ୍ରୀମାନଙ୍କୁ ପଣବନ୍ଦୀ ରଖିବା ଘଟଣା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଥିଲା। ଏଥିରେ ୩୦ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା ସହ ଅନେକ ସେନା କର୍ମଚାରୀ ଓ ପଣବନ୍ଦୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ସେହିପରି ୨୦୨୩ରେ ବିଶ୍ୱରେ ଯେତିକି ଲୋକଙ୍କ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିଲା, ୨୦୨୪ରେ ତା'ଠାରୁ ଅଧିକ ୧୧ପ୍ରତିଶତ ମୃତ୍ୟୁ ଘଟିଥିଲା। ତେବେ ପାକିସ୍ତାନଠାରୁ ଅଧିକ ସଂଖ୍ୟକ ଆତଙ୍କବାଦୀ ଆକ୍ରମଣ ଘଟଣା ବୁର୍କିନା ଫାସୋରେ ଘଟିଛି। ଯେଉଁଠାରେ ଇସ୍‌ଲାମିକ୍ ଷ୍ଟେଟ ମୃତ୍ୟୁ ଏବଂ ଆତଙ୍କର ତାଣ୍ଡବ ରଚିଛି। ଏହା ନିଃସନ୍ଦେହ ଯେ, ଇସ୍‌ଲାମିକ୍ ଷ୍ଟେଟ(ଆଇଏସ୍) ବିଶ୍ୱର ସବୁଠାରୁ ବିପଜ୍ଜନକ ଆତଙ୍କବାଦୀ ସଂଗଠନ ବୋଲି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଆତଙ୍କବାଦ ଘଟଣା, ମୃତ୍ୟୁ, ଆହତଙ୍କ ସଂଖ୍ୟା ଏବଂ ପଣବନ୍ଦୀ ଆଦି ଚାରୋଟି ସୂଚନାକୁ ନେଇ ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ (ଜିଟିଆଇ) ପ୍ରସ୍ତୁତ କରାଯାଇଛି। ଏଥିରେ ଆତଙ୍କବାଦ ଏବେ କେବଳ ଗୋଟିଏ ଦୁଇଟି ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଗୁରୁଧମକ ସୃଷ୍ଟି କରିଛି ବୋଲି କୁହାଯାଇଛି।

ଆମ ଦେଶରେ ଆତଙ୍କବାଦ ଆଶାତୀତ ଭାବେ ହ୍ରାସ ପାଇଛି। ଏହା ସତ୍ୟ ଯେ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ହ୍ରାସ ପାଇଛି। ଏହା ସତ୍ୟ ଯେ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ନବେ ଦଶକରୁ ଭାରତରେ ଧ୍ୱଂସ ଓ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିଲା। ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦ ଜରିଆରେ ଛାୟାଯୁଦ୍ଧ ଚଳାଇଥିଲା। ମାତ୍ର ପରିସ୍ଥିତି ଏବେ ବଦଳି ଯାଇଛି। ଭାରତର କଠୋର କାର୍ଯ୍ୟାନୁଷ୍ଠାନ ବିଶେଷ କରି ପାକସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସେନାର ସର୍ଜିକାଲ ଷ୍ଟ୍ରାଇକ ପରେ ଦେଶରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇଛି। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଥମି ନାହିଁ। ପାକିସ୍ତାନରେ ଏବେ ଯେଭଳି ଆତଙ୍କବାଦୀଙ୍କ ହିଂସାକାଣ୍ଡ ଘଟୁଛି, ତାହା ତୁଳନାରେ ଭାରତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ କିଛି ନୁହେଁ ବୋଲି କହିଲେ ଅତିରଞ୍ଜିତ ହୋଇ ନ ପାରେ। ତେବେ ଏତିକି କୁହାଯାଇପାରେ ଯିଏ ଅନ୍ୟପାଇଁ ଗାତ ଖୋଳେ ସିଏ ହିଁ ସେହି ଗାତରେ ପଡ଼େ।

**ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼,**
**ମୋ:୭୯୭୮୬୬୬୪୦୩**

## ଏଇ ଭାରତରେ

ଘରଚଟିଆ ବଂଶ ରକ୍ଷା ପାଇଁ ପ୍ରତିବର୍ଷ ଘରଚଟିଆ ଦିବସ ପାଳନ କରାଯାଉଛି। କିନ୍ତୁ ଏହାର ସଂରକ୍ଷଣ ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ହେଲେ ଏକ୍ଷେତ୍ରରେ ରାକେଶ କ୍ଷତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ପ୍ରଶଂସନୀୟ। ସେ ଘରଚଟିଆ ରହିବା ପାଇଁ ବସା ତିଆରି କରି ଭାରତର ବିଭିନ୍ନ ସହରରେ ଲଗାଉଛନ୍ତି ଓ ଲୋକଙ୍କୁ ବାଣ୍ଟୁଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୧୪ ବର୍ଷ ହେଲା କରିଆସୁଛନ୍ତି। ଏବେ ସୁଦ୍ଧା ସେ ୭ ଲକ୍ଷରୁ ଊର୍ଦ୍ଧ୍ୱ ବସା ତିଆରି କରି ସାରିଲେଣି ଓ ଏଥିପାଇଁ ତାଙ୍କୁ ଭାରତର ନେଷ୍ଟ ମ୍ୟାନ ବା ବସା ମଣିଷ ବୋଲି ସମ୍ବୋଧନ କରାଯାଉଛି। ବାଙ୍ଗାଲୋର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କଲିକତା ଏବଂ ମୁମ୍ବାଇ ଭଳି ସହରରେ ଘରଚଟିଆ ସଂଖ୍ୟା କମିବାରେ ଲାଗିଛି ଏବଂ ରାକେଶଙ୍କ ଏହି ଚେଷ୍ଟା ଯୋଗୁ ପୁନର୍ବାର ସେହିସବୁ ସ୍ଥାନର ଘରଚଟିଆ ବଂଶ ବୃଦ୍ଧ ହେବା ଲକ୍ଷ୍ୟ କରାଯାଉଛି। ଷଢ଼େଇ, ଝୋଟ, ସୂତା ଓ ପାଣିରେ ବଢୁଥିବା ଦଳ ଚେର ବ୍ୟବହାର କରି ସେ ଏହି ବସା ତିଆରି କରୁଛନ୍ତି। ସ୍କୁଲଗୁଡ଼ିକରେ କର୍ମଶାଳ ଆୟୋଜନ କରି ପକ୍ଷୀଙ୍କ ବସା ତିଆରି କରିବାର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ବସା ତିଆରିରେ ସେ ଅନେକ ଲୋକଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୭୬

- ଅରୁଣାଚଳ ପ୍ରଦେଶ ତିରାପ ଜିଲାର ନଂ ୩ ଖରଚାଙ୍ଗ ତୈଳ କୂପରୁ ୩୧ ଶହ ଫୁଟ ଗଭୀର ତୈଳ ନିଷ୍କାସିତ ହୋଇଛି।
- ବେଆଇନ ଭାବେ ପ୍ରବେଶ କରିଥିବା ୪୩ ଜଣ ଆଫଗାନ ପାକିସ୍ତାନରୁ ବହିଷ୍କୃତ ହୋଇଥିବା ପାକିସ୍ତାନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ।
- ଆମେରିକା ରାଷ୍ଟ୍ରପତି ଫୋର୍ଡ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଥୋମାସ ଗେଟସ୍‌ଙ୍କୁ ପେକିଂରେ ଥିବା ଆମେରିକାର ଯୋଗସୂତ୍ର ଅଫିସ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 3 | 4 | | |
| 7 | | | | | | | 3 | 6 |
| | 4 | | 1 | | | | | 9 |
| | 6 | 5 | | 2 | 4 | | | |
| 4 | 8 | | | | | | | 5 |
| | | 9 | | | 5 | | 8 | |
| 8 | | | | 6 | | 5 | | |
| | | | | | | | | |
| 6 | 1 | 7 | 4 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 1 | 4 | 2 | 7 | 9 | 6 |
| 4 | 6 | 1 | 5 | 9 | 7 | 3 | 2 | 8 |
| 2 | 9 | 7 | 3 | 6 | 8 | 5 | 1 | 4 |
| 3 | 1 | 6 | 4 | 8 | 5 | 9 | 7 | 2 |
| 9 | 7 | 5 | 6 | 2 | 3 | 4 | 8 | 1 |
| 8 | 4 | 2 | 9 | 7 | 1 | 6 | 3 | 5 |
| 6 | 3 | 8 | 7 | 1 | 4 | 2 | 5 | 9 |
| 1 | 5 | 4 | 2 | 3 | 9 | 8 | 6 | 7 |
| 7 | 2 | 9 | 8 | 5 | 6 | 1 | 4 | 3 |

ଗତକାଲିର ଉତ୍ତର

# ଭଲ ଖାଇବା, ଭଲ ଖୁଆଇବା



ବିଚିତ୍ର ବିଶ୍ୱାଳ

'ଭଲ ଖାଇବା ଓ ଭଲ ଖୁଆଇବା' ହିଁ ଗୋଟେ ସମ୍ବେଦନଶୀଳ, ଦାୟିତ୍ୱବାନ ସମାଜର ମୂଳ ଭିତ୍ତି। ବ୍ୟକ୍ତି, ଗୋଷ୍ଠୀ, ସମାଜ ଓ ପରିବେଶର ଦୀର୍ଘସ୍ଥାୟୀ ମଙ୍ଗଳକୁ ନିଶ୍ଚିତ କରିବାକୁ ହେଲେ ଭଲ ଖାଇବା ଓ ଭଲ ଖୁଆଇବା ବିଚାରକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସର୍ବପ୍ରଥମ ଦାୟିତ୍ୱ ଆସୁଛି ଉତ୍ପାଦକ ଗୋଷ୍ଠୀ ତଥା ଚାଷୀମାନଙ୍କର ଏବଂ ପରେ ପରେ ଖାଉଟିଙ୍କର। ଉଭୟ ସଚେତନ ହୋଇ ସେହି ଦିଗରେ କାର୍ଯ୍ୟ କଲେ ଭଲ ଖାଇବା ଓ ଭଲ ଖୁଆଇବା ନିଶ୍ଚିତ କରିବା ପାଇଁ ବିଳମ୍ବ ହେବ ନାହିଁ। ସୁସ୍ଥ ଜୀବନଯାପନ ପାଇଁ ଭଲ ଖାଦ୍ୟଠାରୁ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନାହିଁ। ତେଣୁ ଆଜିକାଲି ଖାଦ୍ୟକୁ ଔଷଧ ଭାବେ ପରିଗଣନା କରାଯାଉଛି।

ଏକ ଉନ୍ନତ ତଥା ବିକଶିତ ସମାଜ ଗଢ଼ିବା ପାଇଁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ବିଶ୍ୱ ସ୍ତରରେ ବିକାଶର ପରିମାପକ ଭାବେ ବସ୍ତୁଗତ ବିକାଶ ଅପେକ୍ଷା ସ୍ୱାସ୍ଥ୍ୟ ଓ ପୁଷ୍ଟିର ସ୍ଥିତିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି କେବଳ ଖାଦ୍ୟର ଉପଲବ୍ଧତା ଯେ ଖାଦ୍ୟ ସୁରକ୍ଷା ପାଇଁ ଯଥେଷ୍ଟ ନୁହେଁ, ତାହା ଅନ୍ତର୍ଜାତୀୟ ସ୍ତରୀୟ ଅନେକ ସର୍ବେକ୍ଷଣରେ ଭାରତ ପଛରେ ପଡ଼ିବା ଘଟଣାରୁ ସ୍ପଷ୍ଟ ହେଉଛି। ବିଶ୍ୱ ଖାଦ୍ୟ ସୂଚକାଙ୍କରେ ଭାରତ ପଛରେ ପଡ଼ିବା ଏକ ମୁଖ୍ୟ କାରଣ ହେଉଛି ଆମ ଜନସଂଖ୍ୟା ଏବଂ ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟିର ପରିସ୍ଥିତି। ଏହି ଅପପୁଷ୍ଟି ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଆମକୁ ଆମ ଖାଦ୍ୟର ଗୁଣବତ୍ତା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

ଆମ ଶାରୀରିକ ଓ ମାନସିକ ସୁସ୍ଥତା ସର୍ବାଧିକ, ଯାହା ଉପରେ ନିର୍ଭରଶୀଳ, ତାହା ହେଉଛି 'ନିରାପଦ ଖାଦ୍ୟ'। ଖାଦ୍ୟର ଭୂମିକା କେବଳ ପେଟ ଭରିବାରେ ସୀମିତ ନୁହେଁ। ଭଲ ତଥା ନିରାପଦ ଖାଦ୍ୟ ଆମକୁ ରୋଗରୁ ଦୂରେଇ ରଖିବା ସହିତ, ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ଏବଂ ମାନସିକ ଭାବେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ନିରାପଦ ଖାଦ୍ୟ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। ନିରାପଦ ଖାଦ୍ୟ ମଣିଷ ତଥା ଜୀବଜନ୍ତୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ପରିବେଶ ତଥା ପ୍ରକୃତି ଲାଗି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।

ଭଲ ଖାଇବା ଓ ଭଲ ଖୁଆଇବା ଚିନ୍ତାଧାରାକୁ ବ୍ୟାପକ ଭାବେ କାର୍ଯ୍ୟରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ଉତ୍ପାଦକ ସମୂହ ତଥା ଚାଷୀମାନଙ୍କୁ ଦେଶୀ ବିହନରେ ଚାଷ କରିବା ସହିତ ଚାଷରେ ରାସାୟନିକ ସାର ଓ ବିଷର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବାକୁ ହେବ। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଜୈବ ପଦାର୍ଥ ସବୁକୁ ବିନିଯୋଗ କରି ଜୈବିକ ଖତ ସାର ପ୍ରସ୍ତୁତ କରି ଚାଷରେ ବ୍ୟବହାର କରିବା ଦ୍ୱାରା ଭଲ ଅମଳ ହେବା ସହିତ ମାଟି ଓ ପରିବେଶର ସୁରକ୍ଷା ହୋଇଥାଏ। ରାସାୟନିକ ସାର ଓ ବିଷ ଦ୍ୱାରା ଫସଲ ପ୍ରତ୍ୟକ୍ଷ ଭାବେ ବିଷାକ୍ତ ହେବା ସହିତ ଏହି ସବୁ ବିଷ ମାଟିରେ ବର୍ଷ ବର୍ଷ ଧରି ରହୁଥିବାରୁ ଫସଲକୁ ସେହି ବିଷ ଯାଇଥାଏ। ଏତେ ପରିଶ୍ରମ କରି ଚାଷ କରି ଟଙ୍କା ଖର୍ଚ୍ଚ କରି ବିଷ ଖାଇବାରେ ଓ ଅନ୍ୟମାନଙ୍କୁ ଖୁଆଇବାରେ କି ଲାଭ! ଜମିରେ ଏକକ ଫସଲ ନ କରି ମିଶ୍ରିତ ଚାଷ ଓ ବଦଳ ଫସଲ କରିବା ଦ୍ୱାରା ମୃତ୍ତିକାର ଉର୍ବରତା ରକ୍ଷା ହୋଇଥାଏ। ଫସଲରେ ବ୍ୟବହାର କରାଯାଉଥିବା କୀଟନାଶକ ଓ ତୃଣନାଶକର ପ୍ରଭାବରେ ଖାଦ୍ୟ ବିଷାକ୍ତ ହୋଇଯାଏ। ଏହା ମାଟି ଓ ପବନରେ ମଧ୍ୟ ବିଷ ଭରିଦେଇଥାଏ। ତେଣୁ ନିରାପଦ ଖାଦ୍ୟ ପାଇବା ପାଇଁ ଫସଲରେ ଜୈବିକ ଉପାୟରେ ରୋଗପୋକ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ହେବ। ଏଥିପାଇଁ ଆମ ଚାଷୀମାନଙ୍କ ପାଖରେ ପାରମ୍ପରିକ ଭାବେ ଅନେକ ଉପାୟ ରହିଛି। ସେସବୁକୁ ପୁନର୍ବାର ଫେରେଇ ଆଣିବାକୁ ହେବ। ହାଇବ୍ରିଡ୍ ଓ ହାଇ-ୟିଲ ବିହନ ଅଧିକ ପରିମାଣରେ ରାସାୟନିକ ସାର ଓ ବିଷ ଦାବି କରିଥାଏ, ଯାହା ମାଟିର ଉର୍ବରତାକୁ ହ୍ରାସ କରିବା ସହିତ ଖାଦ୍ୟକୁ ବିଷାକ୍ତ କରିଥାଏ। ତେଣୁ ନିରାପଦ ଖାଦ୍ୟର ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ଆମକୁ ଦେଶୀ ବିହନ ପାଖକୁ ଫେରିବାକୁ ପଡ଼ିବ। ଏହା ଦ୍ୱାରା ଚାଷୀମାନଙ୍କର ବଜାର ନିର୍ଭରଶୀଳତା କମ୍ ହେବା ସହିତ ଚାଷରେ ଖର୍ଚ୍ଚ ମଧ୍ୟ କମିବ। ଦେଶୀ ବିହନରୁ ଜୈବିକ ଉପାୟରେ ଉତ୍ପାଦିତ ହେଉଥିବା ଫସଲରେ ପୋଷକ ତତ୍ତ୍ୱ ଅଧିକ ଥାଏ ଏବଂ ଏହା ଅଧିକ ସ୍ୱାଦଯୁକ୍ତ ମଧ୍ୟ ହୋଇଥାଏ। ସେଥିପାଇଁ ଆମକୁ ବିହନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ସହିତ ପାରମ୍ପରିକ ଭାବେ ବିହନ ଅଦଳବଦଳ ବ୍ୟବସ୍ଥାକୁ ପୁନର୍ବାର ଆରମ୍ଭ କରିବାକୁ ହେବ। ଜୈବିକ ଉପାୟରେ ନିରାପଦ ଖାଦ୍ୟ ଉତ୍ପାଦନକୁ ନିଶ୍ଚିତ କରିବା ପାଇଁ ଗୃହପାଳିତ ପଶୁ ସମ୍ପଦ ଯଥା ଗାଈ, ଛେଳି, ମେଣ୍ଢା ଆଦି ଘରେ ରଖିବାର ଅଭ୍ୟାସ ଆରମ୍ଭ କରିବା ଦରକାର।



ଭଲ ଖାଇବା ଓ ଭଲ ଖୁଆଇବା ବିଚାରକୁ ବ୍ୟାପକ କରିବା ନିମନ୍ତେ ଖାଉଟିମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ଓ ଜୈବିକ ଉପାୟରେ ଉତ୍ପାଦିତ ହୋଇଥିବା ଖାଦ୍ୟକୁ ଅଧିକ ମହତ୍ତ୍ୱ ଦେବାର ଆବଶ୍ୟକତା ରହିଛି । ସଂପ୍ରତି ଫାଷ୍ଟଫୁଡ୍ ତଥା ପ୍ୟାକେଟ ଖାଦ୍ୟର ସଂସ୍କୃତି ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହାଦ୍ୱାରା ଖାଦ୍ୟ ନାମରେ ଆମେ ସ୍ୱାସ୍ଥ୍ୟ ଅନୁପଯୋଗୀ ଜିନିଷ ଖାଇବା ସହିତ ଆମ ଉତ୍ପାଦକ ସମୂହ ତଥା ଚାଷୀମାନଙ୍କୁ ମଧ୍ୟ ନିରୁତ୍ସାହିତ କରୁଛନ୍ତି। ଏହା ଯଦି ଜାରି ରହେ, ତେବେ ଚାଷୀମାନେ ଚାଷରୁ ମୁହଁ ଫେରାଇବାକୁ ବାଧ ହେବେ ଓ ଆସନ୍ତା କିଛିଦିନ ମଧ୍ୟରେ ଆମେ ଖାଦ୍ୟ ପାଇଁ ବଜାର ଉପରେ ନିର୍ଭରଶୀଳ ହୋଇଯିବା। ଏହା ଟଙ୍କା ଦେଇ ବିଷ କିଣି ଖାଇବା ପରି ହେବ । ତେଣୁ କେବଳ ଚାଷୀମାନେ ନୁହନ୍ତି ଭଲ ଖାଇବା ଓ ଭଲ ଖୁଆଇବା ପାଇଁ ଖାଉଟିମାନଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି । ଖାଉଟିମାନେ ବୁଝିବା ଦରକାର ଯେ, ସେମାନେ ଖାଉଛନ୍ତି ସ୍ୱାସ୍ଥ୍ୟ ଓ ପୁଷ୍ଟି ରକ୍ଷା ପାଇଁ। ତେଣୁ ବଜାରରେ ନିଜର ଖାଦ୍ୟ ଚୟନ କଲାବେଳେ ଖାଉଟିମାନେ ଯଦି ଭଲ ଖାଇବା ତଥା ସୁଖାଦ୍ୟ ଉପରେ ଗୁରୁତ୍ୱ ଦେବେ ତେବେ ଚାଷୀମାନେ ନିଶ୍ଚିତ ଭାବେ ନିରାପଦ ଖାଦ୍ୟ ଉତ୍ପାଦନ ପାଇଁ ତାଙ୍କ ଦେହରୁ ଝାଳ ବୁହାଇବେ। ଆଜି ସମୟ ଆସିଛି, ଭଲ ଖାଇବା ଓ ଭଲ ଖୁଆଇବା ସମସ୍ତଙ୍କ ପାଇଁ ଏକ ମନ୍ତ୍ର ଭଳି ହେବା ଉଚିତ। ଏଥିପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ଆମକୁ ଖାଦ୍ୟ ଚୟନର ଅଭ୍ୟାସ ବଦଳେଇବାକୁ ପଡ଼ିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌ର ଅପବ୍ୟବହାର

ମହାଶୟ,

ଏବେ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ୬ଟା ୧୫ ମିନିଟ୍ ବେଳକୁ ସନ୍ଧ୍ୟା ଆସନ୍ନ । କିନ୍ତୁ ଆମ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପାଞ୍ଚଟା ପଇଁଚାଳିଶ ବେଳକୁ ରାସ୍ତା ଆଲୁଅ ଜଳାଇ ଦେଉଛନ୍ତି। ଏହି ଯେଉଁ ଅଧିକ ଅଧ ଘଣ୍ଟାକ ପୂର୍ବରୁ ସେମାନେ ସାରା ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆଲୁଅ ଜଳାଉଛନ୍ତି, ଯଦି ଗୋଟିଏ ମାସର ସେତିକି ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହିସାବକୁ ନେବା ତାହା ହୁଏତ ଚାଳିଶ ପଚାଶ କୋଟି ଟଙ୍କାରୁ ବେଶି ହେବ, ଯାହା କି ଆମ ସମ୍ବଳର ଅନୁଚିତ ଅର୍ଥ ବ୍ୟୟ। ତେଣୁ ମୋର ସେହି ବିଦ୍ୟୁତ୍ ପରିଚାଳନା ସଂସ୍ଥାଗୁଡ଼ିକୁ ଅନୁରୋଧ ଏ ସବୁ ବାଜେ ଖର୍ଚ୍ଚରୁ ନିଜକୁ ତଥା ଜନସାଧାରଣଙ୍କୁ ବଞ୍ଚିତ କରି ସନ୍ଧ୍ୟା ୬ଟା ୩୦ ମିନିଟ ବେଳକୁ ରାସ୍ତା ଆଲୁଅ ଜଳାନ୍ତୁ ଆଉ ଅଯଥା ଖର୍ଚ୍ଚରୁ ନିଜକୁ ବଞ୍ଚାନ୍ତୁ । ଯଦି ଏହି ବିଦ୍ୟୁତ୍‌ର ଅପବ୍ୟବହାରରୁ ନିଜକୁ ରକ୍ଷା କରି ବିଦ୍ୟୁତ ୟୁନିଟ ପିଛା କିଛି କମ ମୂଲ୍ୟ ଉପଭୋକ୍ତାଙ୍କଠାରୁ ଆଦାୟ କରନ୍ତେ ତେବେ ସମସ୍ତ ବିଦ୍ୟୁତ ଗ୍ରାହକ ଖୁସି ହୁଅନ୍ତେ।

**-ଶୁଭ୍ରାଂଶୁ ମୋହନ ପରିଡ଼ା, ବକ୍ସିବାଟି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ତପତ ଜୀବନ ସୁଧା
ଏ ମରୁ ପଥେ ରସ-ସଉଦା
ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
ଆସ ଗୋ ଚାରୁ-ହାସିନୀ ଶ୍ୟାମ-ଅଞ୍ଚଳା।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବିଏମସି ପକ୍ଷରୁ ଖୋଲିଲା ଜଳଛତ୍ର

ବ୍ରହ୍ମପୁର,(ସ୍ମୃତି ରଞ୍ଜନ ମହାଲିକ) ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କୁ ପିଇବା ପାଣି ଯୋଗାଣ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ହିଲପାଟଣା ଗଣେଶ ମନ୍ଦିର ନିକଟ, କେସି ହାଇସ୍କୁଲ ପଡିଆ ସମ୍ମୁଖ, ଧାନମେରା ସାହି ସମ୍ମୁଖ, ପୁରୁଣା ବସଷ୍ଟାଣ୍ଡ ଓ କମାପଲୀଠାରେ ପ୍ରଥମ ପର୍ଯ୍ୟାୟରେ ଜଳଛତ୍ର ଖୋଲାଯାଇଛି। ସହରରେ ୭୦ ଜଳ ଛତ୍ର ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନୋଡାଲ ଗୋଷ୍ଠୀ ସଂଯୋଜିକା ଗୀତାଞ୍ଜଳି ସାମନ୍ତରାୟ କହିଛନ୍ତି।

# ବ୍ୟବସାୟୀଙ୍କଠାରୁ ୬ ଲକ୍ଷ ଠକିନେଲେ ମହିଳା

ବ୍ରହ୍ମପୁର,୨୦।୩ (ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ବ୍ୟବସାୟୀଙ୍କୁ ୨ କୋଟି ଟଙ୍କାର ଚେକ୍ ଦେଖାଇ ୬ ଲକ୍ଷ ଟଙ୍କା ଠକି ନେଇଛନ୍ତି ଜଣେ ମହିଳା। ଏ ନେଇ ବଡବଜାର ଥାନାରେ ଅଭିଯୋଗ ହୋଇଛି। ଜରଡା ଥାନା ଅନ୍ତର୍ଗତ ପାତ୍ରପୁରର ଏ. ସନ୍ତୋଷଙ୍କ ବ୍ରହ୍ମପୁର ବଡବଜାରରେ ଏକ ଦୋକାନ ରହିଛି। ସନ୍ତୋଷଙ୍କ ସହ ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା ଓ ତାଙ୍କ ପୁଅ ଭଲ ସମ୍ପର୍କ ରଖି ତାଙ୍କ ଦୋକାନ ଓ ଘରକୁ ଯା ଆସ କରୁଥିଲେ। କିଛି ଦିନ ତଳେ ମହିଳା ଜଣକ ତାଙ୍କ ପାଖରେ ୨ କୋଟି ଟଙ୍କାର ଚେକ ଥିବା ସନ୍ତୋଷଙ୍କୁ ଜଣାଇଥିଲେ । ପରେ ସେ ୬ ଲକ୍ଷ ଟଙ୍କା ଧାର ମାଗିବା ସହ ଚେକ କ୍ଲିୟର ହେଲେ ସୁଧମୂଳ ସହ ମୋଟ ୭ ଲକ୍ଷ ଟଙ୍କା ଫେରସ୍ତ କରିବେ ବୋଲି କହିଥିଲେ। ଲୋଭରେ ପଡି ସନ୍ତୋଷ ତାଙ୍କ ସହ ବ୍ୟାଙ୍କ ଯାଇ ୬ ଲକ୍ଷ ଟଙ୍କା ଦେଇଥିଲେ । ମହିଳା ଜଣଙ୍କ କୌଶଳକ୍ରମେ ଚମ୍ପଟ ମାରିଥିଲେ । ସେ ଦେଇଥିବା ଚେକକୁ ସନ୍ତୋଷ ବ୍ୟାଙ୍କ କର୍ମଚାରୀଙ୍କୁ ଦେଖାଇବାରୁ ଉକ୍ତ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାପଡିଥିଲା।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଯାପିତ

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ ହଲ ଠାରେ ଚାଲିଥିବା ବିକଶିତ ଭାରତ ଯୁବ ସଂସଦ ଜିଲାସ୍ତରୀୟ କାର୍ଯ୍ୟକ୍ରମ ସରିଛି। କୃତୀ ପ୍ରତିଯୋଗୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସେବା ଯୋଜନାର ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡା ଏକ ରାଷ୍ଟ୍ର ଶ୍ରେଷ୍ଠ ରାଷ୍ଟ୍ର ଗଠନର ଭାଗିଦାରି ହେବାକୁ କହିଥିଲେ । ଗଜପତି ଜିଲାର ଏନ ଏସଏସ ଅଧିକାରୀ ଡ଼. ସନ୍ନ୍ୟାସୀ ବେହେରା ଯୋଗଦେଇ ସମାଜ ସଂସ୍କାରରେ ସାମିଲ ହେବା ପାଇଁ କହିଥିଲେ । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଭାଗ୍ୟଶ୍ରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଜିଲା ଏନଏସଏସ ଅଧିକାରୀ ଗଣେଶ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସୁଶାନ୍ତ କୁମାର ସାହୁ ଓ ସୌମ୍ୟଶ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ।

# ନିଷ୍ଟ ବିଶ୍ୱ ବିଦ୍ୟାଳୟ ବି.ଟେକ, ବିଏସ୍‌ସି ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଗୋପାଳପୁର,୨୦।୩(ନବୀନ ରାଜ ଆଚାରୀ) ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ତଥା ସଭାପତି ମୁଖ୍ୟ ଅତିଥି ଭାବେ ଡ଼. ସୁକାନ୍ତ କିଶୋର ମହାପାତ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ଏକାଡ଼େମିକ ଡିନ ଡ଼. ପି ରାଜେଶ କୁମାର, ଆସୋସିଏଟ୍ ଡିନ୍ (ଛାତ୍ର କଲ୍ୟାଣ) ଡ. ପ୍ରୀତି ରଞ୍ଜନ ସାହୁ, ଭାରପ୍ରାପ୍ତ କୁଳସଚିବ ବିଷ୍ଣୁଙ୍କର ନାୟକ, ପ୍ରଫେସର ସ୍ୱାଧୀନ ମିଶ୍ର, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଡ଼. ବ୍ରଜ କିଶୋର ମିଶ୍ର, ଡ଼. ରାଜେଶ ପାଟ୍ଟଯୋଷୀ, ଡ଼. ସୀମାଞ୍ଚଳ ପାଣିଗ୍ରାହୀ, ଡ଼. ସୁବ୍ରତ ସାହୁ, ଡ଼. ସୁବ୍ରତ ଭୂୟାଁ, ପ୍ରଫେସର ସୁମନ୍ତ ପଟ୍ଟନାୟକ, ପରୀକ୍ଷା ନିୟନ୍ତ୍ରକ ଡ଼. ଲକ୍ଷ୍ମୀକାନ୍ତ ରାଜୁ, ଛାତ୍ରାବାସ ଅଧିବକ୍ତା ଡ଼. ସସ୍ମିତା ପାଢ଼ୀ, ଡ଼. ରତିକାନ୍ତ ନାୟକ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରଫେସର ପୂର୍ଣ୍ଣେନ୍ଦୁ ମିଶ୍ର, ଡ଼. ହରିକୃଷ୍ଣ ଗନ୍ତାୟତ, ଆଲୁମିନି ସଂଯୋଜକ ପ୍ରଫେସର ମିଟୁ ବରାଳ, ପ୍ରଫେସର ସରୋଜ ପାଢ଼ୀ, ପ୍ରଫେସର ପୀତାମ୍ବର ସାହୁ, ମୁନା ମହାନ୍ତି, ସନ୍ତୋଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରଚଟିଆ ବଂଶ ବୃଦ୍ଧିରେ ଲୋକଙ୍କ ସହଭାଗିତା ଜରୁରୀ



କାର୍ଯ୍ୟକ୍ରମରେ ପରିଷଦର ସଭାପତି ଓ ଏସିଏଫଙ୍କ ସହ ଅନ୍ୟମାନେ କୃତ୍ରିମ ବସା ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ) ମାର୍ଚ୍ଚ ୨୦ ତାରିଖକୁ ସାରା ବିଶ୍ୱବ୍ୟାପୀ ଘର ଚଟିଆ ସୁରକ୍ଷା ପାଇଁ ଉତ୍ସର୍ଗ କରାଯାଇଛି। ଗଞ୍ଜାମ ଜିଲା ଗୁଣ୍ଡବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ୧୨ ବର୍ଷ ଧରି ଘରଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ଓ ଜଗତସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି। ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି ବୋଲି ଦାବି କରିଛି। ଘରଚଟିଆ ଦିବସ ପରିପ୍ରେକ୍ଷୀରେ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକର ଅନନ୍ତାଇ ଗ୍ରାମରେ ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ଯୋଗଦେଇ କହିଥିଲେ ଯେ, ପରିବେଶ ସୁରକ୍ଷାରେ ଘରଚଟିଆଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଏହାର ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ଛୋଟ ଶିଶୁ ଠାରୁ ଆରମ୍ଭ କରି ବୟସ୍କ, ସରକାରୀ ଓ ବେସରକାରୀ ସଂସ୍ଥାର ସହଭାଗିତା ଜରୁରୀ ହୋଇପଡିଛି। ତେଣୁ ଆଜିର ଦିନରେ ସେମାନଙ୍କ ବଂଶବୃଦ୍ଧି ପାଇଁ ଆମେ ସମସ୍ତେ ସଂକଳ୍ପ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, ସମିତିସଭ୍ୟା ନିରୁପମା ପାତ୍ର, ଭାରତୀୟ ଜୀବନ ବୀମା ନିଗମ ସମ୍ପଦ ପ୍ରବନ୍ଧକ ଅଧିକାରୀ ସଞ୍ଜୟ ସାମନ୍ତରାୟ, ସମାଜିକ କର୍ମୀ କିଶୋର ଚନ୍ଦ୍ର ପାତ୍ର, ପଦ୍ମନାଭ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମବାସୀଙ୍କୁ ଚଟିଆଙ୍କ ପାଇଁ କୃତ୍ରିମ ବସା, ଖାଦ୍ୟ ସ୍ଥଳୀ ଓ ତୃଷା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯିବା ସହ ଲୋକଙ୍କ ଦୁଆର ମୁହଁରେ କୃତ୍ରିମ ବସା ସ୍ଥାପନ କରାଯାଇଥିଲା। ସ୍ୱେଚ୍ଛାସେବୀ ସଞ୍ଜୟ ପାତ୍ରଙ୍କ ଉଦ୍ୟମରେ ପ୍ରବଳ ଗ୍ରୀଷ୍ମ ଦାଉରୁ ପକ୍ଷୀଙ୍କ ତୃଷା ନିବାରଣ ନିମନ୍ତେ ଗ୍ରାମର ବିଭିନ୍ନ ସ୍ଥାନରେ ଜଳ କୁଣ୍ଡ ଆରମ୍ଭ କରାଯାଇଛି । ସଂଘର ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ସଞ୍ଜୟ ପାତ୍ର, ନଳିନୀ କାନ୍ତ ପରିଡା, ପୁରୁଷୋତ୍ତମ ସ୍ୱାଇଁ, ଅର୍ଜୁନ ଗୌଡ଼, ରଞ୍ଜନ ବେହେରା, ଲିଙ୍ଗରାଜ ଆଚାରୀ, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶିବେହେରା ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

# ଏମ୍‌କେସିଜି ମେଡିକାଲକୁ ୧.୨୦ କୋଟିର ସରଞ୍ଜାମ ଦେଲା ଆଇଆର୍‌ଇଏଲ୍


ଏମ୍‌କେସିଜି ମେଡିକାଲ କଲେଜ ଡିନ୍‌ଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ) ଛତ୍ରପୁର ସ୍ଥିତ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାନ(ଆଇଆର୍‌ଇଏଲ୍) ପକ୍ଷରୁ ଏମ୍‌କେସିଜି ମେଡିକାଲକୁ ୧ କୋଟି ୨୦ ଲକ୍ଷ ଟଙ୍କାର ସରଞ୍ଜାମ ପ୍ରଦାନ କରାଯାଇଛି। ଆଇଆର୍‌ଇଏଲ୍‌ର ସିଏସ୍‌ଆର ପାଣ୍ଠିରୁ ଏମ୍‌କେସିଜିର ସିଟିଭିଏସ ବିଭାଗ ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ ଦିଆଯାଇଛି। ଗୁରୁବାର ଆଇଆର୍‌ଇଏଲ୍‌ର ଓସକମ ମୁଖ୍ୟ ସିଭିଆର ମୂର୍ତ୍ତି, ମହା ପ୍ରବନ୍ଧକ ରବିଶଙ୍କର ସାବତ, ସିଏସଆର ଡିଜିଏମ ଏନ.କେ. ନାୟକ ଓ ସିନିୟର ମ୍ୟାନେଜର ଦୀପକ ମିଶ୍ର ଏମକେସିଜିରେ ପହଞ୍ଚି ଏମକେସିଜି ମେଡିକାଲ ଡିନ ତଥା ଅଧକ୍ଷା ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ଉପରୋକ୍ତ ଯନ୍ତ୍ରପାତି ଦେଇଛନ୍ତି। ଏହି ସମୟରେ ଏମକେସିଜି ସିଟିଭିଏସ ବିଭାଗ ମୁଖ୍ୟ ପ୍ରଫେସର ଡା. ସାରଦା ଦାସ ଉପସ୍ଥିତ ଥିଲେ। ଏମକେସିଜିର ପିଏମଏସଏସୱାଇ କୋଠାରେ ସିଟିଭିଏସ ବିଭାଗ ରହିଛି । ଏହି ବିଭାଗରେ ପୂର୍ବରୁ ଦାମୀ ମେସିନ ରହିଥିଲେ ମଧ୍ୟ ଅନ୍ୟାନ୍ୟ ମେସିନ ଓ ସରଞ୍ଜାମ ପାଇଁ ଏହି ବିଭାଗରେ ରୋଗୀଙ୍କ ଓପନ ହାର୍ଟ ସର୍ଜରୀ ହୋଇ ପାରୁ ନଥିଲା।

# ଏଏସ୍‌ଓ ଚାକିରି କରାଇଦେବା ନାଁରେ ୨୨ ଲକ୍ଷ ଠକେଇ, ଜଣେ ଗିରଫ

ବ୍ରହ୍ମପୁର,୨୦।୩ (ସୁବାସ ଚନ୍ଦ୍ର ପାଢ଼ୀ) ଏଏସ୍‌ଓ ଚାକିରି ନାଁରେ ଦୁଇ ସାଙ୍ଗଙ୍କ ଠାରୁ ୨୨ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏ ନେଇ ଅଭିଯୋଗ ପରେ ବଡବଜାର ଥାନା ପୋଲିସ ଟଙ୍କା ନେଇଥିବା ଦଲାଲ ବ୍ରହ୍ମପୁର ଗଣେଶ ନଗରର ଅନିଲ ପାତ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ବେଲଗୁଣ୍ଠା ବ୍ୟାଙ୍କ ବଜାରର ଆଶୁତୋଷ ପାତ୍ର ଏବଂ ତାଙ୍କ ସାଙ୍ଗ ସାଇରାଜ ପାତ୍ର ବ୍ରହ୍ମପୁରରେ ରହି ଏଏସ୍‌ଓ ଚାକିରି ପାଇଁ ପ୍ରସ୍ତୁତି ଚଳାଇଥିଲେ । ଅନିଲ ୨୦୨୨ ଫେବୃଆରୀରେ ସାଇରାଜଙ୍କ ଦୋକାକ ନିକଟକୁ ଆସି ଏଏସଓ ଚାକିରି କରାଇଦେବେ ବୋଲି କହିଥିଲେ । ତେବେ ଏଥିପାଇଁ ଜଣ ପିଛା ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ। ପ୍ରତିଶ୍ରୁତି ମୁତାବକ ଆଶୁତୋଷ ଏବଂ ସାଇରାଜ ସରକାରୀ ଚାକିରି କରିବା ଲୋଭରେ ମୋଟ ୨୨ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ । ଆଶୁତୋଷ ୧୫ ଲକ୍ଷ ସାଇରାଜ ୭ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଏଏସଓ ଚାକିରି ପାଇଁ ପରୀକ୍ଷା ଶେଷ ହୋଇ ରେଜଲ୍ଟ ବାହାରିବା ପରେ ସେଥିରେ ଉଭୟଙ୍କ ନାଁ ନଥିଲା। ଆଶୁତୋଷ ଓ ସାଇରାଜ ଚାକିରି ନ ପାଇବାରୁ ଅନିଲଙ୍କୁ ଟଙ୍କା ଫେରାଇ ଦେବାକୁ କହିଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ଅନିଲ ଉଭୟଙ୍କୁ ଅଢେଇ ଲକ୍ଷ ଲେଖାଏଁ ମୋଟ ୫ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ।ହେଲେ ବଳକା ୧୭ ଲକ୍ଷ ଟଙ୍କା ସେ ଆଉ ଫେରସ୍ତ କରିନଥିଲେ କିମ୍ବା ଫୋନ ଉଠାଇନଥିଲେ । ଘଟଣାକୁ ନେଇ ଆଶୁତୋଷ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୦।୩( ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ(ଜିଆରପି) ଗୁରୁବାର ସକାଳେ ରାମନଗର ଫାଟକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ପୋଲସରା ଥାନା ଗୋଛାପଡ଼ା ଗ୍ରାମର ରାହୁଲ ଗୌଡ଼(୨୦)। ଏ ନେଇ ଜିଆରପି ଥାନାରେ ନଂ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତକଙ୍କ ପକେଟରୁ ଏକ ପ୍ଲାଟଫର୍ମ ଟିକେଟ ଓ ମୋବାଇଲ ପାଇଥିଲା। ତାହାରି ଆଧାରରେ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲା। ମୃତକଙ୍କ ବାପା ଭବାନୀ ଗୌଡ ବ୍ରହ୍ମପୁରରେ ପହଞ୍ଚି ପୋଲିସ ଉପସ୍ଥିତିରେ ପୁଅର ମୃତଦେହ ଚିହ୍ନଟ କରିଥିଲେ। ଘରୋଇ ଅଶାନ୍ତିରୁ ରାହୁଲ ବୁଧବାର ଠାରୁ ଘରୁ ଚାଲି ଆସିଥିଲେ। ସନ୍ଧ୍ୟାରେ ସେ ଘରକୁ ଫେରିନଥିଲେ। ଟ୍ରେନରୁ ଖସି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

# ଗଛ କାଟି ଶିକ୍ଷକଙ୍କ ସମେତ ୨ ଗିରଫ

ଜଗନ୍ନାଥପ୍ରସାଦ,୨୦।୩(ବିଭୁ ପ୍ରସାଦ ପଟ୍ଟନାୟକ) ଜଗନ୍ନାଥ ପ୍ରସାଦ ଉତ୍ତର ଘୁମୁସର ବନାଞ୍ଚଳ ଅଧୀନ ପାଇଛେଲିଆ ଭାଗ (୪) ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ କାଠ କାଟିଥିବା ଅଭିଯୋଗରେ ଦୁଇଜଣଙ୍କୁ ବନବିଭାଗ ଗିରଫ କରିଛି। ନଂ. ୧୬୯/୨୫ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚଲାଣ କରାଯାଇଛି। ସେମାନେ ହେଲେ କ୍ଷେତମୁଣ୍ଡାଳି ପଞ୍ଚାୟତ ବନ୍ତା ଗ୍ରାମର ଏସ. ବାବୁଲା ଚୌଧୁରୀ (୫୦) ଓ ସୁରେନ୍ଦ୍ର ବାରିକ (୫୩)। ବାବୁଲା ବନ୍ତା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରନ୍ତି। ଉଭୟଙ୍କ ଜାମିନ ନାମଞ୍ଜୁର ହେତୁ ସେମାନଙ୍କୁ ଜେଲ ପଠାଯାଇଛି।


**PARADIP PORT AUTHORITY**
**e-TENDER CALL NOTICE**
**No. EM/PED-08/2025**
No. EM/PED/TECH-44/2024/247 Date:18/03/2025
Name of the work : "Annual Maintenance Contract (AMC) of Night Navigation System at Paradip Port Authority for a period of 03 years". Estimated Cost: Rs.1,27,75,800/-. Last date & time of submission of bid: dt.10/04/2025 up to 17:30 Hrs.
Refer our Website for details https://eprocure.gov.in/eprocure/app.
Sd/- Executive Engineer (E), (PED-III)
Paradip Port Authority
PPA/PR/69/2024-2025 dtd.20.03.2025



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୯, ତାରିଖ: ୧୯।୦୩।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ ଏବଂ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା;; ଟେଣ୍ଡର ମୂଲ୍ୟ; ଅମାନତ ରାଶି: (୧) ଇ-କେଜିପି-ୱେଷ୍ଟ-୦୯-୨୦୨୫; ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ନିର୍ବାହ (i) ବାଲିଚ୍ଛକ-ଖଡ଼ଗପୁର: ଟିଆର୍‌ଆର୍(ପି)-୫.୫୫୫ ଟିକେଏମ୍, ଖଡ଼ଗପୁର-ଟାଟାନଗର: ଟିଆର୍‌ଆର୍(ପି)-୧.୬୬୪ ଟିକେଏମ୍, (ii) ବାଲିଚ୍ଛକ-ଖଡ଼ଗପୁର: ଟିଆର୍‌ଆର୍(ଏସ୍) - ୮.୫୨୭ ଟିକେଏମ୍, (iii) ବାଲିଚ୍ଛକ-ନିମପୁରା: ଟିଏଫ୍‌ଆର୍- ୭.୧ ଟିକେଏମ୍ ଏବଂ (iv) ବାଲିଚ୍ଛକ-ଟାଟାନଗର: ଟିବିଆର୍-୮.୫୮୭ ଟିକେଏମ୍; ₹୨,୦୯,୩୪,୪୫୯.୨୪; ₹୨,୫୪,୭୦୦/-। (୨) ଇ-କେଜିପି-ୱେଷ୍ଟ-୧୦-୨୦୨୫; ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ବାଲିଚ୍ଛକ-ରାଖାମାଇନ୍ସ: ଟିଟିଆର୍- ୧୩୦ ସେଟ୍ ଏବଂ ଖଡ଼ଗପୁର ୟାର୍ଡ: ଟିଟିଆର୍ - ୭୩ ସେଟ୍; ₹୨,୮୯,୨୩,୯୨୩.୨୫; ₹୨,୯୪,୬୦୦/-। (୩) ଇ-କେଜିପି-ୱେଷ୍ଟ-୧୧-୨୦୨୫; ସହକାରୀ ମଣ୍ଡଳ ଯନ୍ତ୍ରୀ/ଝାରଗ୍ରାମଙ୍କ ଅଧୀନରେ ବରିଷ୍ଠ ଉପବିଭାଗ ଯନ୍ତ୍ରୀ (ପି.ୱେ)ଙ୍କ ନିମନ୍ତେ ଲୋକ ଏବଂ ସାମଗ୍ରୀର ପରିବହନରେ ବ୍ୟବହୃତ ହେବା ଲାଗି ୧୫ ମାସ ପାଇଁ ୦୪ ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ପାଇଁ ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ); ₹୧୨,୬୯,୭୬୭.୧୦; ₹୨୫,୪୦୦/-। (୪) ଇ-କେଜିପି-ୱେଷ୍ଟ-୧୨-୨୦୨୫; ସହକାରୀ ମଣ୍ଡଳ ଯନ୍ତ୍ରୀ/ଡବ୍ଲ୍ୟୁ/ଖଡ଼ଗପୁରଙ୍କ ଅଧୀନରେ ବରିଷ୍ଠ ଉପବିଭାଗ ଯନ୍ତ୍ରୀ (ପି.ୱେ)ଙ୍କ ନିମନ୍ତେ ଲୋକ ଏବଂ ସାମଗ୍ରୀର ପରିବହନରେ ବ୍ୟବହୃତ ହେବା ଲାଗି ୧୫ ମାସ ପାଇଁ ୦୪ ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ପାଇଁ ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ); ₹୧୨,୬୯,୭୬୭.୧୦; ₹୨୫,୪୦୦/-। (୫) ଇ-କେଜିପି-ଏଚକ୍ୟୁ-୦୯-୨୦୨୫; ସହକାରୀ ମଣ୍ଡଳ ଯନ୍ତ୍ରୀ/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ଥ୍ରୋ ରେଳ ନବୀକରଣ (ପ୍ରାଇମେରୀ) ଅର୍ଥାତ୍ ପାଂସକୁରା - ହଳଦିଆ ସେକ୍ସନରେ ୮.୨୫ ଟିଆର୍. କିମି ସେକ୍ସନର ଟିଆର୍‌ଆର୍(ପି) (୨ୟ ଆହ୍ୱାନ); ₹୧,୧୧,୨୪,୪୯୬.୪୮; ₹୨,୦୫,୬୦୦/-। (୬) ଇ-କେଜିପି-ଇଷ୍ଟ-୨୩-୨୦୨୫; ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନରେ ଥ୍ରୋ ବାଲାଷ୍ଟ ନବୀକରଣ (ଟିବିଆର୍) - ୪୦.୫୬୬ କିମି କାର୍ଯ୍ୟର ନିର୍ବାହ; ₹୩,୭୩,୨୧,୬୦୯.୬୮; ₹୩,୩୬,୬୦୦/-। (୭) ଇ-କେଜିପି-ଇଷ୍ଟ-୨୪-୨୦୨୫; ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନରେ ଥ୍ରୋ ଟର୍ନଆଉଟ୍ ନବୀକରଣ (ଟିଟିଆର୍) - ୩୭୧ ସେଟ୍ କାର୍ଯ୍ୟର ନିର୍ବାହ; ₹୨,୫୩,୫୧,୬୧୩.୩୬; ₹୨,୭୬,୮୦୦/-। (୮) ଇ-କେଜିପି-ଇଷ୍ଟ-୨୫-୨୦୨୫; ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆରଡିଏସ୍‌ଓ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁଯାୟୀ ୬୦ କିଗ୍ରା/୯୦ ୟୁଟିଏସ୍ ରେଳ (୪୫୦ ଗୋଟି ଜଏଣ୍ଟ) ଏବଂ ୬୦ କିଗ୍ରା/୬୦ ଇଆଇ-ଆର୍୨୬୦ ଗ୍ରେଡ୍ ରେଳ (୩୦୩୫ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲଡିଂ ଅଂଶର ବିନିର୍ମାଣ ଓ ଯୋଗାଣ ଏବଂ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହିତ ୱେଲଡିଂ ଇନ୍-ସିଟୁ । (ମୋଟ ୩୪୮୫ ଗୋଟି ଜଏଣ୍ଟ); ₹୭୮,୭୮,୯୨୬.୩୪; ₹୧,୫୭,୬୦୦/-। (୯) ଇ-କେଜିପି-ଇଷ୍ଟ-୨୬-୨୦୨୫; ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନରେ ଥ୍ରୋ ଟର୍ନଆଉଟ୍ ନବୀକରଣ (ଟିଟିଆର୍) - ୮୭ ସେଟ୍ ଏବଂ ଡିରେଲିଂ ସୁଇଚ୍ (ଡିଏସ୍) - ୧୫ ସେଟ୍ କାର୍ଯ୍ୟର ନିର୍ବାହ; ₹୨,୭୬,୯୯,୩୧୦.୭୮; ₹୨,୮୮,୫୦୦/-। (୧୦) ଇ-କେଜିପି-ଇଷ୍ଟ-୨୭-୨୦୨୫; ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନରେ ରେଳଗୁଡ଼ିକର ପେଣ୍ଟିଂ - ୬୮.୦୮୮ ଟିଆର୍. କିମି କାର୍ଯ୍ୟର ନିର୍ବାହ; ₹୮୫,୬୪,୩୨୨.୯୦; ₹୧,୭୧,୩୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲାଯିବା ତାରିଖ: କ୍ର.ସଂ. ୧ରୁ ୪ ପାଇଁ ତା୦୮।୦୪।୨୦୨୫ରିଖ ଏବଂ କ୍ର.ସଂ. ୫ରୁ ୧୦ ପାଇଁ ତା୧୦।୦୪।୨୦୨୫ରିଖ । କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ. ୧, ୨, ୬, ୭, ୮ ଓ ୯ ପାଇଁ ୧୨ ମାସ; କ୍ର.ସଂ. ୩ ଓ ୪ ପାଇଁ ୧୫ ମାସ; କ୍ର.ସଂ. ୫ ପାଇଁ ୦୮ ମାସ ଏବଂ କ୍ର.ସଂ. ୧୦ ପାଇଁ ୦୬ ମାସ । ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ରୁ ୪ ପାଇଁ ତା୨୫।୦୩।୨୦୨୫ରିଖଠାରୁ ତା୦୮।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ କ୍ର.ସଂ. ୫ରୁ ୧୦ ପାଇଁ ତା୨୭।୦୩।୨୦୨୫ରିଖ ଠାରୁ ତା୧୦।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି । (PR-1252)



OHPC ISO 9001-14001 18001 Certified

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. 53/2024-25 DATED. 18.03.2025**

No.CAD-2880 : Sealed tenders are invited from 'C' or 'D' class contractors registered with state government and contractors of equivalent grade / class registered with central government / MED / Railways in two parts i.e. 1) Techno commercial bid & 2) Price bid for the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Clearing of shrub jungles, uprooting of stumps small bushes & trees below 1 mtr girth from both side of the Tail race slope, cable trench area, slope area in front of canteen, Central Store Main Gate to service water tank, around the Power House building, both sides of black topped road from main gate to Power House Canteen, Valve House area & Central Store area of UIHEP, Mukhiguda for a period of one year. | 2,360/- (inclusive of GST) | 4,477/- | From 24.03.2025 to 05.04.2025 up to 13:00 Hrs. | 05.04.2025 (up to 13:00 Hrs) | 05.04.2025 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda

OIPR-32136/11/0037/2425



**THE ASKA CO-OPERATIVE SUGAR INDUSTRIES LTD.**
P.O. : Nuagam, (Aska) - 761111, Dist. - Ganjam, State - Odisha
Email Id : askasugar@yahoo.co.in
GSTIN : 21AAAAT5989L1ZO

**TENDER CALL NOTICE**

The Aska Co-operative Sugar Industries Ltd. at Aska the following Tender Call Notices are given below. Please visit our website : www.askasugar.com and further corrigendum / addendum will be published in our website.

| Sl. No. | Particulars | Letter no | Last Date | Opening Date | Time |
|---|---|---|---|---|---|
| 1 | Cartoon | 2890 | 10.04.2025 | 11.04.2025 | 11:00 A.M. |
| 2 | Unloading of Bottling Raw materials | 2897 | | | 03:00 P.M. |
| 3 | Loading of C.L. | 2896 | | | 04:00 P.M. |
| 4 | Glass Bottle | 2891 | 11.04.2025 | 12.04.2025 | 11:00 A.M. |
| 5 | Health Check-up | 2899 | | | 03:00 P.M. |
| 6 | Bottling Tender | 2895 | 15.04.2025 | 16.04.2025 | 11:00 A.M. |
| 7 | E.N.A. | 2901 | 16.04.2025 | 17.04.2025 | 11:00 A.M. |
| 8 | Cap & Gum/ Adhesive Gum | 2892, 2893 | | | 03:00 P.M. |
| 9 | Transport of C.L. | 2898 | 17.04.2025 | 18.04.2025 | 11:00 A.M. |
| 10 | Label & Tap | 2889, 2894 | | | 11:30 A.M.12 N |
| 11 | Fire Safety | 2900 | | | 3:30 P.M. |

Sd./- Managing Director



ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ହୁମା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଧ୍ରୁବ ଚରଣ ପଲାଇ
ହୁମା ପଞ୍ଚାୟତ ସମିତିସଭ୍ୟ ତଥା ହୁମା ମଣ୍ଡଳ ସଭାପତି

ଅଭିନନ୍ଦନ
ଧରିତ୍ରୀ ପରିବାର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ୧୫ ନମ୍ବର ଜୋନର ସମସ୍ତ ପଞ୍ଚାୟତବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ସନାତନ ବେହେରା
ଜିଲ୍ଲା ପରିଷଦ ସଭ୍ୟ ୧୫ ନମ୍ବର ଜୋନ, ବିଜୁ ଜନତା ଦଳ ତଥା କୈବର୍ତ୍ତ ମହାସଂଘ ସଭାପତି

ଅଭିନନ୍ଦନ
ଲୋକପ୍ରିୟ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ପାଳନ ଅବସରରେ ସମସ୍ତଙ୍କୁ ପ୍ରୀତିଭରା ଅଭିନନ୍ଦନ ।
ଶୁଭଦତ୍ତାତ୍ରେୟ ବାହିନୀପତି
ଖଜୁରୀପଡା ବିଡିଓ

ଅଭିନନ୍ଦନ
ଲୋକପ୍ରିୟ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ବାର୍ଷିକୋତ୍ସବ ଉପଲକ୍ଷେ ପାଳିବନ୍ଧ ଗ୍ରାମପଞ୍ଚାୟତ ସମେତ ଗଞ୍ଜାମ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।
ଛାୟାକାନ୍ତ ପ୍ରଧାନ
(ଆଇନଜୀବୀ) ପୂର୍ବତନ ସମିତି ସଭ୍ୟ
ପାଳିବନ୍ଧ ଗ୍ରାମ ପଞ୍ଚାୟତ
ଉଷାରାଣୀ ପ୍ରଧାନ
ସମିତି ସଭ୍ୟ
ପାଳିବନ୍ଧ ଗ୍ରାମ ପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ଖଜୁରୀପଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଅନୀମା କହଁର
ଖଜୁରୀପଡା ବ୍ଲକ ଅଧ୍ୟକ୍ଷା

ଅଭିନନ୍ଦନ
ଲୋକପ୍ରିୟ ଓଡ଼ିଆ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ପାଳନ ଅବସରରେ ଅନେକ ଶୁଭେଚ୍ଛା ।
ନବୀନ କହଁର
ଶିକ୍ଷକ, ପ୍ରେମଝୋରୀ ସ୍କୁଲ

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଓଡ଼ିଆ ଦୈନିକ ଖବରକାଗଜ ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।
ନରେନ୍ଦ୍ର କହଁର
ଅବସରପ୍ରାପ୍ତ କର୍ମଚାରୀ

ଅଭିନନ୍ଦନ
ଲୋକପ୍ରିୟ ଓଡ଼ିଆ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ପାଳନ ଅବସରରେ ଅନେକ ଶୁଭେଚ୍ଛା ।
ମମତାମୟୀ ମହାନ୍ତି
ସହକାରୀ କୃଷି ଅଧିକାରୀ, ଖଜୁରୀପଡା

ଅଗ୍ରଣୀ ଲୋକପ୍ରିୟ ଧରିତ୍ରୀ ଖବରକାଗଜର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା । ଏ ଅବସରରେ ସମସ୍ତ ପ୍ରିୟ ଜନସାଧାରଣଙ୍କୁ ମୋର ଆନ୍ତରିକ
ଅଭିନନ୍ଦନ
ଶେଷଦେବ ବେହେରା
ଅବସରପ୍ରାପ୍ତ କିରାଣି

## କୂଅରୁ ମହିଳାଙ୍କୁ ଉଦ୍ଧାର କଲେ ଅଗ୍ନିଶମ ଟିମ୍

ଛତ୍ରପୁର,(ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ତାକରିଆ ବ୍ରହ୍ମପୁର ଗାଁରେ ଗୁରୁବାର ସକାଳେ ଜଣେ ମହିଳା ଅସାବଧାନତାରୁ କୂଅରେ ପଡିଯାଇଥିଲେ। ସେ ହେଲେ ଗୌରୀ ବେହେରା(୫୫)। ଏ ସମ୍ପର୍କରେ ଖବରପାଇ ଛତ୍ରପୁର ଅଗ୍ନିଶମ କେନ୍ଦ୍ରର ଏକ ଟିମ ପହଞ୍ଚି କୂଅରୁ ତାଙ୍କୁ ଉଦ୍ଧାର କରିଥିଲେ। ମହିଳା ଜଣଙ୍କୁ ଛତ୍ରପୁର ହସ୍ପିଟାଲରେ ଅଗ୍ନିଶମ ଟିମ ଭର୍ତ୍ତି କରିଥିବା ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲିକ କହିଛନ୍ତି ।



**ସଂକ୍ଷେପରେ**

### ଜିଲାସ୍ତରୀୟ ନିଯୁକ୍ତି ମେଳା ଆଜି ଯୋଗଦେବେ ୬୦ କମ୍ପାନୀ

ଛତ୍ରପୁର, ୨୦।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ସ୍ଥିତ ସ୍ପୋର୍ଟସ ଷ୍ଟାଡିୟମ ଠାରେ ଗଞ୍ଜାମ ଜିଲାସ୍ତରୀୟ ମେଳା ଶୁକ୍ରବାର ଅନୁଷ୍ଠିତ ହେବ। ଏହା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଗଞ୍ଜାମ ଜିଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଆୟୋଜିତ ହେବ। ଗଞ୍ଜାମ ଦକ୍ଷତା ବିକାଶ ଓ ନିୟୋଜନର ଉପ ନିର୍ଦ୍ଦେଶକ ଏହି ମେଗା ନିଯୁକ୍ତି ମେଳାର ପ୍ରସ୍ତୁତି ନେଇ ବିସ୍ତୃତ ସୂଚନା ଦେଇଛନ୍ତି। ୧୮ରୁ ୩୫ ବର୍ଷ ବୟସ୍କ ୫ମରୁ ଉର୍ଦ୍ଧ୍ୱ /ଆଇଟିଆଇ /ଡିପ୍ଲୋମା/ସ୍ନାତକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଯୁବତୀ ଯୁବକମାନେ ଏହି ମେଳାକୁ ଆସି ୬୦ରୁ ଉର୍ଦ୍ଧ୍ୱ କମ୍ପାନୀରେ ସାକ୍ଷାତକାର ଦେଇ କର୍ମ ନିଯୁକ୍ତି କିମ୍ବା ତାଲିମ ଭିତ୍ତିକ ନିଯୁକ୍ତି ପାଇପାରିବେ। ଏହି ସମ୍ବନ୍ଧରେ ପ୍ରଚାର ପ୍ରସାର କରିବାକୁ ସମସ୍ତ ବିଡିଓ, ବିଏମସିକୁ କୁହାଯାଇଛି। ମେଳାରେ ଜିଲାର ୩ ହଜାର ପ୍ରାର୍ଥୀ ଅଂଶ ଗ୍ରହଣ କରିବା ଲକ୍ଷ୍ୟ ରଖାଯାଇଛି।

### ମିଡ଼ିଆ ଫୋରମର ଦନ୍ତ ଚିକିତ୍ସା ଶିବିର

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ)
କନ୍ଧମାଳ ଜିଲାରେ ପ୍ରଥମ ଥର ପାଇଁ ମିଡ଼ିଆ ଫୋରମ ପକ୍ଷରୁ ଦନ୍ତ ଚିକିତ୍ସା ଶିବିର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଡା.ସୂର୍ଯ୍ୟ ନାରାୟଣ ବେହେରା ଓ ସମ୍ପାଦକ ଶିବ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଶିବିରରେ ଚେନ୍ନାଇରୁ ଦନ୍ତ ବିଶେଷଜ୍ଞ ଡା.ରମେଶ, ଡା.ମଲ୍ଲର ଏବଂ ତାଙ୍କ ୧୫ ଜଣିଆ ଟିମ୍ ଆସି ଶତାଧିକ ଦାନ୍ତ ସମସ୍ୟାରେ ପୀଡ଼ିତ ଥିବା ପିଲା, ବୃଦ୍ଧାବୃଦ୍ଧ ସମସ୍ତଙ୍କୁ ଚିକିତ୍ସା କରି ଔଷଧ ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ସଂଘ ଉପଦେଷ୍ଟା ଶିବାନନ୍ଦ ପଟ୍ଟନାୟକ, ଅଜିତ ମହାରଣା, ସୁନୀଲ ବିଶ୍ୱାଳ ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ମୁସ୍କାନ ସୁଆର, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଶିବ ନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ଜେନା, କାହ୍ନା ପଟ୍ଟନାୟକ, ଜୋସେଫ, ବନମାଳୀ ଦିଗାଲ, ବିପ୍ର ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କୃଷକ ଉତ୍ପାଦକ ସଂଘର ସମୃଦ୍ଧି ଲାଗି ବୈଠକ

ଆର,ଉଦୟଗିରି, ୨୦।୩(ମନୋଜ କୁମାର ପାଢୀ): ଗଜପତି ଜିଲାରେ ଅବସ୍ଥିତ ବିଭିନ୍ନ କୃଷକ ଉତ୍ପାଦକ ସଂଘର ସମୃଦ୍ଧି କରି କୃଷକମାନଙ୍କ ଜୀବିକାର ମାନ ବୃଦ୍ଧି ଉଦ୍ଦେଶ୍ୟରେ ୧୬ଟି ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନର ୩୦ ଜଣ ସିଇଓ, ବୋର୍ଡ଼ ସଭ୍ୟଙ୍କୁ ନେଇ ଆର୍.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁଙ୍କ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ନାବାର୍ଡ ଡିଡ଼ିଏମ ପ୍ରତୀକ ପଣ୍ଡା, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମ୍ୟାନେଜର, କୃଷି ବିଭାଗ, ଉଦ୍ୟାନ କୃଷି, ପଶୁପାଳନ, ଜଙ୍ଗଲ, ଓଡିଶା ଜୀବିକା ମିଶନର ଅଧିକାରୀ ମାନେ ଯୋଗ ଦେଇ କୃଷକ ଉତ୍ପାଦକ ସଂଘର ପରିଚାଳନା, କାର୍ଯ୍ୟଶୈଳୀ, ବଜାର଼ଭିତ୍ତିକ ସମସ୍ୟା ତଥା ବଜାର଼ୀକରଣ ଉପରେ ଆଲୋଚନା କରିଥିଲେ। ବୈଜ୍ଞାନିକ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ସୂଚନା ଦେଇଥିଲେ। ବୈଜ୍ଞାନିକ ଜୟଶଙ୍କର ପ୍ରଧାନ, କମ୍ପ୍ୟୁଟର ପ୍ରୋଗ୍ରାମର ମନୋଜ ସାହୁ ସହଯୋଗ କରିଥିଲେ।

# ସମବାୟ ସମିତି ବୋର୍ଡ ସଦସ୍ୟଙ୍କ ଆମରଣ ଅନଶନ

ଦାରିଙ୍ଗବାଡ଼ି, ୨୦।୩ (ଅରୁଣ ସାହୁ )

ଦାରିଙ୍ଗବାଡ଼ିଠାରେ ବୃହତ ବହୁମୁଖୀ ସମବାୟ ସମିତି ଲିଃର ସମ୍ମୁଖରେ ଗୁରୁବାର ସକାଳେ ସମିତିର ବୋର୍ଡ ସଦସ୍ୟମାନେ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ଦାବି ହେଲା ଉକ୍ତ ସମବାୟ ସମିତି ଅଧୀନରେ ରହିଥିବା ୧୭ ବିକ୍ରୟ କେନ୍ଦ୍ର ମଧ୍ୟରୁ ୧୨ ବିକ୍ରୟ କେନ୍ଦ୍ରରେ ସେଲସ୍‌ମ୍ୟାନ ପଦବୀ ଖାଲି ପଡ଼ିଛି। କିଛି ହାତ ଗଣତି କର୍ମଚାରୀ ସମସ୍ତ କେନ୍ଦ୍ରକୁ ପାଳିକରି ଯାଉଥିବାରୁ ସଠିକ ସମୟରେ ସାଧାରଣ ବଣ୍ଟନ ସାମଗ୍ରୀ ହିତାଧିକାରୀମାନେ ପାଇବା ଅସୁବିଧା ହେଉଛି। ହିତାଧିକାରୀଙ୍କ ଖାଦ୍ୟ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରାଗଲେ ମଧ୍ୟ ଫଳ ଶୂନ। ତେଣୁ ଶୀଘ୍ର ନିଯୁକ୍ତି ଦିଆଯିବା ବ୍ୟବସ୍ଥା କରାଯିବା ସହ ଗତ ୭ ବର୍ଷ ପୂର୍ବରୁ ଜଣେ ଏହି ସମିତିର ଏମ୍‌ଡି ଅଗାଧୁ ମହାରଣା ଅବସର ନେଇସାରିବା ପରେ ମଧ୍ୟ ସେ ଉକ୍ତ ସମବାୟ ସମିତିକୁ ପରିଚାଳନା କରୁଛନ୍ତି। ଫଳରେ ସମସ୍ୟା ସୃଷ୍ଟି ହେଉଥିବା ବୋର୍ଡ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ତାଙ୍କୁ ତୁରନ୍ତ ହଟାଇବାକୁ ପଦକ୍ଷେପ ନେବା ସହ ଖାଲିଥିବା ସେଲସ୍‌ମ୍ୟାନଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଦାବି ପୁରଣ ନହେବା ପର୍ଯ୍ୟନ୍ତ ଏଭଳି ଅନଶନ ଜାରି ରହିବ। ପୂର୍ବରୁ ଶକ୍ତିଶାଳୀ ରେଜ୍ୟୁଲେସନ କରାଯାଇ ପ୍ରଦାନ କରାଯାଇଥିଲା। କିନ୍ତୁ କେହି ଏହାକୁ ପଦକ୍ଷେପ ନେଇ ନ ଥିବା ବେଳେ ଦାବି ପୁରଣ ପାଇଁ ୧୯ ତାରିଖ ଶେଷ ସମୟସୀମା ଦିଆଯାଇଥିଲା। ଦାବି ପୁରଣ ନହେଲେ ୨୦ରୁ ଅନଶନରେ ବସିବାକୁ ଚେତାବନି ଦିଆଯାଇଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଇ ନ ଥିବାରୁ ବାଧ୍ୟ ହୋଇ ଅନଶନ ଆରମ୍ଭ କଲୁ ବୋଲି ବୋର୍ଡ ସଦସ୍ୟ ଚକ୍ରଧର ମଲିକ, ସାଧୁ ନାୟକ, ଛତ୍ରସେନ ପ୍ରଧାନ, ନୀଳମ୍ବର ପ୍ରଧାନ, ପ୍ରକାଶ ପ୍ରଧାନ, ଦିଲୀପ କୁମାର ପ୍ରଧାନ, ପଠାଣି ସାହୁ ପ୍ରମୁଖ କହିଛନ୍ତି। ଏହି ଅନଶନରେ ବୃହଦକର ସମବାୟ ସମିତି କାର୍ଯ୍ୟାଳୟ ବର୍ତ୍ତମାନ ସୁଦ୍ଧା ତାଲା ପକାଇ ମୁଖ୍ୟ ଫାଟକ ସମ୍ମୁଖରେ ଅନଶନରେ ବସିଥିବାରୁ ସମିତି କାର୍ଯ୍ୟାଳୟ ଅଚଳ ହୋଇପଡ଼ିଛି। କେହି କର୍ମଚାରୀ ଆସି ନାହାନ୍ତି ସମିତିରେ ରହିଥିବା ମିନି ବ୍ୟାଙ୍କ ମଧ୍ୟ ବନ୍ଦ ରହିଛି ଫଳରେ ଅର୍ଥ ନେଣ ଦେଣ ଠପ ହୋଇଯାଇଛି। ଅନସନରେ ସମବାୟ ସମିତିର ସଭାନେତ୍ରୀ ଲିଲିମା ପ୍ରଧାନ ଏବଂ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି। ଖବର ଲେଖିବା ସୁଦ୍ଧା ଅନଶନ ସ୍ଥଳରେ କୌଣସି ଅଧିକାରୀ ପହଞ୍ଚି ନାହାନ୍ତି।



ଅନଶନରେ ବସିଥିବା ବୋର୍ଡ ସଦସ୍ୟମାନେ।

# ଶ୍ରମିକଙ୍କ ଉପରେ ମାଡ଼ିଗଲା ବସ୍

## ବସ୍‌ଷ୍ଟାଣ୍ଡରେ ଶୋଇଥିଲେ

ଭଞ୍ଜନଗର, ୨୦।୩(ବାବୁଲା ପ୍ରଧାନ) ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମର ତ୍ରିନାଥ ଗୌଡ଼ ଭଞ୍ଜନଗର ବସଷ୍ଟାଣ୍ଡରେ ଶୋଇଥିବା ବେଳେ ତାଙ୍କ ଉପରେ ଏକ ସରକାରୀ ବସ୍ ମାଡିଯାଇଛି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବରରୁ ଜଣାପଡିଛି, ତ୍ରିନାଥ ଭଞ୍ଜନଗର ବସ୍‌ଷ୍ଟାଣ୍ଡର ବିଭିନ୍ନ ହୋଟେଲରେ ପାଣି ଦେଇ ପରିବାର ଚଳାଉଥିଲେ। କାମ ସାରି ସେ ଗ୍ରାମକୁ ଦରକାର ବେଳେ ଯାଇଥାନ୍ତି। ଅନ୍ୟ ଦିନଗୁଡ଼ିକରେ କାମ ସରିଲେ କେଉଁ ହୋଟେଲ ପିଣ୍ଡାରେ ଶୋଇ ପଡୁଥିଲେ। ମାତ୍ର ବୁଧବାର ରାତିରେ ସେ ବସ୍‌ଷ୍ଟାଣ୍ଡର ରାସ୍ତା ପାର୍ଶ୍ୱରେ ଶୋଇ ପଡ଼ିଥିଲେ। ରାତି ଗୋଟାଏରେ ଉମରକୋଟରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ସରକାରୀ ବସ୍ (ଓଡି୦୨ବିୟୁ-୪୧୧୦) ଭଞ୍ଜନଗର ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଡ୍ରାଇଭର ଟିକେ ସାଇଡ କରି ବସ୍ ରଖିବା ବେଳକୁ ରାସ୍ତା ପାର୍ଶ୍ୱରେ ଶୋଇଥିବା ତ୍ରିନାଥଙ୍କ ଉପରେ ବସ୍ ଚଢ଼ି ଯାଇଥିଲା। ସେଠାରୁ ଶହେ ମିଟର ଦୂରରେ ଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ତ୍ରିନାଥଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ୨୮୭/୨୫ରେ ଏକ ମାମଲା ରୁଜୁ କରି ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ୪୦ରୁ ଉର୍ଦ୍ଧ୍ୱ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ

ବାଲିଗୁଡା, ୨୦।୩ (ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲାରେ ଖାଦ୍ୟ ନିରାପତ୍ତାକୁ ଅଧିକା ଗୁରୁତ୍ୱ ଦିଆଯାଇଛି। ସମସ୍ତ ବ୍ୟବସାୟୀ ଖାଦ୍ୟ ନିରାପତ୍ତାକୁ କିଭଳି ପାଳନ କରିବେ ସେନେଇ ନାମ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଗୁରୁବାର ଉପଖଣ୍ଡ ଚିକିତ୍ସାଳୟର ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପଞ୍ଜୀକରଣ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ କରାଯାଇଛି। ଏଥିରେ ଜିଲା ଖାଦ୍ୟ ନିରାପତ୍ତା ପ୍ରାଧିକାରଣର ଅଧିକାରୀ ସତ୍ୟବ୍ରତ ଷେଣ୍ଡ, ବାଲିଗୁଡ଼ା ମେଡିକାଲ ଏସ୍‌ଡିଏମଓ ଡକ୍ଟର ଶ୍ରବଣ ସାହୁକର ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସାୟୀମାନଙ୍କୁ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ସହ ଅନ୍‌ଲାଇନ ପଞ୍ଜିକୃତ କରାଇଥିଲେ। ଯେଉଁମାନେ ପଞ୍ଜୀକୃତ କରିବାରୁ ବଞ୍ଚିତ ହୋଇଛନ୍ତି ସେମାନେ ଅନଲାଇନରେ ପଞ୍ଜିକୃତ କରାଇପାରିବେ ବୋଲି ସେ କହିଛନ୍ତି। ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ କହିଛନ୍ତି ଯେ ଜିଲାର ବିଭିନ୍ନ ବ୍ଲକରେ ଏଭଳି ଶିବିର କରାଯାଇ ପଞ୍ଜିକୃତ କରାଯାଉଛି। ପ୍ରଥମେ ଜି.ଉଦୟଗିରି ବ୍ଲକ୍‌ରେ ଏହି ମେଳା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ବ୍ଲକ ଭାବେ ଦାରିଙ୍ଗବାଡି ଏବଂ ତୃତୀୟ ବ୍ଲକ ଭାବେ ବାଲିଗୁଡାରେ ଏହି ମେଳାର ଆୟୋଜନ କରାଯାଇଥିବା ସେ କହିଛନ୍ତି। ହାତ ପାହାନ୍ତାରେ ବ୍ୟବସାୟୀଙ୍କ ପଞ୍ଜୀକୃତ ହୋଇଥିବାରୁ ବାଲିଗୁଡା ବ୍ଲକ ଅଞ୍ଚଳର ବ୍ୟବସାୟୀ ମାନେ ଜିଲା ପ୍ରଶାସନ ଓ ଖାଦ୍ୟ ନିରାପତ୍ତା ପ୍ରାଧିକରଣ ବିଭାଗକୁ ସାଧୁବାଦ ଜଣାଇଛନ୍ତି।

# ପ୍ରସିଦ୍ଧ ହୁମା ପଞ୍ଚଦୋଳ ଯାତ୍ରା ଆରମ୍ଭ

ଗଞ୍ଜାମ, ୨୦।୩(ବିଦ୍ୟାଧର ସାହୁ)
ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ହୁମା ହାଟ ପଡିଆଠାରେ ହେଉଥିବା ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା ଗୁରୁବାର ପୂର୍ବାହ୍ନରୁ ଆରମ୍ଭ ହୋଇଛି। ପଞ୍ଚୁଦୋଳ ଯାତ୍ରାକୁ ଆସୁଥିବା ସମସ୍ତ ଠାକୁର ନିଜ ନିଜର ସାହି ଗ୍ରାମ ବିରାଟ ଶୋଭାଯାତ୍ରାରେ ପରିକ୍ରମା ସାରି ହୁମା ଜାତୀୟ ରାଜପଥ ୧୬ରେ ଏକତ୍ରିତ ହୋଇଥିଲେ। ସେଠାରୁ କ୍ରମାନ୍ୱୟରେ ଯାତ୍ରା ପଡ଼ିଆ ଅଭିମୁଖେ ଯାଇ ହରିହର ଭେଟ ହୋଇଥିଲା। ପରେ ସମସ୍ତ ଠାକୁରଙ୍କ ଆଗରେ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଘଣ୍ଟ ମୃଦଙ୍ଗ ବାଦ୍ୟ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ୨ଟି ରାମାୟଣ ନାଟକ ଓ ମେଲୋଡି ପରିବେଷଣ ହୋଇଥିଲା। ଏହି ଯାତ୍ରା ଶୁକ୍ରବାର ମହା ମିଳନ ପରେ ଯାତ୍ରା ସମାପିତ ହେବା ସହ ଠାକୁରମାନେ ଫେରିବେ। ଏହି ଯାତ୍ରା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଯାତ୍ରା କମିଟି ଓ ହୁମା, ରମ୍ଭା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ଏହି ଯାତ୍ରାକୁ ମୋଟ ୧୩ ଠାକୁର ଆସିଥିଲେ।


ପଞ୍ଚୁଦୋଳ ଯାତ୍ରା

### ବିଦେଶୀ ମଦ ଜବତ, ୨ ଗିରଫ

ପୁରୁଷୋତ୍ତମପୁର, ୨୦।୩ (ସୀମାଞ୍ଚଳ ମିଶ୍ର)
ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସମା ଗ୍ରାମରେ ଦୀର୍ଘଦିନ ଧରି ଚୋରାରେ ମଦ କାରବାର କରୁଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦକୁ ଜବତ କରିଛି। ଗିରଫ ଯୁବକ ହେଲେ ସମା ଗ୍ରାମର ବସନ୍ତ ବେହେରା (୩୪) ଓ ବେଗୁନିଆପଡା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମର ପ୍ରଶାନ୍ତ ବିଶ୍ୱାଳ(୨୧)। ଏନେଇ ଆଇଆଇସି ରାଜେଶ ନାୟକ କହିଛନ୍ତି ଏହି ଯୁବକ ମାନେ ସମା ହାଇସ୍କୁଲ ନିକଟରେ ଏକ ସ୍ଥାନରେ ଏପରି ଚୋରାରେ ମଦ କାରବାର କରିଆସୁଥିଲେ। ବୁଧବାର ରାତ୍ରରେ ପାଟ୍ରୋଲିଂ ବେଳେ ଚଢାଉ କରାଯାଇ ମଦ ଜବତ କରିବା ସହ କେଶ ନଂ.୨୦୬/୨୫ରେ ପ୍ରଶାନ୍ତ ଓ ବସନ୍ତକୁ ଗିରଫ କରାଯାଇଛି।

# ଲକ୍ଷ୍ମୀ ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ବୁଗୁଡା, ୨୦।୩(କାଳିଚରଣ ଦାଶ)
ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଓ ମହୁଲପଲ୍ଲୀ ରାସ୍ତା ମଧ୍ୟରେ ଲକ୍ଷ୍ମୀ ବସ୍‌ର କଣ୍ଡକ୍ଟରଙ୍କୁ ନିସ୍ଥୁକ ମାଡ ମାରଥିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ମହୁଲପଲ୍ଲୀ ଗ୍ରାମର ଗଣେଶ ନାଇକ (୨୩) ଓ ତାଙ୍କ ଭାଇ ସିକେନ୍ଦ୍ର ନାଇକ (୨୦)। ଉଭୟଙ୍କୁ ମାମଲା ନଂ.୧୮୧/୨୫ରେ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ମଙ୍ଗଳବାର ଲକ୍ଷ୍ମୀ ବସ୍ ଅରଖପୁର ଗାଁରୁ ଫେରୁଥିବା ବେଳେ ବାଟରେ ଗଣେଶ ଓ ସିକେନ୍ଦ୍ର ସେଥିରେ ଚଢିଥିଲେ। କଣ୍ଡକ୍ଟର ଡାକରାବାଡି ଗ୍ରାମର ପବିତ୍ର ଗୌଡ ସେମାନଙ୍କୁ କୁଆଡେ ଯିବ ବୋଲି ପଚାରିବାରୁ ସିକେନ୍ଦ୍ର ହଠାତ୍ ଉତକ୍ଷିପ୍ତ ହୋଇ ତାଙ୍କୁ ଚାପୁଡା ମାରିବାକୁ ଲାଗିଲେ। ଗଣେଶ ତାଙ୍କଠାରୁ ଟିକେଟିଂ ମେଶିନଟି ଛଡାଇନେଇ ଫୋପାଡି ଦେଲେ। ପରେ ୨ ଭାଇ ଗାଳିଗୁଲଜ କରିବାସହ ମାଡ ମାରିଥିଲେ। ଯାତ୍ରୀମାନେ କଣ୍ଡକ୍ଟରଙ୍କୁ ୨ଭାଇଙ୍କ କବଳରୁ ଉଦ୍ଧାର କରିବା ପରେ ସେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏ ନେଇ ବୁଧବାର ଥାନାରେ ପବିତ୍ରଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ ଦୁଇ ଭାଇଙ୍କୁ ପୋଲିସ ଗିରଫ କରିଛି।

# ଓଡ଼ିଶା ଦିବସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି, ୨୦।୩(ଗିରିଧାରୀ ପରିଚ୍ଛା)
ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତି ବର୍ଷ ପରି ଉକ୍ତ ଦିନ ପ୍ରାତଃ ୪.୩୦ରେ ସହରରେ ରାମଧୁନ ପରିବେଷଣ କରାଯିବ। ସହରରେ ଥିବା ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସକାଳ ୬ଟାରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ୭ଟାରେ ଶୋଭାଯାତ୍ରା ସରସ୍ୱତୀ ଶିଶୁ ମନ୍ଦିରରୁ ବାହାରି ବିଭିନ୍ନ ସ୍ଥାନ ପରିକ୍ରମା କରି ଗାନ୍ଧୀ ଛକଠାରେ ପହଞ୍ଚିବ। ଏହି ଶୋଭାଯାତ୍ରାକୁ ଅଧିକ ଆକର୍ଷଣ କରିବା ପାଇଁ ସ୍ଥାନୀୟ ବୀରବାଦ୍ୟ, ପାଇକ ଆଖଡ଼ା ଦଳ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ମହାପୁରୁଷଙ୍କ ବେଶଭୂଷା ସହ ପ୍ରଜ୍ଞାପନ ମେଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଉକ୍ତ ଦିନ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମସ୍ତ ବ୍ୟାଙ୍କ, ବୀମା କମ୍ପାନୀ, ହୋଟେଲ, ସିନେମା ହଲଗୁଡ଼ିକରେ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଇବାକୁ ସ୍ଥିର ହୋଇଛି। ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଏକ ସଭା ପୂର୍ବାହ୍ନ ୧୧ଟାରେ ହେବ।

### ରୁଇନା ବ୍ରହ୍ମପୁର ଏମ୍‌ପିଙ୍କ ଛତ୍ରପୁର ଏନ୍‌ଏସି ପ୍ରତିନିଧି

ଛତ୍ରପୁର, ୨୦।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):
ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀଙ୍କ ଛତ୍ରପୁର ଏନ୍‌ଏସି ପ୍ରତିନିଧି ଭାବେ ଦିପ୍ତୀଶ ପଟ୍ଟନାୟକ( ରୁଇନା) ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ଚିଠି କରି ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଛନ୍ତି । ଏମ୍‌ପି ପାଣିଗ୍ରାହୀଙ୍କୁ ରୁଇନା କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ଭଞ୍ଜନଗର, ୨୦।୩(ବାବୁଲା ପ୍ରଧାନ):
ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷାର ଫଳ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କମାନୁ ସଭାପତିତ୍ୱ କରି କହିଥିଲେ ଯେ, ୧୫ ବର୍ଷ ହେଲା ଅସ୍ଥାୟୀ କୋଠାରେ ବିଦ୍ୟାଳୟ ଚାଲିଛି। ତେଣୁ କିଛି ସମସ୍ୟା ହେଉଛି। ସ୍ଥାନୀୟ ଶିଳ୍ପ ତାଲିମ କେନ୍ଦ୍ର ସମ୍ମୁଖରେ ବିଦ୍ୟାଳୟର ସ୍ଥାୟୀ କୋଠା ପାଇଁ ଜମି ମିଳିଛି। ଚଳିତବର୍ଷ କାମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟାଳୟ କାମ ଆରମ୍ଭ ହେଲେ ୨ରୁ ୩ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏହାପରେ ଯୁକ୍ତ ୨ ସେଠାରେ ଆରମ୍ଭ କରାଯିବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପଛରେ ଅଭିଭାବକ ଏବଂ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଖୁଣ୍ଟିଆ କହିଥିଲେ ଚଳିତବର୍ଷ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ପୁସ୍ତକ ବଦଳିଛି। ଖୁବଶୀଘ୍ର ବଜାରକୁ ବହି ଆସିଯିବ। ଅଭିଭାବକମାନେ କିଣିପାରିବେ। ମୋବାଇଲଠାରୁ ପିଲାଙ୍କୁ ଦୂରେଇ ରଖିବାକୁ ପଡିବ ବୋଲି ଶିକ୍ଷୟତ୍ରୀ ଖୁଣ୍ଟିଆ କହିଥିଲେ। ଶିକ୍ଷକ ଅମରେନ୍ଦ୍ର ପ୍ରଧାନ, ଅଜୟ ରାଜ ଜିଜ୍ଞାସୁ, ଶିକ୍ଷୟିତ୍ରୀ ମାନସୀ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ।




# କାର୍ଯ୍ୟରେ ଯୋଗଦେଲେ ନୂତନ ବିଡିଓ

ଆସିକା, ୨୦।୩(ସୁରେନ୍ଦ୍ର ନାଥ ସାହୁ):
ଆସିକା ବ୍ଲକରେ ନୂତନ ବିଡିଓ ଭାବେ ଲିପିନା ଦାଶ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହାପୂର୍ବରୁ ଗଜପତି ଜିଲା ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ । ଆସିକା ବିଡିଓ ଭାବେ କାର୍ଯ୍ୟରେ ଯୋଗଦେବା ପରେ ବ୍ଲକ କାର୍ଯ୍ୟାଳୟରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଶତପଥୀ, ଅତିରିକ୍ତ ବିଡିଓ ପ୍ରିୟମ୍ବଦା କହଁର, କନିଷ୍ଠ ଯନ୍ତ୍ରୀ ଅଶୋକ ସେନାପତି, ଜିପିଓ ରାଜଶ୍ରୀ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ସୁକାନ୍ତ କୁମାର ନାୟକ, ଶର୍ମିଷ୍ଠା ଦଳବେହେରା, ସୁଶାନ୍ତ କୁମାର ଭୂୟାଁଙ୍କ ସମେତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବ୍ଲକର ୨୭ ପଞ୍ଚାୟତରେ ସାମଗ୍ରିକ ବିକାଶ ସହ ସରକାରୀ ଯୋଜନାର ସୁଫଳ ଯେମିତି ଜନସାଧାରଣ ପାଇପାରିବେ ସେଥି ଲାଗି ଧ୍ୟାନ ଦେବେ ବୋଲି ନୂତନ ବିଡିଓ ଦାଶ ପ୍ରକାଶ କରିଛନ୍ତି।

# ପାରଳାଖେମୁଣ୍ଡିରେ ୨ ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ାଉ


ଆୟକର ଅଧିକାରୀମାନେ ଚଢାଉ କରି ଜଣେ ବ୍ୟବସାୟୀଙ୍କ ଘରୁ ବାହାରୁଛନ୍ତି।

ପାରଳାଖେମୁଣ୍ଡି, ୨୦।୩(ଗିରିଧାରୀ ପରିଚ୍ଛା)
ପାରଳାଖେମୁଣ୍ଡି ଦୁଇ ପ୍ରତିଷ୍ଠିତ ବ୍ୟବସାୟୀ ତିରୁପତି ସାହୁକାର ଓ ଲୋକେଶ୍ୱର ସାହୁକର ଆୟକର ଫାଙ୍କୁଥିବା ସନ୍ଦେହରେ ଉଭୟଙ୍କ ଘରେ ଗୁରୁବାର ଆୟକର ବିଭାଗ ଚଢ଼ାଉ କରିଛି। ୭ଜଣିଆ ଲେଖାଏଁ ଦୁଇଟି ଟିମ୍ ଉଭୟ ବ୍ୟବସାୟୀଙ୍କ ପାରଳାଖେମୁଣ୍ଡି ସହର ଶୁଣ୍ଡିସାହିସ୍ଥିତ ଘରେ ଅତର୍କିତ ଚଢ଼ାଉ କରିଥିଲେ। ଦୁଇ ବ୍ୟବସାୟୀଙ୍କ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ପ୍ରମାଣ ଆୟକର ବିଭାଗ ହାତରେ ଲାଗିଛି। ପୂର୍ବରୁ ଏହି ଦୁଇ ବ୍ୟବସାୟୀଙ୍କ ବାପାଙ୍କ ଅମଳରୁ ମଦ ବ୍ୟବସାୟ ମୁଖ୍ୟ ହୋଇଥିବା ବେଳେ ଏବେ କାଠ, ଘୋରାଇ ନିର୍ମାଣ ସାମଗ୍ରୀ ଦୋକାନ, ବାର୍, ଜମିଜମା, ବସ୍ ଓ ଆନ୍ଧ୍ରରେ କେତେକ ସ୍ଥାନରେ ବିଭିନ୍ନ ବ୍ୟବସାୟରେ ଦୁଇ ଭାଇଙ୍କ ସମ୍ପୃକ୍ତି ରହିଛି।
ଲୋକେଶ୍ୱର ସାହୁକାରଙ୍କ ଘର ନିର୍ମାଣ ସାମଗ୍ରୀ ଦୋକାନ ଜାନକୀ ଟ୍ରେଡର୍ସ ଉପରେ ଚଢ଼ାଉ କରି ଦୋକାନର ସମସ୍ତ ଦସ୍ତାବିଜକୁ ଅଧିକାରୀମାନେ ନେଇଛନ୍ତି। ଏହା ବ୍ୟତୀତ ତିରୁପତି ସାହୁକାରଙ୍କ ଘରେ ମଧ୍ୟ ଚଢାଉ କରି ଅଧିକାରୀମାନେ ପୁରୁଣାପଟଣା ରୋଡରେ ଥିବା ଏସକେ ବାର୍ ଓ ଗ୍ରୀନ ପାର୍କ ନାମକ ମଦ ଦୋକାନ, ଗାରାବନ୍ଧରେ ଥିବା ମଦ ଦୋକାନ ଏବଂ ଆନ୍ଧ୍ରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସହ ଲିଙ୍କ୍ ଥିବା ସମସ୍ତ କାଗଜପତ୍ର ଜବତ କରି ନେଇଛନ୍ତି। ଏଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଉପରୋକ୍ତ ସ୍ଥାନଗୁଡ଼ିକ ଉପରେ ଚଢାଉ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଆୟକର ଅଧିକାରୀମାନଙ୍କୁ ପଚରାଯାଇଥିଲେ ମଧ୍ୟ ସେମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ।

# ଏନ୍‌ଏସି କାର୍ଯ୍ୟାଳୟରେ ହଇଚଗୋଳ ପରେ ଟେଣ୍ଡର ବାତିଲ

ଜି.ଉଦୟଗିରି, ୨୦।୩ (ଚିନ୍ମୟ କୁମାର ସେଠୀ)
ଜି.ଉଦୟଗିରି ଏନ୍‌ଏସିର ୯ ଟି ୱାର୍ଡ଼ରେ ହେବାକୁ ଥିବା ରାସ୍ତା, ଡ୍ରେନ କାର୍ଯ୍ୟ ଗୁଡ଼ିକ ପାଇଁ ସମୁଦାୟ ୧୮ ପ୍ରକଳ୍ପ ପାଇଁ ଅଟକଳ ମୂଲ୍ୟ ପ୍ରାୟ ୨୮ଲକ୍ଷ ଟଙ୍କାର ପେପର ଟେଣ୍ଡର ମାଧ୍ୟମରେ ଚଳିତ ମାସ ୭ ତାରିଖରେ ଆହ୍ୱାନ କରାଯାଇଥିଲା। ଉକ୍ତ ପେପର ଟେଣ୍ଡରକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ ପରିଷଦ ମଧ୍ୟରେ ଥିବା ୧,୪,୬,୧୨ ନମ୍ବର ୱାର୍ଡ଼କୁ ବାଦ୍‌ଦେଇ ଅନ୍ୟ ସମସ୍ତ ୱାର୍ଡ଼ ଗୁଡ଼ିକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଯଥା ୱାର୍ଡ ନମ୍ବର ୨ରେ ଶଙ୍ଖସାହିରେ ୨ଟି ନୂତନ ଡ୍ରେନ ନିର୍ମାଣ, ୱାର୍ଡ ନମ୍ବର ୩ରେ କନ୍ଧସାହିରେ ୨ଟି ପେଭର ରୋଡ଼, ୱାର୍ଡ ନମ୍ବର ୫ରେ କ୍ଲବ୍‌ସାହିରେ ୨ଟି ପେଭର ରୋଡ଼, ୭ ନମ୍ବର ୱାର୍ଡ ବେହେରା କଲୋନୀ ବନ୍ଧର ପାହାଚ ଓ ଗାର୍ଡ ୱାଲ ନିର୍ମାଣ, ୱାର୍ଡ ନମ୍ବର ୮ରେ ନୂଆସାହିରେ ୨ଟି ପେଭର ରୋଡ଼, ୱାର୍ଡ ନମ୍ବର ୯ରେ ୨ଟି ପେଭର ରୋଡ଼, ୱାର୍ଡ ନମ୍ବର ୧୦ରେ ମହାଗୁଡ଼ା ସାହିରେ ୨ଗୋଟି ପେଭର ରୋଡ଼ ନିର୍ମାଣ, ୱାର୍ଡ଼ ନମ୍ବର ୧୧ରେ ହାତୀବାଲିରେ ୨ଟି ପେଭର ରୋଡ଼ ନିର୍ମାଣ, ୱାର୍ଡ ୧୩ରେ ୨ଟି ପେଭର ରୋଡ଼ ନିର୍ମାଣ ନିମନ୍ତେ ଟେଣ୍ଡର ବାହାରି ଥିଲା। ୧୯ ମାର୍ଚ୍ଚ ଉକ୍ତ ଟେଣ୍ଡର ଆବେଦନର ଶେଷ ଦିନ ଥିବା ବେଳେ ୨୦ ତାରିଖରେ କାର୍ଯ୍ୟାଳୟରେ ଟେଣ୍ଡର ଖୋଲା ଯିବା ନେଇ ଦିନ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ଉକ୍ତ ୱାର୍ଡ଼ କାଉନସିଲର ମାନେ ଉକ୍ତ ପ୍ରକଳ୍ପ ଗୁଡ଼ିକ ଅନାବଶ୍ୟକ ବର୍ତ୍ତମାନ ଆବଶ୍ୟକ ନୁହେଁ ତଥା ଭବିଷ୍ୟତରେ ସରକାରଙ୍କ ତରଫରୁ ଅଧିକ ଅନୁଦାନ ରାଶି ଆସିଲେ ଉକ୍ତ କାର୍ଯ୍ୟଗୁଡ଼ିକ କରାଯିବ। ତେଣୁ ଏହି ଟେଣ୍ଡରକୁ ବାତିଲ କରାଯାଉ ବୋଲି ବ୍ୟକ୍ତିଗତ ଭାବେ ସମସ୍ତ କାଉନସିଲର ଉଲ୍ଲେଖ କରି ଲିଖିତ ଦରଖାସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦେଇଥିଲେ। କିନ୍ତୁ ଉକ୍ତ କାମ ଗୁଡ଼ିକ ଖଣ୍ଡେ ଖଣ୍ଡେ ରହିଥିବା କାରଣରୁ ସମ୍ପୂର୍ଣ୍ଣ କରିବା ପାଇଁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିବା କହିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ। କାଉନସିଲର ମାନଙ୍କ ଦାବି ଅନୁସାରେ ଅନାବଶ୍ୟକ ଓ ବିନା ରେଜୁଲେସନରେ ହୋଇଥିବା କାର୍ଯ୍ୟର ଟେଣ୍ଡର ବାତିଲ କରିବା ପାଇଁ ଗୁରୁବାର କାର୍ଯ୍ୟାଳୟର ମୁଖ୍ୟ ଦ୍ୱାର ତାଲା ବନ୍ଦ କରିଥିଲେ। ଜି.ଉଦୟଗିରି ଏନ୍‌ଏସିର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ବାତିଲ କରିବା ନିମନ୍ତେ ଗୁରୁବାର ଦିନ ପରିଷଦ କାର୍ଯ୍ୟାଳୟରେ ହଇଚଗୋଳ ପରେ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥି, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସାହୁ, ଟେଣ୍ଡର କମିଟିରେ ଥିବା ଅଧିକାରୀ ସ୍ଥାନୀୟ ତହସିଲଦାର ଫାଲଗୁନୀ କୁମାର, ଏମଇ ଅସିତ ସେଠୀ ଉପସ୍ଥିତ ଥିବା ବେଳେ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ଟେଣ୍ଡରରେ ବାହାରିଥିବା ଉକ୍ତ ୱାର୍ଡ଼ ଗୁଡ଼ିକର କାମ ଅତି ଆବଶ୍ୟକ ନ ଥିବା ଓ ରେଜୁଲେସନ ହୋଇନଥିବା ନେଇ କାଉନସିଲରଙ୍କ ଲିଖିତ ଦରଖାସ୍ତକୁ ଆଧାର କରି ଟେଣ୍ଡର କମିଟିର ନିଷ୍ପତ୍ତି ପ୍ରକାରେ ଗୁରୁବାର ଖୋଲିବାକୁ ଥିବା ଟେଣ୍ଡର ବାତିଲ ହୋଇଥିବା ନେଇ ସୂଚନା ମିଳିଛି।

# ନାବାର୍ଡ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା

ଭୁବନେଶ୍ୱର,୨୦।୩: (ଅଭୟ ଦାଶ)

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ କର୍ମଶକ୍ତି ଦକ୍ଷତା, ଜଳସମ୍ପଦ ପରିଚାଳନା ଏବଂ କୃଷି ବିବିଧତା ଉପରେ କେନ୍ଦ୍ରିତ ୧ କୋଟି ଟଙ୍କାର ଗ୍ରାମୀଣ ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ନାବାର୍ଡ ସହିତ ବେଦାନ୍ତ ଆଲୁମିନିୟମ ସହଭାଗିତା କରିଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏବଂ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ କେ ମିଶ୍ରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉଭୟ ବେଦାନ୍ତ ଓ ନାବାର୍ଡର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ହୋଇଥିଲା। ଏହି ଅବସରରେ ଉଭୟ ପ୍ରତିଷ୍ଠାନର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ନାବାର୍ଡ ସହ ଆମର ସହଭାଗୀତା ହେଉଛି ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ କୌଶଳ ସହିତ ସଜ୍ଜିତ କରିବା। ଏପରିକି ଅଭିନବ କୃଷି ପଦ୍ଧତି ପ୍ରଚଳନ କରି ଏକ ଆତ୍ମନିର୍ଭରଶୀଳ ଗ୍ରାମୀଣ ଅର୍ଥନୀତି ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବା। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ କେ ମିଶ୍ର କହିଥିଲେ, ନାବାର୍ଡ ଜୀବିକା ବୃଦ୍ଧି ଏବଂ କୃଷି ସ୍ଥିରତାକୁ ସୁଦୃଢ଼ କରୁଥିବା ଅଭିନବ ସହଭାଗୀତା ମାଧ୍ୟମରେ ସ୍ଥାୟୀ ଗ୍ରାମାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି। ବେଦାନ୍ତ ଆଲୁମିନିୟମ ସହ ଆମର ସହଯୋଗ ଅର୍ଥ ପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ଶିଳ୍ପ-ନେତୃତ୍ୱାଧୀନ ପଦକ୍ଷେପର ଶକ୍ତିର ପ୍ରମାଣ ପାଲଟିବ। ଆମର ଶକ୍ତିକୁ ମିଶ୍ରଣ କରି ଏହି କାର୍ଯ୍ୟକ୍ରମ ଓଡ଼ିଶାର ଗ୍ରାମାଞ୍ଚଳ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଆର୍ଥିକ ସୁଯୋଗ ସୃଷ୍ଟି କରିବ, ଚାଷୀ ଏବଂ ଯୁବକମାନଙ୍କୁ ଏକ ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଆବଶ୍ୟକ ସମ୍ବଳ ଏବଂ ଦକ୍ଷତା ସହିତ ସଶକ୍ତ କରିବ।

# ସେବାରେ ନିଜର ସ୍ୱତନ୍ତ୍ରତା ପ୍ରତିଫଳିତହେବା ଦରକାର

**ଦେଶିଆ ଇକୋ ରିସୋର୍ଟର ଫାଉଣ୍ଡର ତଥା ସଫଳ ଉଦ୍ୟୋଗୀ ହେଉଛନ୍ତି ଯୁଗବ୍ରତ କର। ପୁରୀରେ ତାଙ୍କର ଜନ୍ମ, ସେଇଠି ସେ ଛୋଟରୁ ବଡ଼ ହୋଇଛନ୍ତି। ପୁରୀ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ କାହାଣୀ ଜାଣିବାକୁ ତାଙ୍କୁ ଭଲ ଲାଗେ। ସେମାନେ ଯେପରି ବୁଲିବାକୁ ଆସୁଛନ୍ତି ସେ ମଧ୍ୟ ପୂରା ବିଶ୍ୱ ଭ୍ରମଣ କରିବାକୁ ଚାହୁଁଥିଲେ। ଅନ୍ୟ ମଧ୍ୟବିତ୍ତ ପରିବାର ଭଳି ତାଙ୍କ ଘରେ ମଧ୍ୟ ତାଙ୍କୁ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରୋତ୍ସାହିତ କରୁଥିଲେ। କିନ୍ତୁ ସେ ଦେଶିଆ ଇକୋ ରିସୋର୍ଟ ମାଧ୍ୟମରେ ନିଜର ସ୍ୱପ୍ନ ସାକାର କରିପାରିଛନ୍ତି। ପରିବେଶ ଅନୁକୂଳ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଥିବା ଯୁଗବ୍ରତଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

**ପ୍ର- ପର୍ଯ୍ୟଟନ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବା କଥା କିପରି ଚିନ୍ତାକଲେ?**

ଉ- ମୁଁ ମେକାନିକାଲ ଇଞ୍ଜିନିୟରିଂରେ ପାଠପଢ଼ା ସାରିବା ପରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀ(ଏମ୍‌ଏନ୍‌ସି)ରେ ଯୋଗଦେଇଥିଲି। ଏଗ୍ରିକଲ୍‌ଚରାଲ ପମ୍ପ୍ ସେଲ୍ ପାଇଁ ମୋତେ ଗ୍ରାମୀଣ ଓଡ଼ିଶାକୁ ଯାତ୍ରା କରିବାକୁ ପଡୁଥିଲା। ମାତ୍ର ପରିଭ୍ରମଣ ଓ ନୂଆ ନୂଆ ପରମ୍ପରା ବିଷୟରେ ଜାଣିବାର ମୋର ଯେଉଁ ଆଗ୍ରହ ଥିଲା, ତାହା ମୋତେ ଚାକିରି ଛାଡ଼ିବାକୁ ବାଧ୍ୟ କରିଥିଲା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ମୁଁ ଉଦ୍ୟୋଗୀ ଭାବେ ପାଦ ଦେଇଥିଲି। ଏହା ଭିତରେ ପ୍ରାୟ ୩୦ ବର୍ଷ ବିତିଗଲାଣି। ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ସହ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ସଂସ୍କୃତି ଓ ଐତିହ୍ୟ ବିକାଶ ଦିଗରେ କାର୍ଯ୍ୟ କରୁଛି।

**ପ୍ର- ଏହି କ୍ଷେତ୍ରରେ ସୋସିଆଲ ମିଡିଆର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ?**

ଉ- ଓଡ଼ିଶା ଇକୋ ଟୁରିଜମ୍‌ର ପ୍ରଚାରପ୍ରସାର କ୍ଷେତ୍ରରେ ସୋସିଆଲ ମିଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ବିସ୍ତୃତ ସମୁଦ୍ର ତଟ, ଘଞ୍ଚ ଅରଣ୍ୟ, ବିବିଧ ବନ୍ୟପ୍ରାଣୀ ପର୍ଯ୍ୟଟକମାନଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଖୁବ୍ ଆକୃଷ୍ଟ କରୁଛି। ଇନ୍‌ଷ୍ଟା, ଫେସ୍‌ବୁକ୍, ୟୁଟ୍ୟୁବ୍ ଆଦି ମାଧ୍ୟମରେ ଜାତୀୟ ଉଦ୍ୟାନ ଭିତରକନିକାଠାରୁ ଆରମ୍ଭ କରି ଶିମିଳିପାଳ, କୋରାପୁଟ ଉପତ୍ୟକା ଆଦି ସ୍ଥାନ ଲୋକପ୍ରିୟତା ସାଉଁଟୁଛି। ଭିଜୁଆଲ ଷ୍ଟୋରି ଟେଲିଂ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନେ ରାଜ୍ୟର ସ୍ୱତନ୍ତ୍ର ଐତିହ୍ୟ ପରମ୍ପରାର ପ୍ରଚାରପ୍ରସାରରେ ସହାୟକ ହେଉଛନ୍ତି। ବାର୍ଡ ୱାଚିଂ, ଟ୍ରେକିଂ ଓ ଭିଲେଜ୍ ଟୁର୍‌ର ଚାହିଦା ବଢ଼ୁଛି।

**ପ୍ର- ଆପଣଙ୍କ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଗ୍ରାହକଙ୍କ ଚାହିଦା ଭିନ୍ନ ଭିନ୍ନ ରହିଥାଏ। ଆପଣ ଏହାର କେମିତି ସମାଧାନ କରନ୍ତି?**

ଉ- ଯେଉଁ ଅତିଥିମାନେ ଆମ ସହ ପରିଭ୍ରମଣ କରିଥା'ନ୍ତି ସେମାନେ ପ୍ରଥମରୁ ଆମେ ପ୍ରଦାନ କରୁଥିବା ସେବା ଓ ସୁବିଧା ସମ୍ପର୍କରେ ଅବଗତ ଥା'ନ୍ତି। ତେଣୁ ଅତିଥିମାନେ ସେହି ଅନୁରୂପ ସେବା ଆଶା ରଖନ୍ତି। ଆମେ ମଧ୍ୟ ଆମ ସେବାରେ ଅବହେଳା କରୁନା। ତେଣୁ କୌଣସି ଅସୁବିଧା ହୁଏ ନାହିଁ।

**ପ୍ର- ଆପଣଙ୍କ ଏ ପର୍ଯ୍ୟନ୍ତର ଯାତ୍ରା କିପରି ରହିଛି? ଆଗକୁ କ'ଣ ଯୋଜନା ରହିଛି?**

ଉ- ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବାର ପ୍ରୟାସକୁ ଆମ ଟିମ୍, ପାର୍ଟନର ଏବଂ ସ୍ଥାନୀୟ ବାସିନ୍ଦା ସଫଳ କରିଛନ୍ତି। ପର୍ଯ୍ୟଟନ ଶିଳ୍ପରେ ପରିବେଶ ଅନୁକୂଳ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଉଛୁ। ନୀଳାଦ୍ରି ବିଚ୍, ସାତପଡ଼ା ଟୁରିଷ୍ଟ ଜେଟିସ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଆମର ଓଡ଼ିଶା ଇକୋଟୁରିଜମ୍ ଫାଉଣ୍ଡେଶନ୍ କାର୍ଯ୍ୟ କରୁଥିବାବେଳେ ଆଗକୁ ଅନ୍ୟାନ୍ୟ ସ୍ଥାନରେ ଏହି ପଦକ୍ଷେପ ଗ୍ରହଣ କରାଯିବ। ଦେଶିଆ ଡୁଡୁମା, ଦେଶିଆ ଦେଓମାଳି, ଦେଶିଆ ଚିଲିକା ନେଷ୍ଟ ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଇକୋ ଲଜ୍ ପାଇଁ ଯୋଜନା କରାଯାଉଛି। ସୋସିଆଲ ମିଡିଆରେ ପ୍ରଚାରପ୍ରସାର ସହ କର୍ମଚାରୀଙ୍କୁ ଅଧିକ ତାଲିମ ଦିଆଯିବ।

**ପ୍ର- ପର୍ଯ୍ୟଟନ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାର କ'ଣ ସୂତ୍ର ରହିଛି?**

ଉ- ପର୍ଯ୍ୟଟନ ଓ ସ୍ଥାନୀୟ ସମ୍ପ୍ରଦାୟର ବିକାଶ ଉଦ୍ଦେଶ୍ୟରେ ନିଷ୍ଠାର ସହ ଏହି କ୍ଷେତ୍ରରେ ପ୍ରବେଶକଲେ ସଫଳତା ମିଳିବ। ଅତିଥିଙ୍କୁ ପ୍ରଦାନ କରାଯାଉଥିବା ସେବାରେ ଆପଣଙ୍କ ସ୍ୱତନ୍ତ୍ରତା ପ୍ରତିଫଳିତ ହେବା ଦରକାର। ସେହିପରି ପରିବେଶ ଅନୁକୂଳ କାର୍ଯ୍ୟକଳାପ ଓ ସାମାଜିକ ଦାୟିତ୍ୱବୋଧ ଦୀର୍ଘକାଳୀନ ସଫଳତାର ସୂତ୍ର। ଏହିସବୁ ସୂତ୍ରକୁ ପାଥେୟ କରି ପର୍ଯ୍ୟଟନ ଶିଳ୍ପରେ ଭବିଷ୍ୟତ ଗଢ଼ିହେବ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,**
ଭୁବନେଶ୍ୱର



ଯୁଗବ୍ରତ କର

# ଶେୟାର ବଜାରରେ ଉତ୍ସାହ


ମୁମ୍ବାଇ,୨୦।୩

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୯୯ (୮୯୯.୦୧) ପଏଣ୍ଟ ବୃଦ୍ଧି ଘଟି ୭୬,୩୪୮ (୭୬,୩୪୮.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୮୩ (୨୮୩.୦୫) ପଏଣ୍ଟ ବଢି ୨୩,୧୯୧(୨୩,୧୯୦.୬୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ନିବେଶର ସର୍ବୋତ୍ତମ ମାଧ୍ୟମ ସ୍ୱର୍ଣ୍ଣ: ସଞ୍ଜୟ

ଭୁବନେଶ୍ୱର,୨୦।୩

କ୍ରମାଗତ ଭାବେ ସୁନାର ମୂଲ୍ୟ ବଢ଼ି ଚାଲିଛି। ଖୁବ୍ ନିକଟରେ ଏହା ଏକ ଲକ୍ଷେ ଟଙ୍କା ସ୍ପର୍ଶ କରିବାର ସମ୍ଭାବନା ଦେଖା ଦେଇଛି। କାରଣ ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କ୍ରୟ କରିବାରେ ଲାଗିଛନ୍ତି। ବଜାର ବିଶେଷଜ୍ଞ ଭାବେ ଜଣାଶୁଣା ଲାଲଚନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ମତରେ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା କାରଣରୁ ନିକଟ ଭବିଷ୍ୟତରେ ସୁନାର ମୂଲ୍ୟ ବୃଦ୍ଧି ଜାରି



ସଞ୍ଜୟ ହଂସ

ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ତାଙ୍କ ମତରେ ବିଗତ ଅର୍ଦ୍ଧ-ଦଶନ୍ଧି ଧରି ସ୍ୱର୍ଣ୍ଣର ମୂଲ୍ୟ ବୃଦ୍ଧି ଅନ୍ୟ ମାଧ୍ୟମ ଗୁଡ଼ିକ ଅପେକ୍ଷା ନିବେଶକ ମାନଙ୍କୁ ଅଧିକ ଆକୃଷ୍ଟ କରିଛି।

ଗତ କିଛି ବର୍ଷ ଧରି ସ୍ୱର୍ଣ୍ଣ ମୁଦ୍ରା ଓ ସ୍ୱର୍ଣ୍ଣବାର୍‌ର ଚାହିଦା ବଢ଼ି ଚାଲିଛି। କାରଣ ଲୋକେ ସୁନାକୁ କେବଳ ଅଳଙ୍କାର ଭାବେ ଦେଖୁନାହାନ୍ତି। ଲୋକଙ୍କ ଏହି ପରିବର୍ତ୍ତିତ ଦୃଷ୍ଟିକୋଣ ପାଇଁ ସୁନାର ମୂଲ୍ୟ ଏମ୍.ସି.ଏକ୍ସରେ ୧୦ଗ୍ରାମ୍ ପ୍ରତି ୮୮,୩୫୦ ଟଙ୍କାରେ ପହଞ୍ଚିଥିବାବେଳେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩,୦୧୨ ଡଲାରରେ ପହଞ୍ଚିଛି। ସୁନାର ଦର ଧିରେ ଧିରେ ବଢ଼ିବାରେ ଲାଗିଛି। ସାରା ଦେଶର ନିବେଶକମାନେ ସୁନା ୧ ଲକ୍ଷ ଛୁଇଁବ ବୋଲି ଅନୁମାନ କରୁଛନ୍ତି। କେତେ ଚଞ୍ଚଳ ଏହା କହି ହେବ ନାହିଁ, କିନ୍ତୁ ଭବିଷ୍ୟତରେ ୧ ଲକ୍ଷ ଛୁଇଁବା ନିଶ୍ଚିତ।

# ଫୋନ୍‌ପେ ୱେଲ୍‌ଥର ନୂତନ ଟୁଲ୍

ନୂଆଦିଲ୍ଲୀ,୨୦।୩

ଫୋନ୍‌ପେ ୱେଲ୍‌ଥର ଏକ ନୂତନ ଟୁଲ୍ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ସମାଧାନ 'ସିଆର୍‌ଆଇଏସ୍‌ପି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଟୁଲ୍ ନିବେଶକମାନଙ୍କୁ ମ୍ୟୁଚୁଆଲ ଫଣ୍ଡ ବିନିଯୋଗ ସମ୍ପର୍କରେ ଅଧିକ ସଚେତନ କରିଥାଏ। ନିବେଶକମାନଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏହା ଏକ ଉଦ୍ଦିଷ୍ଟ ତଥା ଅନନ୍ୟ ଟୁଲ୍ ଭାବେ କାର୍ଯ୍ୟ କରିଥାଏ।

ଏ ସମ୍ପର୍କରେ ଶେୟାର.ମାର୍କେଟ (ଫୋନ୍‌ପେ ୱେଲ୍‌ଥ)ର ବିନିଯୋଗ ପ୍ରଡକ୍ଟଗୁଡ଼ିକର ମୁଖ୍ୟ ନୀଲେଶ ଡି. ନାଏକ କହିଛନ୍ତି, ସିଆର୍‌ଆଇଏସ୍‌ପି ଭଳି ଅଭିନବ ଟୁଲ୍ ମାଧ୍ୟମରେ ଆମ ପ୍ଲାଟ୍‌ଫର୍ମରେ ନିବେଶକମାନଙ୍କୁ ସମର୍ଥନ କରିବା ସହିତ ଆମେ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟାଭିତ୍ତିକ ସମାଧାନଗୁଡ଼ିକ ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ, ଯାହା ନିବେଶକମାନଙ୍କୁ ମୂଳ ବିନିଯୋଗ ନୀତିଗୁଡ଼ିକୁ ଗ୍ରହଣ କରିବା ତଥା ବିଚକ୍ଷଣତାର ସହିତ ସେମାନଙ୍କର ସମ୍ପତ୍ତି ସୃଷ୍ଟି କ୍ଷେତ୍ରରେ ଅଗ୍ରସର ହେବାରେ ସାହାଯ୍ୟ କରିଥାଏ ବୋଲି ନାଏକ ମତପ୍ରକାଶ କରିଛନ୍ତି।

ସେହିଭଳି ସିଆର୍‌ଆଇଏସ୍‌ପି (ଧାରାବାହିକତା, ରିସ୍କ ଏବଂ ପୋର୍ଟଫୋଲିଓରେ ବିନିଯୋଗ ଶୈଳୀ) ଟୁଲ୍ ନିବେଶକମାନଙ୍କୁ ଅତୀତର ରିଟର୍ନ ଦେଖିବାରେ ସାହାଯ୍ୟ କରିବା ସହିତ ଉପଯୁକ୍ତ ଫଣ୍ଡ ଚୟନ କରିବା କ୍ଷେତ୍ରରେ ଏକ ସାମଗ୍ରିକ ସମାଧାନ ପ୍ରଦାନକରି ଏହି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ମୁକାବିଲା କରିଥାଏ। ରିଟେଲ ନିବେଶକମାନେ ବିଶେଷକରି ୱେଲ୍‌ଥଟେକ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିନିଯୋଗ କରୁଥିବା ନିବେଶକମାନେ ସେମାନଙ୍କର ବିନିଯୋଗ ପାଇଁ ନିଷ୍ପତ୍ତି ଗ୍ରହଣ କରିବାକୁ ଆଜି ପର୍ଯ୍ୟନ୍ତ ମୁଖ୍ୟତଃ ଫଣ୍ଡର ଅତୀତର ପଏଣ୍ଟ-ଟୁ-ପଏଣ୍ଟ ପ୍ରଦର୍ଶନ ଉପରେ ନିର୍ଭର କରିଆସୁଛନ୍ତି। ଏହା ଫଳରେ ନିବେଶକମାନେ ଅନେକ ସମୟରେ ବିନିଯୋଗ ପାଇଁ ଭୁଲ୍ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି।

# ତନେଇରାର ଦ୍ୱିତୀୟ ବାର୍ଷିକ ଉତ୍ସବ

■ଗୋଟିଏ ଛାତ ତଳେ ବ୍ୟାପକ ରେଞ୍ଜ୍ ଶାଢ଼ି ସମ୍ଭାର

■୨୦ ହଜାର ଟଙ୍କାର କ୍ରୟରେ ସୁନା ମୁଦ୍ରା

ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)

ଟାଟା ଉତ୍ପାଦ ତନେଇରା ଏହାର ଭୁବନେଶ୍ୱର ଷ୍ଟୋର୍‌ର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି। ଷ୍ଟେଶନ ଛକସ୍ଥିତ ଏହି ଷ୍ଟୋରରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ୨୦ ହଜାର ଟଙ୍କା କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଶାଢ଼ି କ୍ରୟ ଉପରେ ଏକ ସୁନା ମୁଦ୍ରା ପାଇପାରିବେ। ଏହି ଅଫର ମାର୍ଚ୍ଚ ୨୪ ଯାଏ ଉପଲବ୍ଧ। ତନେଇରା ଉଭୟ ହସ୍ତତନ୍ତ ଶାଢ଼ି ଏବଂ ପୋଷାକଗୁଡ଼ିକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଏହି ସବୁ ଉତ୍ପାଦ ବୟନ କାରିଗରଙ୍କ ଦକ୍ଷତାକୁ ପ୍ରତିଫଳିତ କରେ। ନିତିଦିନିଆ ପୋଷାକଠାରୁ ଆରମ୍ଭ କରି ଉତ୍ସବ ତଥା ବିବାହ କଲେକ୍ସନର ଭଳିକି ଭଳି ସମ୍ଭାର ଏଠାରେ ଉପଲବ୍ଧ। ଇକତ୍, ସମ୍ବଲପୁରୀ, ଜାମଦାନି,



ବନାରସୀ, ଟସର, କାଞ୍ଜିବରମ, ସାଉଥ୍ ସିଲ୍କ, ମାହେଶ୍ୱରୀ ଏବଂ ଚନ୍ଦେରି ଶାଢ଼ି ସହ ଷ୍ଟୋରରେ ରେଡି-ଟୁ-ୱେର୍ ପୋଷାକ, ବ୍ଲାଉଜ୍, କୁର୍ତ୍ତା ନ୍‌ଷ୍ଟିଚ୍‌ଡ କୁର୍ତ୍ତା ସେଟ୍, ଲେହେଙ୍ଗା, ଷ୍ଟୋଲ୍, ଇନର୍ ସ୍କର୍ଟ ଏବଂ ଟ୍ରାଉଜର୍‌ର ମଧ୍ୟ ରହିଛି। ଶୁଦ୍ଧ ଏବଂ ପ୍ରାକୃତିକ ଫାବ୍ରିକ୍ସରେ ଏସବୁ ପ୍ରସ୍ତୁତ। ଉଚ୍ଚ ଗୁଣବତ୍ତା ନେଇ ପ୍ରତିବଦ୍ଧ ତନେଇରା ଏହାର ଶୁଦ୍ଧ ରେଶମ ଶାଢ଼ୀରେ ସିଲ୍‌କ ମାର୍କକୁ ସୁନିଶ୍ଚିତ କରିଥାଏ। ଜରି ସାର୍ଟିଫିକେଶନ ସହ ଏହି ଶାଢ଼ିଗୁଡ଼ିକ ଆସୁଛି। ଏ ଅବସରରେ ସୁମିତ ଘୋଷ କହିଛନ୍ତି, ଭୁବନେଶ୍ୱରରେ ଏହି ୨ବର୍ଷର ଯାତ୍ରାରେ ଗ୍ରାହକଙ୍କ ଭଲ ପାଇବା ଏବଂ ସମର୍ଥନ ପାଇଁ କୃତଜ୍ଞ। ଏହି ମାଇଲଖୁଣ୍ଟ ଆମର ସହଭାଗୀ ଯାତ୍ରାର ପ୍ରତିଫଳନ। ଆମ ସହିତ ଏ ଉତ୍ସବକୁ ପାଳନ କରିବାକୁ ଆମେ ଗ୍ରାହକଙ୍କୁ ଆମନ୍ତ୍ରିତ କରୁଛୁ।

# ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟର ଶୁଭାରମ୍ଭ

ନୂଆଦିଲ୍ଲୀ,୨୦।୩

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏକ ଅନନ୍ୟ ଦୀର୍ଘମିଆଦୀ ସଞ୍ଚୟ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହାକୁ ସମ୍ପତ୍ତି ସଂରକ୍ଷଣ ସହିତ ନିଶ୍ଚିତ ଆୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲଟା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କୁ ସେମାନଙ୍କର ଦୀର୍ଘ ମିଆଦୀ ଆର୍ଥିକ ଆକାଂକ୍ଷାକୁ ନିଶ୍ଚିତ ଭାବେ ହାସଲ କରିବାରେ ସାହାଯ୍ୟ କରିବା। ଏହି ଉତ୍ପାଦ ନମନୀୟତା ପ୍ରଦାନ କରିଥାଏ, ଯାହା ଗ୍ରାହକଙ୍କୁ ସେମାନଙ୍କ ନିଶ୍ଚିତ ଆୟର ଅବଧି ଚୟନ କରିବାକୁ ଅନୁମତି ଦେଇଥାଏ ଏବଂ ଟିକସ-ଦକ୍ଷ ଉପାୟରେ ପରିପକ୍ୱତା ଉପରେ ଏକକାଳୀନ ରାଶି ମଧ୍ୟ ଗ୍ରହଣ କରିଥାଏ। ବାର୍ଷିକ ୫% ଆୟ ବୃଦ୍ଧି ସେମାନଙ୍କୁ ମୁଦ୍ରାସ୍ଫୀତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବାରେ ସାହାଯ୍ୟ କରିଥାଏ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ ମଧ୍ୟ ଜୀବନବୀମା ବିତରଣକୁ ଡିଜିଟାଲ ଉଦ୍ଭାବନ ସହିତ ପରିବର୍ତ୍ତନ କରୁଛି, ଆଇପିଆର୍‌ୟୁ ଏଜ୍ ମୋବାଇଲ ଆପ୍ ମାଧ୍ୟମରେ ଏଜେଣ୍ଟମାନଙ୍କୁ ସଶକ୍ତ କରୁଛି। ଆଇପିଆର୍‌ୟୁ ଏଜ ସହିତ ଆମେ ସେମାନଙ୍କ ଆଙ୍ଗୁଠିରେ ଏକ ଡିଜିଟାଲ କାର୍ଯ୍ୟାଳୟ ସଜ୍ଜିତ କରୁଛୁ ବୋଲି ପାଲଟା କହିଛନ୍ତି। ମୋବାଇଲ ଆପ୍ ବିଜ୍‌ନେସ୍ ଲିଡ୍,ସୋସିଆଲ ମିଡିଆ ମାର୍କେଟିଂ ବିଷୟବସ୍ତୁ ଏବଂ ଏକ କାଗଜବିହୀନ କ୍ରୟ ଯାତ୍ରା ପ୍ରଦାନ ସହ ଏଜେଣ୍ଟମାନଙ୍କୁ ଅଭିବୃଦ୍ଧି ଉପରେ ଧ୍ୟାନଦେବାକୁ ଅନୁମତି ଦେଇଥାଏ। ୨୦୨୪ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଆଇପିଆର୍‌ୟୁ ଏଜ ବ୍ୟବହାର କରୁଥିବା ଏଜେଣ୍ଟମାନଙ୍କ ଉତ୍ପାଦକତା ୨୫% ବୃଦ୍ଧି ପାଇଛି।

# ସମ୍ପ୍ରସାରଣରେ ୬୦୦ କୋଟି ନିବେଶ କରିବ ମାଲାବାର

**ମାର୍ଚ୍ଚରେ ୧୨ ନୂତନ ଶୋ'ରୁମ୍ ଖୋଲିବ**

ନୂଆଦିଲ୍ଲୀ,୨୦।୩

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପ୍ରସାରଣ କ୍ଷେତ୍ରରେ ପ୍ରାୟ ୬୦୦ କୋଟି ନିବେଶ କରିବ ବୋଲି ମାଲାବାର ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ସାରା ଭାରତରେ ଏହାର ଉପସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ୨୦୨୫ ମାର୍ଚ୍ଚ ୨ସୁଦ୍ଧା ମାଲାବାର ୧୨ଟି ନୂତନ ଶୋ'ରୁମ ଆରମ୍ଭ କରିବାକୁ ଯାଉଛି। ଏହି ସମ୍ପ୍ରସାରଣ ଯୋଗୁ ବ୍ରାଣ୍ଡର ଉପସ୍ଥିତି ୧୩ଟି ଦେଶରେ ମୋଟ ୩୯୧ ଶୋ'ରୁମକୁ ବୃଦ୍ଧି ପାଇବାକୁ ଥିଲାବେଳେ ଭାରତରେ ବ୍ରାଣ୍ଡର ଉପସ୍ଥିତି ୧୯ଟି ରାଜ୍ୟରେ ରହିବ। ସେହିଭଳି ଏହି ନୂତନ ଶୋ'ରୁମଗୁଡ଼ିକ ମୁମ୍ବାଇର ପାନଭେଲ, ପୁଣେର ସିଂହଗଡ ରୋଡ, ଓଡ଼ିଶାର ବ୍ରହ୍ମପୁର ଏବଂ ସୌଭାଗ୍ୟ ନଗର, ଝାଡ଼ଖଣ୍ଡର ଧାନବାଦ, କର୍ଣ୍ଣାଟକର ହୋସପେଟ, ନଗରଭାବୀ ଏବଂ ଚିତ୍ରଦୁର୍ଗ, ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ, ଅମଲାପୁରମ, ମଛଲିପଟ୍ଟନମ, ୟୁପିର ବାରାଣସୀ ଭଳି ପ୍ରମୁଖ ସହରରେ ଖୋଲିବ। ଉଲ୍ଲେଖଯୋଗ୍ୟ, ଏହି ସମ୍ପ୍ରସାରଣ ପର୍ଯ୍ୟାୟରେ ମାଲାବାର ଗ୍ରୁପ ୬୦୦ କୋଟି ଟଙ୍କା ନିବେଶ ସହିତ ୪୦୦ରରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେବ। ସେହିପରି ମାଲାବାର ଗୋଲଲ୍ଡ ଆଣ୍ଡ ଡାଇମଣ୍ଡସ ୨୦୨୫ରେ ୬୦ ଟି ନୂତନ ଶୋ'ରୁମ ଖୋଲିବାକୁ ଯୋଜନା କରୁଛି, ଯାହା ଦ୍ୱାରା ଏହାର ବିଶ୍ୱବ୍ୟାପୀ ଉପସ୍ଥିତି ଆହୁରି ବିସ୍ତାର ହେବ। ୨୦୨୫ ଏପ୍ରିଲରେ ଗ୍ରୁପ ୫ ଟି ନୂତନ ଶୋ'ରୁମ ଶୁଭାରମ୍ଭ ମଧ୍ୟ ପ୍ରାଚ୍ୟ, ୟୁକେ ଏବଂ କାନାଡା ଭଳି ରାଷ୍ଟ୍ରରେ ଆରମ୍ଭ ହେବାକୁ ଯାଉଛି।

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପ୍ରଖ୍ୟାତ ଅଭିନେତା ଏବଂ ବ୍ରାଣ୍ଡ ଆମ୍ବାସଡର ଏନଟିଆର୍ ଜୁନିଅରଙ୍କ ସହିତ ଏକ ଗ୍ରାହକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ବ୍ରାଣ୍ଡକୁ ଏକ ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ଭାବେ ଉଜ୍ଜ୍ୱଳ କରିଥାଏ, ସ୍ଥାୟୀ ଅଭ୍ୟାସ, ପ୍ରାମାଣିକ ହଲମାର୍କିଂ ଅଳଙ୍କାର ଏବଂ ପ୍ରମାଣିତ ପ୍ରାକୃତିକ ହୀରା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥାଏ।ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି, ଆମର ସମ୍ପ୍ରସାରଣ ଯୋଜନା ଆମର ବିଶ୍ୱସ୍ତରୀୟ ପାଦଚିହ୍ନକୁ ବିସ୍ତାର କରିବା ଏବଂ ସପିଂ ଅଭିଜ୍ଞତା ସହିତ ଆମର ବ୍ୟାପକ ଦୃଷ୍ଟିକୋଣ ସହିତ ସଂଯୁକ୍ତ ରହିଛି।

# ସିଆଇଆର୍‌ଟିଡିକୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର

ଭୁବନେଶ୍ୱର,୨୦।୩

ଗ୍ରାମୀଣ ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ରୁରାଲ ଆଣ୍ଡ ଟ୍ରାଇବାଲ ଡେଭଲପମେଣ୍ଟ (ସିଆଇଆର୍‌ଟିଡି)କୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର ପ୍ରଦାନ କରିଛି ସିଆଇଆର୍‌ଟିଡି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାର ଚାଷୀ, ମହିଳା, ଶିଶୁ ଏବଂ ଯୁବବର୍ଗଙ୍କୁ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିଆସୁଛି। ଶ୍ରବଣ ବାଧାଗ୍ରସ୍ତ ପିଲାମାନଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ନିଜ କ୍ଷମତା ଅନୁରୂପ ସକ୍ଷମ କରିବା ପାଇଁ ଓଡ଼ିଶାର ସୋନପୁରର ଡକ୍ଟର ଶିବାଜୀ ପଣ୍ଡାଙ୍କୁ ଜୁରୀ ପ୍ରଶଂସା ପ୍ରମାଣପତ୍ରରେ ସମ୍ମାନିତ କରାଯାଇଛି ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗ



ଭୁବନେଶ୍ୱରର ମେ ଫେୟାରଠାରେ ଆୟୋଜିତ ୧୨ତମ ଶମ୍ଭାବୀ ପୁରସ୍କାର ଉତ୍ସବରେ ପୁରସ୍କୃତ ପ୍ରତିଷ୍ଠାନର ପ୍ରତିନିଧିଙ୍କ ସହ ଅତିଥି, ବିଚାରକ ମଣ୍ଡଳୀ ଏବଂ ଇମ୍ଫା ଓ ବିଆଇଏଫ୍‌ର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

(ସ୍ୱାଧୀନ ଦାୟିତ୍ୱ) ଏବଂ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ମୁଖ୍ୟ ଅତିଥି ଓ ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ଦକ୍ଷତା କ୍ଷେତ୍ର ଓ ବିଦ୍ୟାଳୟର ଯୁବ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ସରଗରମ ଓ ରୋଚକ ଆଲୋଚନା ଏହି ସମାରୋହର ଏକ ପ୍ରମୁଖ ଆକର୍ଷଣ ଥିଲା

ବିଆଇପିଏଫର ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ ଏବଂ ଇମ୍ଫାର ସିଏସ୍‌ଆର୍ (ସ୍ୱତନ୍ତ୍ର ପଦକ୍ଷେପ) ମୁଖ୍ୟ ଶୈଫାଳିକା ପଣ୍ଡାଙ୍କ ଦ୍ୱାରା ସଂଚାଳନ କରାଯାଇଥିବା ଏହି ଅଧିବେଶନରେ ଆଜିର ଯୁବପିଢ଼ିଙ୍କ ଆକାଂକ୍ଷା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା

ଆଲୋଚନାରେ ଦକ୍ଷତା ବିକାଶ, କ୍ୟାରିଅର ପ୍ରସ୍ତୁତି ଏବଂ ନିଯୁକ୍ତି ସମ୍ଭାବନାକୁ ଉନ୍ନତ କରିବା ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣର ଅବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏହି ଅନ୍ତର୍ଦୃଷ୍ଟି ପୂର୍ଣ୍ଣଭାବ ଆଦାନ ପ୍ରଦାନ ଏକ ଅନ୍ତର୍ଭୁକ୍ତକାରୀ ଏବଂ ପ୍ରଗତିଶୀଳ ସମାଜ ଗଠନରେ ଯୁବ ପରିବର୍ତ୍ତନକାରୀଙ୍କ ଭୂମିକାକୁ ପ୍ରତିପାଦିତ କରିଥିଲା।

# ମଦ ବ୍ୟବସାୟୀଙ୍କ ୨୫ସ୍ଥାନରେ ଆୟକର ଚଢ଼ାଉ

ଭୁବନେଶ୍ୱର/ଅନୁଗୋଳ/ବଇଣ୍ଡା/କାମାକ୍ଷାନଗର,୨୦।୩ (ସତ୍ୟଜିତ୍ ରାଉତ, ଜ୍ୟୋତିରଞ୍ଜନ ସାହୁ, ପରିକ୍ଷିତ ସାହୁ, ସୁଧୀର ପରିଡ଼ା)


ଆୟକର ବିଭାଗ ସଦସ୍ୟ ମଦ ବ୍ୟବସାୟୀଙ୍କ ଘରକୁ ଯାଉଛନ୍ତି।

- ଅନୁଗୋଳ, ଢେଙ୍କାନାଳ, ଭୁବନେଶ୍ୱର, ପୁରୀରେ ଯାଞ୍ଚ
- ବିପୁଳ ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ସୂଚନା
- ୨୦୨୩ରେ ହୋଇଥିଲା ଜିଏସ୍‌ଟି ରେଡ୍

ଅନୁଗୋଳର ଜଣାଶୁଣା ମଦ ବ୍ୟବସାୟୀ ବିକ୍ରମ ସାହୁଙ୍କ ଘର ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଆୟକର ବିଭାଗ ପକ୍ଷରୁ ଗୁରୁବାର ବଡ଼ଧରଣର ଚଢ଼ାଉ ହୋଇଛି। ଆୟକର ଫାଙ୍କି, ବିଭିନ୍ନ ଆର୍ଥିକ ଅନିୟମିତତା ଅଭିଯୋଗରେ ବିକ୍ରମଙ୍କ ଦେଶୀ ମଦ ଭାଟି, ଗୋଦାମ, ମଦ ଦୋକାନ, ହୋଟେଲ ସମେତ ଅନୁଗୋଳ, ଢେଙ୍କାନାଳ, ଭୁବନେଶ୍ୱର, ପୁରୀ ଆଦିର ମୋଟ ୨୫ଟି ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ଚଢ଼ାଉ ହେବାର ପୂର୍ବ ସୂଚନା ପାଇ ବିକ୍ରମ ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ରାଜ୍ୟ ବାହାରକୁ ଚାଲିଯାଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଆଇଟି ଟିମ୍ ବିପୁଳ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି। ସୂଚନାନୁସାରେ, ଆୟକର ବିଭାଗର ୩ ଜଣିଆ ଟିମ୍ ଅନୁଗୋଳରେ ଚଢ଼ାଉ କରିଥିବାବେଳେ ବଇଣ୍ଡାସ୍ଥିତ ସମ୍ପର୍କୀୟ ତଥା କର୍ମଚାରୀଙ୍କ ଘର ଓ ଢେଙ୍କାନାଳ କାମାକ୍ଷାନଗରସ୍ଥିତ ଶକ୍ତି ମଲ୍ଟି ଏୟାର ଲିମୋନେଡ୍ ପ୍ରାଇଭେଟ ଲିମିଟେଡରେ ମଧ୍ୟ ଯାଞ୍ଚ କରିଛନ୍ତି। ଅନୁଗୋଳରେ ବିକ୍ରମଙ୍କ ଶକ୍ତି ଇଣ୍ଟରନ୍ୟାଶନାଲ ହୋଟେଲ, ବଇଣ୍ଡାସ୍ଥିତ ସମ୍ପର୍କୀୟ ତଥା କର୍ମଚାରୀଙ୍କ ଘର, ମଦ ଭାଟି, ପେଟ୍ରୋଲ ପମ୍ପ, ଢେଙ୍କାନାଳ ବଟଲିଂ ପ୍ଲାଣ୍ଟ ଆଦିରେ ଆଇଟି ଟିମ୍ ତନ୍ନତନ୍ନ ଯାଞ୍ଚ କରିବା ସହ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଛି। ଏହି ସମୟରେ ଆୟକର ଅଧିକାରୀମାନେ ବିକ୍ରମଙ୍କ ବିଭିନ୍ନ ବ୍ୟାଙ୍କର ଆକାଉଣ୍ଟ ବହି, ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଆର୍ଥିକ ରେକର୍ଡ ଯାଞ୍ଚ କରି ତଥ୍ୟ ହାସଲ କରିଛନ୍ତି। ଏନେଇ ଆୟକର ବିଭାଗ ପକ୍ଷରୁ କେହି ବି ମୁହଁ ଖୋଲି ନ ଥିବାବେଳେ ୧୨ ଜଣିଆ ଟିମ୍ ମଦ ଏବଂ ପରିବହନ କ୍ଷେତ୍ରରେ ଆର୍ଥିକ କାରବାର ଯାଞ୍ଚ କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ବିକ୍ରମଙ୍କ ସମ୍ପର୍କୀୟ ସୀତାରାମ ସାହୁଙ୍କ ଘରେ ଆଇଟି ଟିମ୍ ସକାଳୁ ଚଢ଼ାଉ କରି ତାହାକୁ ସିଲ୍ କରିଥିଲା। ଅନୁଗୋଳରେ ଥିବା ସୀତାରାମ ବଇଣ୍ଡା ଆସିବା ପରେ ଉକ୍ତ ଟିମ୍ ତାଙ୍କ ଉପର ମହଲାସ୍ଥିତ ଘର ଓ ସେଠାରେ ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଛିଆ ଗ୍ରାମ ନିକଟରେ ଥିବା ଶକ୍ତି ମଲ୍ଟି ଏୟାରରେ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆୟକର ଟିମ୍ ଯାଞ୍ଚ କରିଥିଲା। ତେବେ ବିକ୍ରମ କିଛିଦିନ ତଳେ ପୁରୀରେ ୩୫ କୋଟି ଟଙ୍କାରେ ଏକ ହୋଟେଲ କିଣିଥିବା ଆଇଟି ଟିମ୍ ଜାଣିବାକୁ ପାଇଛି। ଏହାପୂର୍ବରୁ ପୁରୀରେ ମଧ୍ୟ ତାଙ୍କର ଏକ ହୋଟେଲ ରହିଥିଲା। ବିକ୍ରମଙ୍କ ୬୦ରୁ ୭୦ଟି ଦେଶୀ ମଦଭାଟି ଥିବାବାଲେ ବହୁ କର୍ମଚାରୀଙ୍କୁ ଆୟକର ଟିମ୍ ପଚରାଉଚରା କରିଛି। ତେବେ ଅନୁଗୋଳ ବଜାର ଉପରେ ପେଟ୍ରୋଲ ପମ୍ପ ଜରିଆରେ ବିକ୍ରମ କଳା ଟଙ୍କାକୁ ଧଳା କରୁଥିଲେ ବୋଲି ଆଇଟି ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ତେବେ ଏହି ଚଢ଼ାଉ ନେଇ ଆଇଟି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ଏନେଇ ବିସ୍ତୃତ ତଥ୍ୟ ଦିଆଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଟିକସ ଫାଙ୍କି ଅଭିଯୋଗରେ ୨୦୨୩ରେ ବିକ୍ରମଙ୍କ ଘରେ ଜିଏସ୍‌ଟି ଚଢ଼ାଉ ହୋଇଥିଲା।

# ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା

## ସିସିଟିଭିରେ ଧରାପଡ଼ିଲା ମୃତଦେହ ଲୁଚାଇବାକୁ ନେବାର ଦୃଶ୍ୟ



ଜୟପୁର(ରାଜସ୍ଥାନ),୨୦।୩

ପରକିୟା ପ୍ରେମ ଧରାପଡ଼ିଯିବାରୁ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କଲେ। ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହକୁ ପୋଡ଼ିବାକୁ ନିକଟସ୍ଥ ଏକ ଜଙ୍ଗଲକୁ ନେବାବେଳର ଦୃଶ୍ୟ ଏବେ ସିସିଟିଭିରେ କଏଦ ହୋଇଛି। ଏଭଳି ଏକ ଘଟଣା ଘଟିଛି ରାଜସ୍ଥାନ ଜୟପୁରରେ। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତ ମହିଳା ଗୋପାଳି ଦେବୀଙ୍କୁ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ତଥା ପ୍ରେମିକ ଦୀନଦୟାଲ୍ କୁଶୱାହ ଏବେ ଫେରାର ଅଛନ୍ତି। ପୋଲିସ ଅର୍ଦ୍ଧଦଗ୍ଧ ମୃତ ଶରୀରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ଗୋପାଳି ବିବାହିତ ହୋଇଥିବାବେଳେ ତାଙ୍କ ସ୍ୱାମୀ ଧନଲାଲ୍ ସାଇନୀ ଜଣେ ପରିବା ବ୍ୟବସାୟୀ। ଗତ ୫ବର୍ଷ ହେବ ଗୋପାଳି ଏବଂ କୁଶୱାହଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଏପରିକି ଗୋପାଳି ଏକ ଫ୍ୟାକ୍ଟ୍ରିରେ କାମ କରୁଛନ୍ତି ବୋଲି ସ୍ୱାମୀଙ୍କୁ ମିଛ କହି କୁଶୱାହଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ସ୍ତ୍ରୀଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସ୍ୱାମୀ ସାଇନୀ ଗତ ଶନିବାର କୁଶୱାହ କାମ କରୁଥିବା ଫ୍ୟାକ୍ଟ୍ରିକୁ ଯାଇଥିଲେ। ସେଠାରେ ସାଇନୀ ଉଭୟ ଗୋପାଳି ଏବଂ କୁଶୱାହଙ୍କୁ ଏକାଠି ପାଇଥିଲେ। ଗୋପାଳି ଏବଂ କୁଶୱାହଙ୍କ ସମ୍ପର୍କକୁ ନେଇ ସାଇନୀ ପ୍ରତିବାଦ କରିବାରୁ ଉଭୟେ ରାଗିଯାଇଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସାଇନୀଙ୍କୁ କୁଶୱାହ ଉପରମହଲାକୁ ନେଇଯାଇ ତାଙ୍କ ମୁଣ୍ଡକୁ ଏକ ଲୁହାରଡ଼୍‌ରେ ପିଟି ଦେଇଥିଲେ। ଏପରି କି ଏକ ଦଉଡ଼ିରେ ବେକକୁ ଚାପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାଇନୀଙ୍କ ମୃତ୍ୟୁ ହୋଇଥିଲା। ପରେ ଗୋପାଳି ପ୍ରେମିକଙ୍କ ସହ ମିଶି ମୃତଦେହକୁ ଲୁଚାଇବା ଉଦ୍ଦେଶ୍ୟରେ କୁଶୱାହଙ୍କ ମୋଟରସାଇକେଲରେ ଜଙ୍ଗଲକୁ ନେଇଥିଲେ। ମୃତଶରୀରକୁ ଏକ କପଡ଼ାରେ ବାନ୍ଧି ମୋଟରସାଇକେଲରେ ମାର୍କେଟ ଅଞ୍ଚଳ ଦେଇ ଯିବାବେଳେ ଏହା ସିସିଟିଭିରେ କଏଦ ହୋଇଥିଲା। ଜଙ୍ଗଲକୁ ନେବା ବାଟରେ ରିଙ୍ଗରୋଡ଼ ପାର୍ଶ୍ୱରେ ମୃତଦେହକୁ ଫିଙ୍ଗି ନିଆଁ ଲଗାଇଦେଇ ସେଠାରୁ ଉଭୟ ଗୋପାଳି ଏବଂ କୁଶୱାହ ପଳାଇଯାଇଥିଲେ। ରାସ୍ତାପାର୍ଶ୍ୱରେ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସିସିଟିଭି ଦୃଶ୍ୟ ଭାଇରାଲ ହେବାରୁ ପୋଲିସ ଗୋପାଳିଙ୍କୁ ଧରି ପଚରାଉଚରା କରିବା ପରେ ସେ ସବୁକଥା ସ୍ୱୀକାର କରିଥିଲେ ବୋଲି ଦକ୍ଷିଣ ଜୟପୁର ଡିସିପି ଦିଗନ୍ତ ଆନନ୍ଦ କହିଛନ୍ତି।

# ରାଜାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ଗିରଫ

ଭୁବନେଶ୍ୱର,୨୦।୩
(ସତ୍ୟଜିତ୍ ରାଉତ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝରର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ଓରଫ ରାଜା ଏବେ ରିମାଣ୍ଡରେ ଅଛନ୍ତି। ତାଙ୍କ ସହ ସମବାୟ ସମିତିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବୁଧବାରଠାରୁ ୩ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ସେମାନଙ୍କଠାରୁ ଇଓଡବ୍ଲ୍ୟୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବାବେଳେ ଗୁରୁବାର ରାଜାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲଙ୍କୁ ଗିରଫ କରିଛି। ପରେ ସୁଶାନ୍ତଙ୍କୁ ଇଓଡବ୍ଲ୍ୟୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି। ତେବେ ରାଜାଙ୍କ ବହୁ କୋଟି ଟଙ୍କାକୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖିବାରେ ସୁଶାନ୍ତ ସହଯୋଗ କରିଥିଲେ ବୋଲି ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଅପରପକ୍ଷରେ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେସବୁ ଆକାଉଣ୍ଟରୁ କାହା ପାଖକୁ ଟଙ୍କା ଟ୍ରାନ୍ସଫର୍ ହୋଇଛି ତାହା ଜାଣିବାକୁ ଇଓଡବ୍ଲ୍ୟୁ ଛାନ୍‌ଭିନ୍ ଚଳାଇଛି। ଇଓଡବ୍ଲ୍ୟୁ ଟିମ୍ ଅଭିଯୁକ୍ତମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଏକାକୀ ଓ ପରେ ମୁହାଁମୁହିଁ ଜେରା କରୁଛି। ଏହି ମାମଲାରେ ସହଅଭିଯୁକ୍ତ ଥିବା ରାଜାଙ୍କ ଅନ୍ୟ ୩ ସହଯୋଗୀ ସଦାଶିବ ସାମଲ, ଶେଖର ନାଏକ ଓ ସମୀର ଜେନାଙ୍କ ବିରୋଧରେ ମଧ୍ୟ ଇଓଡବ୍ଲ୍ୟୁ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ରାଜା ସମବାୟ ସମିତିର ସଭାପତି, ସମ୍ପାଦକ ଏବଂ ଅନ୍ୟ ଲୋକଙ୍କୁ ହାତବାରିସି କରି ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ପ୍ରଥମେ ସମବାୟ ସମିତିର ସଭାପତି ଥିବା ମାନସ ଓ ସମ୍ପାଦକ ଉତ୍କଳଙ୍କୁ ଗିରଫ କରାଯାଇଥିବା ବେଳେ ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ଇଓଡବ୍ଲ୍ୟୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାକୁ ଛାନ୍‌ଭିନ୍ ଚଳାଇଥିବା ବେଳେ ଆଗକୁ ଗିରଫଦାରି ସଂଖ୍ୟା ବଢ଼ିପାରେ ବୋଲି ସୂଚନା ମିଳିଛି।

# ପଞ୍ଚାୟତ ଟଙ୍କା ହେରଫେର, ପିଇଓଙ୍କୁ ଉଠାଇଲା ଭିଜିଲାନ୍ସ

ବ୍ରହ୍ମପୁର/ ଦିଗପହଣ୍ଡି, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ/ ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତକୁ ଆସିଥିବା ସରକାରୀ ଟଙ୍କା ହେରଫେର୍ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଅଜାଣତରେ ପ୍ରାୟ ୩୮ ଲକ୍ଷ ଟଙ୍କା ଉଠା ଯାଇଥିବା ନେଇ ପିଇଓଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ୍ ରାଧାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଟଙ୍କା ହେରଫେର୍ ସମ୍ପର୍କରେ ଟିମ୍ ଯାଞ୍ଚ କରିବା ସହିତ ବିଭିନ୍ନ କର୍ମଚାରୀଙ୍କୁ ପଚାରିଥିଲେ। ପିଇଓଙ୍କୁ ଜେରା କରିବା ସହିତ ତାଙ୍କୁ ବ୍ରହ୍ମପୁର ଉଠାଇ ନେଇଥିବା ସୂଚନା ମିଳିଛି। ପିଇଓଙ୍କ କାର୍ଯ୍ୟାଳୟରୁ ଭିଜିଲାନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ପିଇଓଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିଛି। ପ୍ରମାଣ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି।

# ମାଲିକାଣୀଙ୍କ ଘରୁ ଚୋରି, ସହାୟିକା ଗିରଫ

ଭୁବନେଶ୍ୱର,୨୦।୩
(ସୂର୍ଯ୍ୟକାନ୍ତ ବେହେରା)

ମାଲିକାଣୀଙ୍କ ବିଶ୍ୱାସରେ ବିଷ ଦେଇ ତାଙ୍କ ଘରୁ ଟଙ୍କା ଚୋରି କରିବା ଜଣେ ଘରୋଇ ସହାୟିକାଙ୍କ ପାଇଁ ମହଙ୍ଗା ପଡ଼ିଛି। ଘର ମାଲିକାଣୀ ସନ୍ଧ୍ୟାରାଣୀ ବେହେରାଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତା ଘରୋଇ ସହାୟିକା ଜଣକ ହେଲେ ୟୁନିଟ-୯ରେ ରହୁଥିବା ଗଞ୍ଜାମର ଡି. ଭାରା ଲକ୍ଷ୍ମୀ। ତାଙ୍କଠାରୁ ୯,୨୩୦ ଟଙ୍କା ଜବତ ହୋଇଛି। ସନ୍ଧ୍ୟାରାଣୀ ଗତ ଦୁଇବର୍ଷ ତଳେ ଅଭିଯୁକ୍ତା ଡି. ଲକ୍ଷ୍ମୀଙ୍କୁ ଘରୋଇ ସହାୟିକା ଭାବେ ନିଯୁକ୍ତି ଦେଇଥିଲେ। କିଛିଦିନ ତଳେ ଲକ୍ଷ୍ମୀ ଡ୍ରେସିଂ ଟେବୁଲ ଡ୍ର'ରେ ଥିବା ଟଙ୍କାଚୋରି କରି କେଉଁଆଡ଼େ ଫେରାର ହୋଇଯାଇଥିଲେ।

# ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଉତ୍ତରପ୍ରଦେଶର ଦୁଇ ଯୁବକ ଗିରଫ

ଭୁବନେଶ୍ୱର,୨୦।୩
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରୁ ଗଞ୍ଜେଇ ସଂଗ୍ରହ କରି ଉତ୍ତରପ୍ରଦେଶ ଚୋରାଚାଲାଣ ପାଇଁ ଟ୍ରେନକୁ ଅପେକ୍ଷା କରିଥିବାବେଳେ ଆର୍‌ପିଏଫ ଓ ଜିଆର୍‌ପି ମିଳିତ ଚଢ଼ାଉ କରି ଷ୍ଟେଶନରୁ ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଉତ୍ତରପ୍ରଦେଶର ରାଜୁ ଓ ଦୀପକ। ସେମାନଙ୍କଠାରୁ ୩୦ କେଜିରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆର୍‌ପି ଏକ ମାମଲା ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ କାହାଠାରୁ ଆଣୁଥିଲେ କେବେଠାରୁ ଟ୍ରେନରେ ଚୋରା ଚାଲାଣ କରୁଥିଲେ ତାହା ଉପରେ ଜିଆର୍‌ପି ଅଧିକ ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଟେକା
ହାତରୁ ଖସିଲେ ଅଣବାହୁଡ଼ା।**

ଯେମିତି ହାତରୁ ଟେକା ଥରେ ଖସିଗଲେ ଆଉ ଫେରିଆସେ ନାହିଁ, ସେମିତି କୌଣସି ଭୁଲ୍ କାର୍ଯ୍ୟ ବା ଭୁଲ୍ କଥା ହେଲେ ତାହା ଆଉ ବଦଳାଇ ହୁଏନାହିଁ। ତେଣୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗ ପ୍ରତି ସଚେତନ ରହିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟାଣ କରୁଥାଇ ମାଇପ ଆଗେ
ଲାଲ ପାଗ ଦେଖି ଘରକୁ ଭାଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବକଙ୍କୁ ହତ୍ୟା ଅଭିଯୋଗ

କାମାକ୍ଷାନଗର,୨୦।୩
(ସୁଧିର ପରିଡ଼ା)

ଢେଙ୍କାନାଳ ଜିଲା ମହାବିରୋଡ ଥାନା ଦଶିପୁର-ଚାନ୍ଦପୁର ରାସ୍ତାର କାଜୁ ଜଙ୍ଗଲ ମଧ୍ୟରୁ ଗୁରୁବାର ସକାଳୁ ନବକିଶୋର ଦେହୁରୀଙ୍କ ପୁଅ ଲୁଲୁ ଦେହୁରୀ(୩୩)ଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କୁ କେହି ହତ୍ୟାକରି ପକାଇ ଦେଇଥିବା ଦାଦା ମହାବିରୋଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଲୁଲୁ ଯାଜପୁରସ୍ଥିତ ଏକ ପ୍ଲାଣ୍ଟରେ କାର୍ଯ୍ୟ କରୁଥିଲେ। ବୁଧବାର ଦଶିପୁର ଭାଲୁମୁଣ୍ଡାସ୍ଥିତ ନିଜ ଗ୍ରାମକୁ ଦୋଳ ଉତ୍ସବ ପାଇଁ ଆସିଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ସେ ଗ୍ରାମ ଯାତ୍ରାରେ ବୁଲୁଥିବା ଲୋକମାନେ ଦେଖିଥିବା ବେଳେ ବିଳମ୍ବିତ ରାତିରେ ଘରେ ପହଞ୍ଚି ନ ଥିଲେ। ପରିବାର ଲୋକେ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ତାହା ବନ୍ଦ ରହିଥିଲା। ବହୁ ଖୋଜାଖୋଜି ପରେ ସକାଳୁ କାଜୁ ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ମୃତଦେହ ନିକଟରେ ମଦ ବୋତଲ ପଡ଼ିଥିବାବେଳେ ମୁଣ୍ଡ ଓ ଶରୀରର ଅନେକ ଜାଗାରେ ଗଭିର କ୍ଷତ ରହିଛି। ମହାବିରୋଡ ପୋଲିସ ମୃତଦେହ ଜବତ ସହ ନଂ. ୩୩।୨୫ରେ ଏକ ହତ୍ୟା ମାମଲା କରି ତଦନ୍ତ ଚଳାଇଛି।


**GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT**

**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-28/2024-25, Memo No.-810 Dt. 18.03.2025

**No.B-1089** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Works |
| 2 | No. of Work | : | 6 Nos. |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in the Website | : | From 10.00 A.M. of Dt. 28.03.2025 up to 05.00 P.M. of Dt. 10.04.2025 up to 5.00 P.M. |
| 6 | Date of opening of Bid | : | Dt. 11.04.2025 at 11.30 A.M. |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

OIPR-34127/11/0034/2425

Sd./- Chief Construction Engineer
Khordha (R&B) Circle, Khordha



**GOVERNMENT OF ODISHA** No. O-1633

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**

**e-Procurement Notice**

| | | | |
|---|---|---|---|
| 1. | Name of Work | : | Infrastructure Development of Jarasingha Higher Secondary School at Jarasingha in the district of Bolangir for the year 2024-25 |
| 2. | No. of Work | : | 1 (One) Work |
| 3. | Time for Completion | : | 12 (Twelve) Calendar Months |
| 4. | Approximate estimated cost | : | Rs.115.48 lakhs |
| 5. | Mode of submission of tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-14/ 2024-25 | 25.03.2025 at 11.00 A.M. | 08.04.2025 upto 5.00 P.M. | 07.04.2025 upto 5.00 P.M. | 09.04.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

OIPR-25118/11/0028/2425 Sd./- Chief Construction Engineer, R.W. Circle, Bolangir



## ନିଲାମ ବିଜ୍ଞାପନ

No.L-192:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାଲେଶ୍ୱର ଜିଲ୍ଲାର ରେମୁଣାଠାରେ ଅବସ୍ଥିତ ବାଲିଆ ଫାର୍ମରେ ଥିବା ଫଳନ୍ତି ସପେଟା, ନଡିଆ, ଆମ୍ବ, ଲିଚୁ ଏବଂ କାଜୁ ଗଛର ଫଳ ବିକ୍ରୟ ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଋତୁକାଳୀନ ନିଲାମ ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ, ବାଲେଶ୍ୱରଙ୍କ ଦ୍ୱାରା ଇଚ୍ଛୁକ ବ୍ୟକ୍ତିଙ୍କ ଠାରୁ ନିଲାମ ପତ୍ର ଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତିବିଶେଷ ନିଲାମ ବିଜ୍ଞାପନ ପ୍ରକାଶ ଦିନଠାରୁ ନିଲାମ ଦରଖାସ୍ତ ଟ.୫୦.୦୦ ଦେୟରେ ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ, ବାଲେଶ୍ୱରଙ୍କ ଦାୟିତ୍ୱରେ ଥିବା ବାଲିଆ ଫାର୍ମ ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ । ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମ କିଣା ରସିଦ୍ ଓ ଅମାନତ ରାଶି ଟ.୨୦୦୦.୦୦ ଙ୍କା ଦୁଇ ହଜାର ସହ (ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କ ଡ୍ରାଫ୍ଟ- in favour of Deputy Director of Horticulture, Balasore ଜଉମୁଦା ଦିଆ ଲଫାପାରେ ରେଜିଷ୍ଟ୍ରି ପୋଷ୍ଟ/ କୋରିଅର ଦ୍ୱାରା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା: ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ, ବାଲେଶ୍ୱର, ୭୫୬୦୦୧ରେ ତା.୦୭.୦୪.୨୦୨୫ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିନା ଅମାନତ ରାଶି ଟ.୨୦୦୦.୦୦ ଙ୍କା (ଦୁଇ ହଜାର ସହ) ରେ ନିଲାମ ଦରଖାସ୍ତ ଗ୍ରହଣଯୋଗ୍ୟ ନୁହେଁ । ତା.୦୮.୦୪.୨୦୨୫ ରିଖ ସକାଳ ୧୦.୦୦ ଘଟିକା ସମୟରେ ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ ନିଲାମ ପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ନିଲାମ ପତ୍ର ଖୋଲାଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନିଆଯିବ ଏବଂ ଉକ୍ତ ଦିନ ତାଙ୍କୁ ନିଲାମରାଶିର ୨୫% ଟଙ୍କା ଜମା ଦେବାକୁ ପଡିବ । ଯଦି ଉକ୍ତ ବ୍ୟକ୍ତି ଜମା ନ କରନ୍ତି ତାଙ୍କର ନିଲାମ ଖାରଜ ହୋଇଯିବ ଏବଂ ତାହା ପରବର୍ତ୍ତୀ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନିଆଯିବ । ନିଲାମରେ ଅସଫଳ ହୋଇଥିବା ବ୍ୟକ୍ତିଙ୍କର ଅମାନତ ରାଶି ଉକ୍ତ ଦିବସରେ ଫେରାଇ ଦିଆଯିବ । ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶିକୁ ନିଲାମ ଘୋଷଣା ହେବାର ୨୪ ଘ. ମଧ୍ୟରେ ପଇଠ କରିବେ । ପଇଠ କରିବାର ପରବର୍ତ୍ତୀ ଦିବସରେ ତାଙ୍କୁ ଫାର୍ମ ପରିସରରେ ଫଳ ତୋଳିବାକୁ ଅନୁମତି ଦିଆଯିବ । ଯାହାର ସମୟ ସୀମା (୨୮.୦୨.୨୬ କିମ୍ବା ଫଳ ତୋଳିବାର ଶେଷ ଦିନ ଯାହା ପ୍ରଥମେ ଘଟିବ) । ଯଦି ଉକ୍ତ ସମୟସୀମା ମଧ୍ୟରେ ଫାର୍ମରେ ବିନା କାରଣରେ କୌଣସି କ୍ଷୟକ୍ଷତି ହୋଇଥାଏ ତାହାର ଭରଣା ନିଲାମଧାରୀଙ୍କର ପଇଠ ଥିବା ଅମାନତ ରାଶିରୁ କରାଯିବ । ପ୍ରାର୍ଥୀ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟସୀମା ମଧ୍ୟରେ ଫାର୍ମ ଦାୟିତ୍ୱରେ ଥିବା ଉଦ୍ୟାନ ଅଧିଦର୍ଶକଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ । ଅନ୍ୟାନ୍ୟ ସର୍ତ୍ତାବଳୀ ଲାଗୁ ରହିବ ।
ସର୍ବାଧିକ ନିଲାମରାଶି କିମ୍ବା ସମସ୍ତ ନିଲାମ ପତ୍ରକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ସମ୍ପୂର୍ଣ୍ଣ କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

ସ୍ୱା./- ତପନ କୁମାର ମହାନ୍ତି
ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବାଲେଶ୍ୱର

| ନିଲାମ ପତ୍ର ପ୍ରାପ୍ତିସ୍ଥାନ ଓ ଦାଖଲ ସ୍ଥାନ ଶେଷ ତାରିଖ/ସମୟ | ନିଲାମ ପତ୍ର ଖୋଲାଯିବା ତାରିଖ/ସମୟ | ଅମାନତ ଜମାରାଶି ପରିମାଣ | ଫଳ ଗଛର ନାମ ଓ ସଂଖ୍ୟା |
|---|---|---|---|
| ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବାଲେଶ୍ୱର ତା.୦୭.୦୪.୨୦୨୫ ରିଖ ଅପରାହ୍ନ ୦୫.୩୦ ଘଟିକା | ତା.୦୮.୦୪.୨୦୨୫ ରିଖ ଦିବା ୧୦.୦୦ ଘଟିକା | ଟ.୨୦୦୦.୦୦ | କାଜୁ ଗଛ-୩, ଆମ୍ବ ଗଛ-୩୫୦, ସପେଟା-୬୫, ନଡିଆ-୧୮, ଲିଚୁ-୧୮ |

OIPR-01407/11/0001/2425

ସ୍ୱା./- ତପନ କୁମାର ମହାନ୍ତି
ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବାଲେଶ୍ୱର



## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No.XXXIII-52: **ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

**ଏଲ.ଏ.କେସ୍ ନଂ-୫୫/୨୦୧୯**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ମନୁଦେଇ, ସ୍ୱାମୀ-ମହନ ମାନ୍ଧାତା, ସା-ଅନ୍ଧାରୁଆ, ୨.ଭ୍ରମର ମଙ୍ଗରାଜ, ପିତା-ଯୋଗୀ ମଙ୍ଗରାଜ, ୩.ଟୋମି ବେଓ୍ୱା, ସ୍ୱାମୀ-ଚିନ୍ତାମଣି ମଙ୍ଗରାଜ, ସା-ଶିମିଳିପାଟଣା....... ବିରୋଧୀ ପକ୍ଷମାନେ ।

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୫୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଅଁଳାପାଟଣା, ଖାତା ନଂ- ୨୯, ପ୍ଲଟ ନଂ-୮୦, ରକବା ଏ ୦.୦୩୦ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସତ୍ତ୍ୱ ବିଷୟରେ ସଫେଇ/ ତଦ୍‌ବିର କରିପାରିବେ** । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୩.୦୫.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା. ୨୭.୦୨.୨୦୨୫ରିଖ ।

Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱା./- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ
ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0063/2425



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NOTICE**

**NOTICE INVITING TENDERS FOR REPAIR AND MAINTENANCE OF RURAL ROADS UNDER PMGSY & OTHER SCHEME**

**NATIONAL COMPETITIVE BIDDING THROUGH "e"-Procurement**

**Bid Identification No. Online Tender / 38-2024-25/PMGSY/BPR**

No. O-1637: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for Repair/Maintenance of Rural Roads Constructed under Pradhan Mantri Gram Sadak Yojana in the districts of GANJAM for 1 (One) number of packages with estimated cost totalling to Rs.1.78 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to singing of the contract.

Date of release of invitation for Bids through e-procurement Dtd.24.03.2025.

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

Last date/time for receipt of bids through e-procurement: 07.04.2025 upto 5.30 P.M.

For further details and corrigendum (if any) please log on to **www.pmgsytenders.gov.in**.

OIPR-25071/11/0072/2425 Sd./- Chief Construction Engineer, R.W. Circle, Berhampur

# ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ କମିଟି ଗଠନ କରାଯାଉ: କାଡାମ

**ଭୁବନେଶ୍ୱର,୨୦।୩(ସୁନିତ୍ ମିଶ୍ର)**


ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ଓ ଅନ୍ୟମାନେ।

ଗଣତନ୍ତ୍ରକୁ ହତ୍ୟାକାରୀ ଶାସକ ଦଳ ବିଧାନସଭା ଚଳାଉଛି ବୋଲି କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ୧୧ ଜଣ ବିଧାୟକ ଭାଜପା ସରକାର ଉପରେ ବର୍ଷିଥିଲେ। ଏହି ଅବସରରେ କାଡାମ କହିଛନ୍ତି, ଦୀର୍ଘଦିନ ହେଲା ବିଧାନସଭା ଭିତରେ ନାରୀ ସୁରକ୍ଷା, ଛାତ୍ରୀ ନିର୍ଯାତନା ବିରୋଧରେ କଂଗ୍ରେସ ଦାବି ଉଠାଇଚାଲିଛି। ରାଜ୍ୟରେ ମହିଳାମାନେ ଭାଜପାର ୯ ମାସର ସରକାରରେ ପ୍ରତ୍ୟେକ ଦିନ ନିର୍ଯାତିତ ହେଇଚାଲିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତାରାପ୍ରସାଦ ବାହିନୀପତିଙ୍କୁ ଅନ୍ୟାୟ ଭାବେ ୭ଦିନ ହେଲାଣି ଗୃହରୁ ନିଲମ୍ବନ କରାଯାଇଛି। ଓଡ଼ିଶାର ସ୍ୱାର୍ଥ ପାଇଁ ଯେଉଁ ସଦସ୍ୟମାନେ ଗୃହରେ ସ୍ୱର ଉଠାଉଛନ୍ତି ତାଙ୍କୁ ଶାସ୍ତି ଦିଆଯାଉଛି। ଶାସକ ଦଳର ଦାୟିତ୍ୱ ହେଉଛି ବିରୋଧୀଙ୍କୁ ସାଙ୍ଗରେ ନେଇ ଗୃହ ସୁପରିଚାଳନା କରିବା କଥା। ବାଚସ୍ପତି ତୁରନ୍ତ ସର୍ବଦଳୀୟ ବୈଠକ ଡାକନ୍ତୁ ଓ ଗୃହ କମିଟି ଗଠନ କରନ୍ତୁ। ୯ ମାସରେ ନିର୍ଯାତନା ବ୍ୟାପକ ଭାବେ ବଢ଼ିଛି। ଆଦିବାସୀ, ଦଳିତ, ଓଡ଼ିଆ ମହିଳାମାନେ ସବୁ ଏଠାରେ ଅସୁରକ୍ଷିତ। ଗୃହ କମିଟି ନ ହେବା ପର୍ଯ୍ୟନ୍ତ କଂଗ୍ରେସର ବିରୋଧ ଜାରି ରହିବ। ରାଜଧାନୀରେ ହୋଲିରେ ହତ୍ୟାକାଣ୍ଡ ହେଉଛି। ସାରା ରାଜ୍ୟର ଲୋକମାନେ ବର୍ତ୍ତମାନ ଅସୁରକ୍ଷିତ ଅଛନ୍ତି। ବିଧାନସଭାରେ ୩ ଦିନ ହେଲାଣି ଦାବି ହେଉଛି କିନ୍ତୁ ବିରୋଧୀଙ୍କ ଏହି କଥା ପ୍ରମାଣ ହେଉନାହିଁ। ଗଣତନ୍ତ୍ରକୁ ହତ୍ୟା ପାଇଁ ଡବଲ ଇଞ୍ଜିନ ସରକାରର ଏହା ଷଡଯନ୍ତ୍ର। ଶାସକ ଦଳର ଯେତିକି ଅଧିକାର ରହିଛି ବିରୋଧୀମାନଙ୍କ ସେତିକି ଅଧିକାର ରହିବା କଥା। ସରକାର ଯେତେବେଳେ ସ୍ୱେଚ୍ଛାଚାରୀ ହୋଇଯିବ, ତାହେଲେ ବିରୋଧୀ ଲଢେଇ ପାଇଁ କେବେ ପଛଘୁଞ୍ଚା ଦେବ ନାହିଁ। ଆସନ୍ତା ୨୭ରେ କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି କାଡାମ କହିଛନ୍ତି।



ସଂସଦର ବଜେଟ ଅଧିବେଶନ ଚାଲିଥିବା ବେଳେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ଡିଏମ୍‌କେ ସମେତ ଇଣ୍ଡିଆ ବ୍ଲକ୍‌ର କେତେଜଣ ମହିଳା ଏମ୍‌ପି ପ୍ରତିବାଦ କରୁଛନ୍ତି।

# ଗୋଟିଏ ଟେବୁଲରେ ୩ ଦଳର ନେତା

**କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ବାରବାଟୀ ଦୁର୍ଗସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଗୁରୁବାର ପଖାଳ ଦିବସ ପାଳନ କରିଛନ୍ତି। ଏଥିରେ ବିଭିନ୍ନ ଦଳର ନେତା ଯୋଗ ଦେଇଥିବାବେଳେ କଟକ ବିଜେଡିର ପ୍ରମୁଖ ନେତୃବୃନ୍ଦ ସାମିଲ ନ ହେବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ମେୟର ସୁବାସଙ୍କ ପଖାଳ ଦିବସ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବାରବାଟୀ-କଟକ, ଚୌଦ୍ୱାର-କଟକର ନେତୃବୃନ୍ଦ, ସିଏମ୍‌ସିର ସମସ୍ତ କର୍ପୋରେଟର, ଶାନ୍ତି କମିଟି କର୍ମକର୍ତ୍ତା, ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏଥିରେ ଦେବାଶିଷ, ସୌଭିକ୍, ପ୍ରଭାତଙ୍କ ସମେତ ବାରବାଟୀ-କଟକ ଓ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ନେତୃବୃନ୍ଦ, ସିଏମ୍‌ସିର ବିଜେଡି କର୍ପୋରେଟରମାନେ ଉପସ୍ଥିତ ନ ଥିବାରୁ ଦଳ ମଧ୍ୟରେ କନ୍ଦଳ ଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ମେୟର ସୁବାସ ଏ ସମସ୍ତ ପ୍ରସଙ୍ଗକୁ ଏଡ଼ାଇ କହିଛନ୍ତି, ପଖାଳ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ। ସେହିପରି ନଗର କଂଗ୍ରେସ ସଭାପତି ସୁରେଶ କହିଛନ୍ତି, ମେୟର ଡାକିବାରୁ ଏହି କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏଠାରେ ନିଆରା ପରମ୍ପରା ସୃଷ୍ଟି ହୋଇଛି। କୌଣସି ଦଳକୁ ଦେଖୁନାହୁଁ, ଏକ୍‌ଜୁଟ୍ ହୋଇ ପଖାଳ ଦିବସର ମଜା ନେଉଛୁ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଡ. ସତ୍ୟ ରାୟ, କବି ଅମରେଶ ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, କଣ୍ଠଶିଳ୍ପୀ ସୋହିନୀ ମିଶ୍ର, ପ୍ରଫେସର ଡା. ଜୟନ୍ତ ପଣ୍ଡା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, କଟକ ମହାନଗର ଶାନ୍ତି କମିଟି କାର୍ଯ୍ୟକରୀ ସଭାପତି ପ୍ରଦୀପ କୁମାର ସିହ୍ନା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସିଏମ୍‌ସିର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଓ ଅଧକ୍ଷ, କର୍ପୋରେଟର, ଆଇନଜୀବୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।


ବାରବାଟୀ ଦୁର୍ଗ ପରିସରସ୍ଥ ମେୟର ସୁବାସ ସିଂଙ୍କ କ୍ୱାର୍ଟର୍ସରେ ଅନ୍ୟ ଦଳର ନେତାମାନେ ପଖାଳ ଖାଉଛନ୍ତି।

**କଟକ ମେୟରଙ୍କ ପଖାଳ ଦିବସ ପାଳନ**
**କଟକ ବିଜେଡି ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା**

# ମାଣ୍ଡିପଙ୍କା ପ୍ରସଙ୍ଗ ଉଠାଇଲା କଂଗ୍ରେସ

## ଦାରିଙ୍ଗବାଡ଼ିରେ ଜାତୀୟ କଂଗ୍ରେସ କମିଟି ସମ୍ପାଦିକା ରୋଜଲିନା ତିର୍କୀ

**ଦାରିଙ୍ଗବାଡ଼ି,୨୦।୩ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଯାଉ ଖାଇ ଗତ ନଭେମ୍ବରରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଥିଲେ। ୫ ମାସ ପରେ ଉକ୍ତ ପ୍ରସଙ୍ଗକୁ ପୁଣି ଥରେ କଂଗ୍ରେସ ଉଠାଇଛି। ଗୁରୁବାର ଜାତୀୟ କଂଗ୍ରେସ କମିଟି ସମ୍ପାଦିକା ରୋଜାଲିନା ତିର୍କୀ ମାଣ୍ଡିପଙ୍କା ଗସ୍ତ କରିଛନ୍ତି। ସେଠାରେ ସେ ଆମ୍ବଟାକୁଆ ଖାଇ ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପରେ ସେ ଗାଁ ମୁଖିଆଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅକ୍ଟୋବର ଓ ନଭେମ୍ବରରେ କୃଷି କ୍ଷେତ୍ରରେ ଅମଳ ହୋଇ ନ ଥିବାରୁ ଚଳିବା ଅସୁବିଧା ହେଉଥିଲା। ସରକାର କ୍ଷତିପୂରଣ ପ୍ରଦାନ କରିବେ ବୋଲି ବିଡିଓ ପ୍ରୀତିରଞ୍ଜନ ସୂଚନା ଦେଇଥିବା ଅଞ୍ଚଳବାସୀ ଜଣାଇଥିଲେ। ଗାଁରେ କେତେକ ନଳକୂପରୁ ଗୋଳିଆ ପାଣି ବାହାରୁଥିବା ମହିଳାମାନେ ଜଣାଇଥିଲେ। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ତିର୍କୀ କହିଛନ୍ତି ଯେ, ତାଙ୍କୁ ଏଠାକୁ ଆସିବା ପାଇଁ ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। ସେ ଏଠାରେ ଯେଉଁ ପରିସ୍ଥିତି ଦେଖିଲେ, ସେ ସମ୍ପର୍କରେ ରାହୁଲ ଗାନ୍ଧୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି। ମାଣ୍ଡିପଙ୍କାରେ ଘଟଣା ଘଟିବା ପରେ ସେ ଓ ରାଜ୍ୟର ନେତୃମଣ୍ଡଳୀ ସେତେବେଳେ ଓଡ଼ିଶାର ରାଜ୍ୟପାଳଙ୍କୁ ଘଟଣା ବିଷୟରେ ଜଣାଇଥିଲେ। କିନ୍ତୁ କେବଳ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରି ଆଉ କ୍ଷତିପୂରଣ ଦିଆଯାଇ ନ ଥିବା ଉଦ୍‌ବେଗଜନକ ଘଟଣା। ଏବେ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବା ଶୁଣି ୪ଲକ୍ଷ ଲେଖାଏଁ କ୍ଷତିପୂରଣ ବାବଦକୁ ସହାୟତା ରାଶି ଦିଆଯିବା ନେଇ ପ୍ରଶାସନ ତତ୍ପର ହେଉଛି ବୋଲି ସମ୍ପାଦିକା ରୋଜାଲିନ ଓ ଅନ୍ୟମାନେ କହିଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଅନ୍ୟ ସାହି ରାସ୍ତା ଆଦି ଅବହେଳିତ ହୋଇ ରହିଥିବା ଅଭିଯୋଗ ହେଉଥିବା କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକାଙ୍କ ଦଳର ଜିଲା ସଭାପତି ଚନ୍ଦ୍ରଶେଖର ପରିଡା, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ପୂର୍ବତନ ଏମ୍‌ପି ଅଭିମନ୍ୟୁ ବେହେରା, ଆନସ ପ୍ରଧାନ, ଅମିର ଚାନ୍ଦ ନାୟକ, ଦୀପିକା ମାଝୀ, ସମିତିସଭ୍ୟ ରୁଦା ମଳିକ, ସରପଞ୍ଚ କୁମାରୀ ମଳିକଙ୍କ ସମେତ ବହୁ ଦଳୀୟ କର୍ମୀ ମାଣ୍ଡିପଙ୍କା ଗସ୍ତ କରିଥିଲେ।


ଜାତୀୟ କଂଗ୍ରେସ କମିଟି ସମ୍ପାଦିକା ରୋଜଲିନା ତିର୍କୀ ଗ୍ରାମବାସୀଙ୍କ ସହ କଥା ହେଉଛନ୍ତି।


ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ, ବୀରମିତ୍ରପୁର
**OFFICE OF THE BIRMITRAPUR MUNICIPALITY; BIRMITRAPUR**
ପୌରପାଳିକା କାର୍ଯ୍ୟାଳୟ ବୀରମିତ୍ରପୁର-୭୭୦୦୩୩
Municipality Office Birmitrapur-770033, Tel:0661-2610008
E-mail:biramitrapurm.hud@nic.in
No.558/ BMPR-MUN Date: 19.03.2025

**PUBLIC NOTICE**

**No.C-1919:** It is information of all concerned that the Birmitrapur Municipality is going to be declared as ODF++Under Swachh Bharat Mission (Urban)
Hence, if anyone found open defecting, urinating and spitting in public Places, an amount of Rs.100/- (Rupees One Hundred) only shall be imposed towards penalty from the person concerned.

Sd./- Executive Officer
Birmitrapur Municipality
OIPR-13139/11/0008/2425



**VIKRAM DEV UNIVERSITY**
JEYPORE, DIST : KORAPUT, ODISHA - 764001
No. : 706/VDU/25 DATE: 19.03.2025

**ADVERTISEMENT**

**No.CAD-2886** : A Walk-in-interview will be held at 10.30 A.M on 28.03.2025 in the Administrative block of this University for engagement of faculties in (Foundation Courses-1, Physical Science-1, Biological Science-1, Social Science-1 and Language-1) on contractual basis for a period of 1 year for **two years B.Ed. Programme** under Self Financing mode. Interested candidates having requsite qualification may attend the interview with their application in the prescribed format and copies of all certificates & marksheets from H.S.C. onwards duly self attested by them along with original certificates for verification. The Contractual faculties will be paid @ Rs.40,000/- per month. No T.A./ D.A. will be paid for attending the Walk-in-interview. For more datails, the cadidates may visit the university website www.vikramdevuniversity.ac.in.

Sd./- Registrar
V. Dev University, Jeypore
OIPR-11133/11/0001/2425



**OFFICE OF THE REGISTRAR**
**DHARANIDHAR UNIVERSITY, KEONJHAR**
**PIN -758001, ODISHA, INDIA**
Letter No. 837 /Dt._18.03.2025

**SHORT QUOTATION CALL NOTICE**

**No.CAD-2874** : Sealed quotations are invited from the intending registered firms/Vendors/Caterers for **Catering Service (Supply & Servicing of Breakfast, Lunch, and Evening Snacks & Dinner for Odisha Inter University Competitions Game & Sports 2024-25)** at Dharanidhar University. The detail list of items, terms and conditions/ specifications can be obtained from the University office (Sports Council Section) in person on working days during office hours or from university website : **https://dduniversity.ac.in.** The sealed quotation should accompany with copy of latest GST Registration Certificate, PAN CC, Valid Food License from FSSAI along with all supporting documents as mentioned in Tender documents and so as to reach the Office of the Registrar, Dharanidhar University, Keonjhar-758001, Odisha by Speed Post/Regd. Post/Courier on or before Dt : 02.04.2025 (12.30 P.M.) which will be opened on the same day at 04.00 P.M. in presence of the bidders or their authorized representatives.

Sd./- Registrar
Dharanidhar University, Keonjhar
OIPR-11126/11/0009/2425



**PANCHAYAT SAMITI BARIPADA**
**TENDER CALL NOTICE**

**No.i-565** : BDO,Baripada invites sealed tender on behalf of Govt. of Odisha for the following work in conformity with the DTCN. BID Identification No.23-2024-25/ BDO, BARIPADA
Name of the work : **"Construction of Model AWC at Bhagabandh under B. C Pur GP"**
Date of Receipt of Tender: 19.03.2025 at 10.30 A.M. to 02.04.2025 upto 5 P.M. via Drop Box at Block Office. Date of Opening of Tender : 03.04.2025,11 A.M. in the Conference Hall of BDO, Baripada.
Terms and Conditions : Details of the Bid documents can be downloaded from the official website of the district (www.mayurbhanj.nic.in) from 19.03.2025 to 02.04.2025. All the terms and conditions can be seen from the above website.

Sd./- Block Development Officer
Baripada
OIPR-19109/11/0008/2425



**OFFICE OF THE PANCHAYAT SAMITI, PODIA**
Dist. Malkangiri, PIN - 764047 (Odisha), E-mail : ori-podia@nic.in
No. 863/2024-25 Date : 13.03.2025

**TENDER CALL NOTICE No. 03/2024-25**
**DATED 13.03.2025**

**No.i-568** : The Block Development Officer, Podia invites Percentage Rate bids in Single Cover System for the construction work from eligible class of contractors as per DTCN.

| | | | |
|---|---|---|---|
| 1 | Nature of work | : | Civil works |
| 2 | No. of works | : | 4 |
| 3 | Estimated Cost | : | As per DTCN |
| 4 | Period of completion | : | As per DTCN |
| 5 | Date and time of availability of the documents in the Portal | : | From 17.03.2025 to 15.04.2025 upto 01.00 P.M. |
| 6 | Last date/time for receipt of Bids through Registered Post / Speed Post only | : | Dt. 15.04.2025 upto 01.00 P.M. |
| 7 | Bids received online shall be opened on | : | Dt. 17.04.2025 at 11.00 A.M. |
| 8 | Name and address of the Tender Inviting Authority | : | Block Development Officer, Podia |

Further the details can be seen from the District NIC website https://malkangiri.odisha.gov.in

OIPR-19388/11/0008/2425



**Government of Odisha** No.O-1638
**Office of the Superintending Engineer, Rural Works Division, Jharsuguda**
Email : eerw_jharsuguda@yahoo.co.in, Tel. : 06645-271643
Bid Identification No. Online - SEJSG - 23 of 2024-25
**NOTICE INVITING TENDER FOR BUILDING WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1 | Name of the work | : | Building work as per DTCN available in the www.tendersorissa.gov.in |
| 2 | Total No. of Work | : | 02 (Two) Nos. |
| 3 | Estimated Cost | : | Rs. 8.40 Lakh to Rs. 8.41 Lakh |
| 4 | Period of completion | : | 02 (Two) Calendar Months |
| 5 | Period and Time of availability of bid document in the portal for bidding | : | Dt. **24.03.2025** at 11.00 A.M. to **03.04.2025** upto 05.00 P.M. |
| 6 | Date and Time of bid opening | : | Dt. **04.04.2025** at 11.00 A.M. |
| 7 | Name and address of the officer inviting Bid | : | S.E., R.W.Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd./- Superintending Engineer
R.W. Division, Jharsuguda
OIPR-25104/11/0029/2425



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JHARSUGUDA
CIN:U40102OR2004SGC007553
Lifeline of Odisha

Notification No. 987 Dated : 01.03.2025
No.CAD-2890

**NOTIFICATION**

In accordance with Section-164 of Indian Electricity Act, 2003 and in exercise the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 19.59 Crores. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Dy. General Manager (Electrical), EHT (O&M) Division, Jharsuguda OPTCL, AT-Budhipadar, Po-H.Katapali, Dist-Jharsuguda-768202 within two months from the date of publication of this notification. Full details of the scheme and plan may be seen in the office of the DGM (Elect), EHT (O&M) Division, Jharsuguda, on any working day during office hours.
**Name of the Work:-** 1)Diversion of 132 kV Budhipadar-Jorabaga D/C line from Loc. 12 to Loc. 21(Approx Line length-2.403 KM). 2) Diversion of 132 kV Budhipadar-Jorabaga LILO line (Approx Line length-2.879 KM). 3) Diversion of 132 kV Sambalpur-Rajgangpur S/C line from Loc. 159 to Loc. 166(Approx Line length-2.156 KM). 4) Diversion of 132 kV Brajrajnagar-Lapanga D/C line from Loc. 54 to Loc. AP 7/0(Approx Line length-2.420 KM). 5) Diversion of 132 kV Budhipadar-Jharsuguda-Lapanga D/C line from Loc. 151 to Loc. 159(Approx Line length-2.592 KM).
**Name of the Village in which the line will Pass : Tahasil: Jharsuguda, R.I Circle:** Badmal & Hansamurakatapali, Village: Badmal, Shinhbagha.
**Perceived benefit that may accrue :** For construction of Railway Fly Over from IB Railway Station to Brundamal Railway Station, Jharsuguda and development of Odisha State in General.

FIPR-57/2024-25
OIPR-04011/11/0124/2425
Sd/- Dy. General Manager (Electrical), EHT (O&M) Division, Jharsuguda
/optcl.odisha /optcl_odisha



**ODISHA POLICE STATE HEADQUARTERS, CUTTACK**

**Odisha Police**
**Office of the D.G. & I.G. of Police, Odisha, Cuttack**
Tel.:0671-2304001, Website:www.odishapolice.gov.in,
Email:aig-prov.odpol@gov.in

**No.D-302:** Online Bids through e-Tender Portal https://tendersodisha.gov.in are invited from the eligible bidders for purchase of **RFP-67-Smart Phone-25 2025 for CID CB** during the current financial year 2024-25 as per the particulars mentioned below.

| Sl.No. | Name of Item | RFP No. & Date | Quantity |
|---|---|---|---|
| 1 | Smart Phone | 67-RFP-Smart Phone-2024-25, Dtd.19.03.2025 | 2500 Nos. |

| Events | Date |
|---|---|
| RFP Issue Date | **19/03/2025** |
| RFP submission Due Date and time | **25.03.2025 10.00 AM** |
| Date & Time of Opening of Technical Bids | **25.03.2025 11.00 AM** |
| Date & Time of Opening of Financial Bids | To be intimated qualified Bidder |
| Tender Document fee | Rs.590/- in favour of A.I.G. of Police (Prov.), Odisha, Cuttack payable at Cuttack (Demand Draft) |
| EMD (Earnest Money Deposit) | Rs.10,00,000/- in favour of A.I.G. of Police (Prov.), Odisha, Cuttack payable at Cuttack (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites:** https://tendersodisha.gov.in. **The authority reserves the right to accept/reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

www.odishapolice.gov.in, Email:sphqrs.odpol@nic.in
Buxi Bazar, Cuttack-753001 Tel/Fax No.0671-2304354

**Odisha Police**
**Office of the D.G. & I.G. of Police, Odisha, Cuttack**
Tel.:0671-2304001
Website:www.odishapolice.gov.in, Email:dirsfsl.orpol@nic.in
RFP No.65-RFP-FTIR-ATR-2024-25 Date:19.03.2025

Online Bids through e-Tender Portal https://tendersodisha.gov.in are invited from the eligible bidders for procurement of FTIR-ATR-Microscope Imaging System for State FSL, Bhubaneswar during the current financial year 2024-25 as per the schedule mentioned below.

| Events | Date |
|---|---|
| RFP Issue Date | **19.03.2025** |
| RFP submission Due Date and time | 28.03.2025 |
| Date & Time of Opening of Technical Bids | 29.03.2025 |
| Date & Time of Opening of Financial Bids | To be intimated qualified Bidder |
| Tender document fee **Rs.590/- { (Non-refundable) Rs.500/-+ 18% GST (Rs.90/-)}** | **In favour of A.I.G. of Police (Prov.) Odisha, Cuttack payable at Cuttack (Demand Draft)** |
| EMD (Earnest Money Deposit) | **In favour of A.I.G. of Police (Prov). Odisha, Cuttack payable at Cuttack (Demand Draft)** |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning)
Cuttack, Odisha
(Tender Calling Authority)

www.odishapolice.gov.in Email- sphqrs.odpol@nic.in
Buxi Bazar, Cuttack-753001 Tel./Fax No.0671-2304354
OIPR-12018/11/0003/2425



**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI - 31 OF 2024-25**
Ph. - (06752) 251276 Fax - (06752) 251276, E-mail - eerwsspuri@gmail.com

**No.O-1636** : The Superintending Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of Work | : | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District |
|---|---|---|---|
| 1 | No. of works | : | 01 (One) |
| 2 | Estimated Cost | : | Rs. 11.51 Lakh (app.) |
| 3 | Time for completion | : | 02 (Two) Months |
| 4 | Cost of bidding document | : | Rs. 6000/- |
| 5 | Class of Contractors eligible | : | Holder of HT Licenses of ELBO |
| 6 | Availability of bids on-line | : | From 11.00 hour of 21.03.2025 to 17.00 hours of 02.04.2025 |
| 7 | Last date and time for seeking clarification | : | 17.00 hours of 29.03.2025 |
| 8 | Date & time of opening of technical bids | : | On dt 03.04.2025 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office) |
| 9 | Date and time of opening of financial bids | : | Does not arise |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

Sd./- Executive Engineer
R.W.S&S Division, Puri
OIPR-25017/11/0016/2425



**GOVT. OF ODISHA** No.A-1190
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER, DRAINAGE**
CUTTACK, GANDARPUR - 753003
**E-PROCUREMENT NOTICE NO. CE-DR-CTC-01/2024-25**
email Id : cedrainage@gmail.com

| | | | |
|---|---|---|---|
| 1. | Name of Works | : | **Renovation of PalPala Nallah and it's Link Drains with construction of structures and slope protection works in Baliapal and Basta Block of Balasore District - DOAB-IX** |
| 2 | Nature of Work | : | i) Earth Work<br>ii) Structural Work<br>iii) Stone pitching work |
| 3 | Total number of Packages | : | 1 no. individual package |
| 4 | Estimated Cost | : | **Rs. 1225.92 Lakh** |
| 5 | Bid Identification No. | : | CE-DR-CTC/DD-BLS-01/2024-25 |
| 6 | Period of conmpletion | : | 18 (Eighteen) Calendar months |
| 7 | Availability of Tender On-Line | : | 21.03.2025, 16.00 Hours to 10.04.2025, 17.00 Hours |
| 8 | Date of Opening of Technical Bid | : | 11.04.2025 at 11.30 hours in the O/o the Chief Engineer, Drainage, Cuttack |
| 9 | Class of Contractor | : | Special & A Class |
| 10 | Bid Security / EMD | : | **Rs. 12,26,000/- (To be remitted online)** |
| 11 | Cost of Tender paper | : | Rs. 10,000/- |
| 12 | Procurement Officer | : | Chief Engineer, Drainage, Cuttack, Gandarpur - 753003 |

Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. website www.tendersorissa.gov.in

Sd./- Chief Engineer
Drainage, Cuttack
OIPR-32076/11/0002/2425


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୟାଗଡ଼ ୩୦୯ ରନରେ ବିଜୟୀ


ସମୀର ମହାନ୍ତି


ଅନୁପମ ଷଡ଼ଙ୍ଗୀ


ଅଙ୍କିତ ସିଂ

## କଳାହାଣ୍ଡି କପ୍ କ୍ରିକେଟ

- ଅନୁପମ, ସମୀର, ଅଙ୍କିତ୍‌ଙ୍କ ଶତକ
- ଆଶୁତୋଷଙ୍କୁ ୫, ଡାନିସ୍‌ଙ୍କୁ ୬ ଉଇକେଟ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ, ବି ଓ ସି'ର ମୋଟ ୯ଟି ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ୩୦୯ ରନରେ ଗଜପତିକୁ ପରାସ୍ତ କରିଛି। ଅନୁପମ ଷଡ଼ଙ୍ଗୀ (୧୭୦ ରନ)ଙ୍କ ଶତକ ଓ ଲିଳାଧର ପ୍ରଧାନଙ୍କ ୯୭ ରନ ସହାୟତାରେ ନୟାଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୪୦୪ ରନ କରିଥିଲା। ଜବାବରେ ଗଜପତି ୨୩.୩ ଓଭରରେ ୯୩ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳ ଆଶୁତୋଷ ଦାସ ୫ ଉଇକେଟ ସଫଳତା ପାଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଇକୋର୍ସା ୧୧୧ ରନରେ ନବରଙ୍ଗପୁରକୁ ହରାଇଛି। ସମୀର ମହାନ୍ତି (୧୨୨) ଶତକ ହାସଲ କରିଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଯାଜପୁର ୨ ଉଇକେଟରେ କୋରାପୁଟକୁ ଏବଂ କିଟ୍ ଷ୍ଟାଡିୟମରେ ମୟୂରଭଞ୍ଜ ୧୧୪ ରନରେ କନ୍ଧମାଳକୁ ପରାସ୍ତ କରିଛି। ସେହିପରି ଖୋର୍ଦ୍ଧା ଗ୍ରାଉଣ୍ଡରେ କଟକ-ଏ ୯ ଉଇକେଟରେ ନୂଆପଡ଼ାକୁ ହରାଇ ଦେଇଛି। ବିଜୟୀ ଦଳର ମହମ୍ମଦ ଡାନିସ ୬ ଉଇକେଟ ସଫଳତା ପାଇଛନ୍ତି। ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୫ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଜଗତ୍‌ସିଂହପୁର ୪ ଉଇକେଟରେ ବୌଦ୍ଧ, ସନ୍‌ସାଇନ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୯ ଉଇକେଟରେ ଭୁବନେଶ୍ୱର-ବି'କୁ ପରାସ୍ତ କରିଛି। ସୁନ୍ଦରଗଡ଼ର ଅଙ୍କିତ ସିଂ (୧୦୨) ଶତକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବାରବାଟୀ ଷ୍ଟାଡିୟମରେ ପାରାଦୀପ ୧୩୧ ରନରେ କନ୍ଧମାଳକୁ ହରାଇ ଦେଇଛି।

# ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**


ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିଗଣ।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ ଓଡ଼ିଶାର ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଓଭିଏ ସଭାପତି ଅଚ୍ୟୁତ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ, ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ, ଉପସଭାପତି ରବୀନ୍ଦ୍ର କୁମାର ଦାସ ଓ ସୟଦ ଅକମଲ ଅଲୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ଜଗତ୍‌ସିଂହପୁର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦୋଳ ଗୋବିନ୍ଦ ଦାଶ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପସଭାପତି ରାଧାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ୫୫ ଜିଲା/ୟୁନିଟ ଦଳକୁ ଭଲିବଲ, ନେଟ୍ସ ଓ ଟି-ଶାର୍ଟ ଦିଆଯାଇ ଉତ୍ସାହିତ କରାଯାଇଥିଲା। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ କିଟ୍ ୨-୦ ସେଟ୍‌ରେ ପୁରୀକୁ ପରାସ୍ତ କରିଛି। ପୁରୀର ରାଜ କିଣ୍ଡୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ କେନ୍ଦୁଝର ୨-୦ରେ ବାଲେଶ୍ୱରକୁ ହରାଇଛି। ବାଲେଶ୍ୱରର ପ୍ରୀତମ ରାଉତ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।

## ଭାରତରେ ହେବ ଏସିଆନ ସୁଇମିଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୦।୩ (ପି.ଟି.):** ଭାରତ ଏସିଆନ ସୁଇମିଂ ଚାମ୍ପିୟନଶିପ୍‌ର ୧୧ଶ ସଂସ୍କରଣର ଆୟୋଜକ ହୋଇଛି। ଏହି ଇଭେଣ୍ଟ ଅହମ୍ମଦାବାଦସ୍ଥିତ ନାରଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅକ୍ଟୋବର ୧ରୁ ୧୫ ପର୍ଯ୍ୟନ୍ତ ହେବ। ଜାତୀୟ ମହାସଂଘ ତରଫରୁ ଏହା ଗୁରୁବାର ଘୋଷଣା କରାଯାଇଛି। ଦେଶରେ ପ୍ରଥମ ଥର ଆୟୋଜନ ହେବାକୁ ଯାଉଥିବା ଏହି ମହାଦେଶୀୟ ଇଭେଣ୍ଟରେ ଜାପାନ ଓ କୋରିଆର ସନ୍ତରଣକାରୀମାନେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି ବୋଲି ଭାରତ ସନ୍ତରଣ ମହାସଂଘ ସାଧାରଣ ସମ୍ପାଦକ ମୋନାଲ ଚୋସ୍କି ପ୍ରକାଶ କରିଛନ୍ତି। ଭାରତ ଶେଷ ଥର ୨୦୧୯ରେ ଶେଷଥର ପାଇଁ ଏକ ଇଣ୍ଟରନ୍ୟାଶନାଲ ସୁଇମିଂ ଇଭେଣ୍ଟ (୧୦ମ ଏସିଆନ୍ ଏଜ୍ ଚାମ୍ପିୟନଶିପ୍) ୨୦୧୯ରେ ଆୟୋଜନ କରିଥିଲା। ଚାମ୍ପିୟନଶିପ୍‌ରେ ସୁଇମିଂ, ଡ୍ରାଇଭିଂ, ଆର୍ଟିଷ୍ଟିକ୍ ସୁଇମିଂ ଓ ୱାଟର ପୋଲୋ ଆଦି ଇଭେଣ୍ଟ ସ୍ଥାନ ପାଇବ।



କଟକ ଜିଲା ଚେସ୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା।

# ବିବେକ ସଭାପତି, ସତ୍ୟରଞ୍ଜନ ସମ୍ପାଦକ


## କଟକ ଜିଲା ଚେସ୍ ସଂଘ ନିର୍ବାଚନ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

କଟକ ଜିଲା ଚେସ୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ବାରବାଟୀ ଷ୍ଟାଡିୟମସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସମସ୍ତ କର୍ମକର୍ତ୍ତା ଆସନ୍ତା ୩ ବର୍ଷ (୨୦୨୫-୨୦୨୮) ପାଇଁ ନିର୍ବାଚିତ ହୋଇଛନ୍ତି। ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଏଥିରେ ବିବେକ ତିବରୱାଲ ସଭାପତି ଏବଂ ସତ୍ୟରଞ୍ଜନ ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରାପ୍ତ କୋଚ୍ ସତ୍ୟରଞ୍ଜନ ସମ୍ପ୍ରତି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମଧ୍ୟ ସମ୍ପାଦକ ଅଛନ୍ତି। ସନ୍ତୋଷ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର, ରାଜେନ୍ଦ୍ର କୁମାର ସେଠୀ, ଅଜୟ କୁମାର ନାୟକ ଉପସଭାପତି, ନୀହାର ରଞ୍ଜନ ସାସମଲ ଓ ଜୀବନ ବଲ୍ଲଭ ସାମଲ ଯୁଗ୍ମ ସମ୍ପାଦକ ଏବଂ ତାପସ କୁମାର ମହାନ୍ତି କୋଷାଧ୍ୟକ୍ଷ ହୋଇଛନ୍ତି। ସୂର୍ଯ୍ୟକାନ୍ତ ବିଷୋୟୀ ଟୁର୍ନାମେଣ୍ଟ ନିର୍ଦ୍ଦେଶକ, ଜ୍ୟୋତି ପ୍ରକାଶ ମହାପାତ୍ର ଯୁଗ୍ମ ଟୁର୍ନାମେଣ୍ଟ ନିର୍ଦ୍ଦେଶକ, ଶ୍ରୀତମ୍ ପୃଷ୍ଟି ଓ ବିଶ୍ୱଜିତ ରାୟ କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇଛନ୍ତି। ଆଶୀର୍ବାଦ ବେହେରାଙ୍କୁ ମୁଖ୍ୟ ପୃଷ୍ଠପୋଷକ କରାଯାଇଥିବାବେଳେ ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର, ଅସିତ କୁମାର ମୁଖାର୍ଜୀ, ହେମନ୍ତ କୁମାର ନାୟକ ଓ ମନସୁର ଅଲୀ ମେଣ୍ଟର ଏବଂ ରଞ୍ଜନ ମହାନ୍ତି, ଫଣୀନ୍ଦ୍ରନାଥ ମହାନ୍ତି, ରଘୁନନ୍ଦନ ସାମଲ ଓ ସୁଧୀର ମହାନ୍ତି ପରାମର୍ଶଦାତା ରହିଛନ୍ତି।


# Classified Everyday

**0674-2580101, 9692975378**


AUTOMOBILE
SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339


REAL ESTATE
SALE

**Duplex sale with gated society near AIIMS Hospital, Bhubaneswar. 9777433701.** D-76248


ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

ଗଙ୍ଗପଡ଼ା **Gift** କଲେଜ **Backside**ରେ **NH. 16** ରୁ **100 mtr** ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- **7978676652, 9439087845.** D-76249

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242


CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction-9438315332.** D-3206




**6000sqft. vacant plot for rent in Palasuni (200meter from NH) for commercial purpose. Contact- 9338694855, 9439492831.** D-3363




**Relax, Refresh your body, mind at Saikrupa Spa with best therapies. 8984068077.** D-3288

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Full body massage experience, good looking therapist @999 (Bhubaneswar). 9078484455.** D-3280

## LOST

Loss of sale deed- I, Nishikanta Mohapatra (55 yrs), S/o- Gangabihari Mohapatra, Vill/ P.O.- Hatapur, P.S.- Bansada, Dist.- Bhadrak declare that one sale deed bearing No. 884/1992 was executed in my favour along with my brother Susant Kumar Mohapatra and others of Vill/ P.O.- Hatapur, P.S.- Bansada, Dist.- Bhadrak by one Gayadhar Datta relating to khata No.12 of Mouza Hatapur relating to plot No. 409, 413, 422, 430 and accordingly one original sale deed over to us by the executing officer after execution of sale deed. That on dtd. 10.03.2025 while I was coming from Ghanteswar Market by two wheeler I have lost my handbag on the way. I am unable to trace it out which is beyond recovery. That I do make this affidavit before the Executive Magistrate, Chandabali to produce it before the concerned authority where it is necessary. D-3358

I, AMLAN KUMAR BISWAS has lost his B.E. Mechanical Certificate with Roll No.- 8270UT00004 on dt 07.02.24 while travelling from C.V. Raman College to home. Any person found is kindly requested to return the same. Contact: 7978227474 or 9836902211. D-3355

I, Bikash Barik, R/o- Village/P.O.- Loisingh, P.S.- Brajrajnagar, Dist.- Jharsuguda, declare that the Board Certificate issued by Biju Patnaik University of Technology, Rourkela bearing Regn. No.- 0701104081, Sl. No.- CPJU07000124. On dtd.12.12.2015 the said Board Certificate has been lost somewhere in between Gandhi Chowk to my residence. Inspite of my best efforts I could not traced out the same. D-3364

## AFFIDAVIT

I, Meheboob Khan, Son of Babu Khan, Vill- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN-755005, Odisha, declare by this affidavit No.- 429 dtd 24.02.2025, that now onwards I shall be known as Mahboob Khan for all future purposes. D-3349

I, Anita Pujari, Wife of Keshav Tripathy and D/o- Sri. Nikunja Bihari Pujari, Born on 19 Feb 1966, residing at Chandrasekharpur, have changed my name to Anita Tripathy vide affidavit dated 10 March 2025 at Sambalpur. D-3356

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Chandrakanti Nayak Daughter of Prasanta Nayak & Anita Nayak residing at Vill- Telunia, P.O.- Mugagahira, P.S.- Badamba, Cuttack, Odisha do hereby give Notice to the general Public that my name in the Aadhaar records has been mistakenly mentioned as Mamali Nayak which needs to be corrected to Chandrakanti Nayak. D-3354

I, Basanti Das, D/o- Late Bikartan Das, W/o- Bijay Kumar Jena, resident of HIG-6/5, OSHB Colony, Chandrasekharpur, P.O./ P.S.- Chandrasekharpur, Bhubaneswar, Dist.- Khorda, PIN-751016 Odisha declare by this affidavit No C.F.No. 05 Dtd 05.03.2025 that onwards I shall be known as Basanti Jena for all purposes. D-3367

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ମୁଁ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଅତାବିରାଙ୍କ ସମ୍ମୁଖରେ ସତ୍ୟପାଠ (ଏଫିଡେଭିଟ) କରି ଘୋଷଣା କରିଛି ଯେ, ମୁଁ ଆଜିଠାରୁ ଶଶି ଭୂଷଣ ତ୍ରିପାଠୀ ନାମରେ ପରିଚିତ ନ ହୋଇ ଶଶି ଭୂଷଣ ଧର, ପିତା- ସ୍ୱର୍ଗତଃ ହରିଶଙ୍କର ଧର ଭାବରେ ପରିଚିତ ହେବି । ଏବଂ ଶଶି ଭୂଷଣ ଧର ନାମରେ ସମସ୍ତ ସରକାରୀ ଓ ବେସରକାରୀ ବିଭାଗରେ ମଧ୍ୟ ପରିଚିତ ହେବି। ଠିକଣା- ଗ୍ରାମ/ପୋ- ଟାମ୍ପରସରା, ଥାନା- ଅତାବିରା, ଜିଲ୍ଲା- ବରଗଡ (ଓଡ଼ିଶା)। D-3357

By virtue of affidavit before Executive Magistrate, Bhubaneswar, dt 12.03.2025, I, Sabita Bhoi, W/o- Pratap Bhoi, At/ P.O.- Ukundara, P.S.- Biridi, Jagatsinghpur-754111, States that I have changed my name from Sabita Das to Sabita Bhoi. Henceforth, I shall ne known as Sabita Bhoi for all purposes. D-3359

I, Smita Nayak, W/o- Subrajit Nayak, Resident of At- Ananta, P.O.- Alasahi, P.S.- Astaranga, Dist.- Puri, PIN- 752109, Odisha, declare by this affidavit No. 101, dtd.- 19.03.2025 that now onwards I shall be known as SMITARANI NAYAK for all future purposes. D-76431

By virtue of an affidavit sworn before Sri Prasana Kumar Bisoyi, Notary, Aska, Ganjam, dated 18.03.2025, I, Mamata Bisoyi, Address: At- Karnoli, Post.- Khandadeuli, P.S.- Aska, Dist.- Ganjam, Odisha, PIN- 761111, declare that I have changed my son's name from Ayushman Bisoyi to Manas Kumar Bisoyi. Henceforth, he shall be known as Manas Kumar Bisoyi for all purposes.
Mamata Bisoyi
D-3360

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Khordha, dtd. 20.03.2025, I, Alok Mohapatra, resident of At- Qr. No.- A/E 145, V.S.S. Nagar, Saheed Nagar, Khordha, Odisha-751007 declare that I have changed my son's name from Mohapatra Ashutosh Alok to Ashutosh Mohapatra. Henceforth, he shall be known as Ashutosh Mohapatra for all purposes. D-73582

By virtue of an affidavit sworn before the Executive Magistrate, Nayagarh, dated 20.03.2025, I, Chhatia Patra, S/of- Panu Patra, permanent resident of At- Jagatipatnasahi, P.O./ P.S.- Itamati, Dist.- Nayagarh, PIN- 752068, Odisha declare that I have changed my daughter's name from Jagnysini Patra to Jajnyaseni Patra. Henceforth, she will be known as Jajnyaseni Patra for all future purposes. D-3362

By virtue of an affidavit sworn before in the Court of Executive Magistrate, Bargarh, dated 19th March 2025, I, Jibardhan Lohar, Address- Manabandh pada, Ward No.- 3, Bargarh, P.O./Dist.- Bargarh, PIN- 768028, Odisha declare that I have changed my name from Chowdhury Jeevanlal Singh to Jibardhan Lohar. Henceforth, I shall be known as Jibardhan Lohar for all purposes.
Jibardhan Lohar
D-3365

# ଆଇପିଏଲ୍-୧୮

**ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍‌ର ୧୮ଶ ସଂସ୍କରଣ। ଗତବର୍ଷର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ। ଏଥର ସମୀକରଣ ବଦଳିଥିବାରୁ ଦଳଗୁଡ଼ିକ କିପରି ପ୍ରଦର୍ଶନ କରୁଛନ୍ତି ତାକୁ ନେଇ ଉତ୍ସାହ ବଢ଼ିଛି...**



ନିର୍ମଳ କୁମାର ମିଶ୍ର

ଆଉ ଗୋଟିଏ ଦିନ ବ୍ୟବଧାନରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୮ଶ ସଂସ୍କରଣ। ବିଶ୍ୱ କ୍ରିକେଟ ଜଗତର ସର୍ବଶ୍ରେଷ୍ଠ ପ୍ରଫେଶନାଲ ଲିଗ୍। ଏହି ସମ୍ମାନଜନକ ଲିଗ୍‌ର ଆୟୋଜକ ରହିଛି ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ। ଏବେ ଅନେକ ଦେଶରେ ଟି୨୦ କ୍ରିକେଟ ଲିଗ୍ ଅନୁଷ୍ଠିତ ହେଉଛି। ମାତ୍ର ଫ୍ରାଞ୍ଚାଇଜ, ଗ୍ଲାମର, ଲୋକପ୍ରିୟତା, ନାମୀଦାମୀ ଖେଳାଳିଙ୍କ ସମାଗମ, ଦର୍ଶକ, ବିଜ୍ଞାପନ ଓ ପ୍ରଚୁର ଅର୍ଥଯୋଗୁ ଆଇପିଏଲ୍ ଆଗରେ ଅନ୍ୟ ଟି୨୦ ଲିଗ୍‌ଗୁଡ଼ିକ ଫିକା ପଡ଼ିଛି। ଗତ ନଭେମ୍ବର ୨୪ ଓ ୨୫ରେ ସୌଦୀ ଆରବର ଜେଦାହଠାରେ ଅନୁଷ୍ଠିତ ମେଗା ଅକ୍ସନ ପ୍ରକ୍ରିୟା ପରେ ସବୁ ଦଳର ସମୀକରଣ ବଦଳି ଯାଇଛି। ଫ୍ରାଞ୍ଚାଇଜମାନେ ରିଟେନସନ୍ ରିଲିଜ ଓ ଆରଟିଏମ୍ ପଦ୍ଧତି ମାଧ୍ୟମରେ ପସନ୍ଦର ଖେଳାଳିଙ୍କୁ ନିଜ ଦଳରେ ରଖିଛନ୍ତି। ଅକ୍ସନ ମାଧ୍ୟମରେ ୧୦ଟି ଫ୍ରାଞ୍ଚାଇଜ ୧୮୨ ଖେଳାଳିଙ୍କୁ କ୍ରୟ କରିଥିବା ବେଳେ ଏଥିରେ ୬୨ଜଣ ବିଦେଶୀ ଖେଳାଳି ରହିଛନ୍ତି। ୮ଜଣ ଖେଳାଳି ଆରଟିଏମ୍ ପଦ୍ଧତି ମାଧ୍ୟମରେ ଫ୍ରାଞ୍ଚାଇଜମାନେ ନିଜ ଦଳରେ ରଖିଥିବା ବେଳେ ମୋଟ ୬୪୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏଥର ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଏମ୍‌ଏସ୍ ଧୋନୀ, ଅକ୍ଷର ପଟେଲ, ରଶିଦ୍ ଖାଁ, ଶୁବମନ ଗିଲ୍, ରିଙ୍କୁ ସିଂ, ସୁନୀଲ ନାରିନ୍, ଆନ୍ଦ୍ରେ ରସେଲ, ନିକୋଲସ୍ ପୁରନ, ମୟଙ୍କ ଯାଦବ, ପ୍ରଭସିମରନ୍ ସିଂ, ଯଶପ୍ରୀତ ବୁମରା, ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ, ସିମରନ ହେଟମେର, ପ୍ୟାଟ କୁମିନ୍ସ, ହେନରିଚ୍ କ୍ଲାସେନ, ଟ୍ରାଭିସ୍ ହେଡ, ବିରାଟ୍ କୋହଲିଙ୍କ ପରି ନାମୀଦାମୀ ଖେଳାଳି।

ଏମ୍‌ଏସ୍ ଧୋନୀ, ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମରା, ସୂର୍ଯ୍ୟକୁମାର ଯାଦବଙ୍କ ଫ୍ୟାନ ଫଲୋୟର୍ସ ସର୍ବାଧିକ ରହିଥିବାରୁ ଏଥର ମଧ୍ୟ ଏକ ରୋମାଞ୍ଚକର ସଂସ୍କରଣ ଦେଖିବାକୁ ମିଳିବ। ୧୩ଟି ଭେନ୍ୟୁରେ ମୋଟ ୬୫ ଦିନରେ ୭୪ଟି ମ୍ୟାଚ ଖେଳାଯିବ। ଏଥର କୋଲକାତାରେ ଉଦ୍‌ଘାଟନୀ ଉତ୍ସବ ପରେ ଗତବର୍ଷର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। କୋଲକାତା ତୃତୀୟ ଥର ଚାମ୍ପିୟନ ହୋଇଥିବା ବେଳେ ବେଙ୍ଗାଲୁରୁ ଏବେ ମଧ୍ୟ ପ୍ରଥମ ଟାଇଟଲ୍ ଅପେକ୍ଷାରେ ରହିଛି। ଲିଗ୍ ଆରମ୍ଭ ହେବାକୁ ଯାଉଥିବାରୁ ସବୁ ଦଳ ନିଜ ନିଜ ହୋମ୍ ଗ୍ରାଉଣ୍ଡରେ ଅଭ୍ୟାସକୁ ଜୋରଦାର କରିଛନ୍ତି।

ଏଥର ବିଭିନ୍ନ ଦଳର ନେତୃତ୍ୱ ନେବାକୁ ଯାଉଥିବା ଖେଳାଳିମାନେ ହେଲେ ହାର୍ଦ୍ଦିକ ପାଣ୍ଡ୍ୟା (ମୁମ୍ବାଇ ଇଣ୍ଡିଆନ୍ସ), ଋତୁରାଜ ଗାଏକ୍ୱାଡ୍ (ଚେନ୍ନାଇ ସୁପର କିଙ୍ଗ୍ସ), ସଞ୍ଜୁ ସାମସନ (ରାଜସ୍ଥାନ ରୟାଲ୍ସ), ଶ୍ରେୟସ ଆୟର (ପଞ୍ଜାବ କିଙ୍ଗ୍ସ), ଅଜିଙ୍କ୍ୟ ରାହାନେ (କୋଲକାତା ନାଇଟ ରାଇଡର୍ସ), ରିଷଭ ପନ୍ଥ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ),ରଜତ ପଟିଦାର (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ଅକ୍ଷର ପଟେଲ (ଦିଲ୍ଲୀ କ୍ୟାପିଟାଲ୍ସ), ଶୁବମନ ଗିଲ୍ (ଗୁଜରାଟ ଟାଇଟନ୍ସ) ପ୍ୟାଟ୍ କୁମିନ୍ସ (ସନ୍ ରାଇଜର୍ସ ହାଇଦ୍ରାବାଦ)। ଭାରତୀୟ ଖେଳାଳିମାନେ ୯ ଫ୍ରାଞ୍ଚାଇଜ୍ ଦଳର ନେତୃତ୍ୱ ନେଉଥିବାବେଳେ ଏକମାତ୍ର ବିଦେଶୀ ଖେଳାଳିଭାବେ ପ୍ୟାଟ୍ କୁମିନ୍ସ ସନ୍‌ରାଇଜର୍ସ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। କୋଲକାତା, ବେଙ୍ଗାଲୁରୁ, ଦିଲ୍ଲୀ, ଲକ୍ଷ୍ନୌ ଓ ପଞ୍ଜାବ ଏଥର ନୂଆ ଅଧିନାୟକ ପାଇଛି।

ଗତ ମେଗା ଅକ୍ସନରେ ଭାରତୀୟ ଖେଳାଳିଙ୍କ ଦବଦବା ରହିଥିଲା । ୨୦୨୪ ମିନି ଅକ୍ସନରେ ପେସ୍ ବୋଲରଙ୍କ ଚାହିଦା ରହିଥିଲା। ମାତ୍ର ଏଥର ଭାରତୀୟ ବ୍ୟାଟର୍ସମାନେ ଅଧିକ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଲକ୍ଷ୍ନୌ ରିଷଭ ପନ୍ଥଙ୍କୁ ୨୭ କୋଟିରେ କିଣି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ସେହିପରି ଫର୍ମରେ ଥିବା ଶ୍ରେୟସ ଆୟରଙ୍କୁ ପଞ୍ଜାବ ୨୬.୭୫ କୋଟିରେ ଏବଂ ଭେଙ୍କଟେସ ଆୟରଙ୍କୁ କୋଲକାତା ପ୍ରାୟ ୨୪କୋଟିରେ କିଣିଛି। ଅର୍ଶଦୀପ ସିଂଙ୍କୁ ପଞ୍ଜାବ ୧୮କୋଟି ଓ ଚହଲଙ୍କୁ ୧୮କୋଟିରେ କିଣିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ମାର୍କ ଷ୍ଟୋଇନିସଙ୍କୁ ମଧ୍ୟ ଏହି ଫ୍ରାଞ୍ଚାଇଜ୍ ୧୧କୋଟିରେ ନିଜ ଦଳରେ ସାମିଲ କରିଛି। ଏହି ଦଳ ମାତ୍ର ୨ଜଣ ଘରୋଇ ରଣଜୀ ଖେଳାଳିଙ୍କୁ ରିଟେନ କରି ଅନ୍ୟ ସମସ୍ତଙ୍କୁ ରିଲିଜ କରିଥିଲା। ତେଣୁ ଫ୍ରାଞ୍ଚାଇଜ ପାଖରେ ପାଖାପାଖି ୧୧୦କୋଟିର ପର୍ସମନି ରହିଥିଲା। ବର୍ତ୍ତମାନ ପ୍ରଦର୍ଶନ ଉପରେ ନଜର ରଖିବ ଫ୍ରାଞ୍ଚାଇଜ। ଗତ ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ମୋଟ ୧୪ ମ୍ୟାଚରୁ ମାତ୍ର ୪ଟିରେ ଜିତିଥିବାବେଳେ ୧୦ଟିରେ ପରାଜିତ ହୋଇ ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଥିଲା।

ଏଥର ଟ୍ରେଣ୍ଟ ବୋଲ୍ଟ, ମିଚେଲ ସାଣ୍ଟନର, ୱିଲି ଜାକ୍ସଙ୍କୁ ନେଇ ଦଳ କିପରି ପ୍ରଦର୍ଶନ କରୁଛି ତା' ଉପରେ ନଜର ରହିବ। ୨୦୧୩, ୨୦୧୫, ୨୦୧୭, ୨୦୧୯ ଓ ୨୦୨୦ରେ ୫ ଥର ଚାମ୍ପିୟନ ମୁମ୍ବାଇ ଦଳର ତାରକା ବୋଲର ଯଶପ୍ରୀତ ବୁମରା ଆଘାତ ପ୍ରାପ୍ତ ହୋଇଥିବାରୁ କେତେଗୁଡ଼ିଏ ମ୍ୟାଚ ଖେଳି ପାରିବେ ନାହିଁ। ଗତ ସିଜନରେ ମୁମ୍ବାଇର ଶେଷ ମ୍ୟାଚରେ ସ୍ଲୋ ଓଭରରେଟ୍ ପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାର୍ଚ୍ଚ ୨୩ରେ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଦାୟିତ୍ୱ ତୁଲାଇବେ।

ନିୟମ ଅନୁସାରେ ଗୋଟିଏ ଫ୍ରାଞ୍ଚାଇଜ ଟିମ୍‌ରେ ସର୍ବାଧିକ ୨୫ଜଣ ଖେଳାଳି ରହିଥାନ୍ତି। ଏହା ମଧ୍ୟରେ ୮ ବିଦେଶୀ ଖେଳାଳି ରହିପାରିବେ। ତେବେ ପ୍ରତ୍ୟେକ ମ୍ୟାଚରେ ସର୍ବାଧିକ ୪ ବିଦେଶୀ ଖେଳିବାର ବ୍ୟବସ୍ଥା ରହିଛି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ କେବଳ କୋଲକାତା, ବେଙ୍ଗାଲୁରୁ, ପଞ୍ଜାବ ଏବଂ ମୁମ୍ବାଇ ଦଳରେ ୮ଜଣ ଲେଖାଏ ବିଦେଶୀ ଖେଳାଳି ରହିଛନ୍ତି। ଲକ୍ଷ୍ନୌ ଓ ରାଜସ୍ଥାନ ୬ଜଣ ଲେଖାଏ ବିଦେଶୀ ଖେଳାଳି ଚୟନ କରିଛି। ହାଇଦ୍ରାବାଦ, ରାଜସ୍ଥାନ ଦଳ ୨୫ ବଦଳରେ ୨୦ଜଣ ଖେଳାଳିଙ୍କୁ ନେଇଛି। ଭାରତୀୟ ଦଳର ପୂର୍ବତନ କୋଚ ରାହୁଲ ଦ୍ରାବିଡ ଏଥର ରାଜସ୍ଥାନ ରୟାଲ୍ସ ଦଳ ଦାୟିତ୍ୱରେ ଅଛନ୍ତି। ଦଳରେ ସଞ୍ଜୁ ସାମସନ, ଶିଭମ ଦୁବେ, ସିମରନ ହେଟମେର, ଯଶସ୍ୱୀ ଜୟସ୍ୱାଲ, ରିୟାନ ପରାଗ, ଧ୍ରୁବ ଜୁରେଲ, ନୀତୀଶ ରାଣାଙ୍କୁ ନେଇ ଦଳ ବେଶ୍ ଶକ୍ତିଶାଳୀ। ଏହା ବ୍ୟତୀତ ୱାନିନ୍ଦୁ ହସରଙ୍ଗା, ଫଜଲ ଫାରୁକିଙ୍କ ପରି ଭଲ ସ୍ପିନର ମଧ୍ୟ ଅଛନ୍ତି। ଅଭିଜ୍ଞ ଜଷ୍ଟିନ ଲାଙ୍ଗର ଲକ୍ଷ୍ନୌର କୋଚ ରହିଥିବା ବେଳେ ଡାନିଏଲ ଭିଟୋରୀ ବେଙ୍ଗାଲୁରୁ, ଷ୍ଟିଫେନ ଫ୍ଲେମିଂ ଚେନ୍ନାଇ ଏବଂ ମାହେଲା ଜୟବର୍ଦ୍ଧନେ ମୁମ୍ବାଇ ଦଳର ପ୍ରଶିକ୍ଷକ ରହିଛନ୍ତି।। ଲକ୍ଷ୍ନୌ ଦଳର ୩ ପେସ୍ ବୋଲର ଆଘାତ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ସେମାନେ ହେଲେ ମୟଙ୍କ ଯାଦବ, ଅଭେଶ ଖାନ୍ ଓ ମୋହସିନ୍ ଖାନ୍। ଏହାଦ୍ୱାରା ଦଳର ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିଛି। ଏଥର ସମୀକରଣ ବଦଳି ଥିବାରୁ ନୂଆ କୋଚ୍‌ମାନଙ୍କୁ ନେଇ ଦଳଗୁଡ଼ିକ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ଉତ୍ସାହ ବଢ଼ିଛି।



ଶ୍ରେୟସ ଆୟର



ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା



ବିରାଟ କୋହଲି

## ଛନ୍‌କମ୍

ଆଇପିଏଲ୍‌ର  ଅଠର ତମ ସଂସ୍କରଣ
ଆଜି ଗଲେ ହବ କାଲି
ଆଟାକିଂ ବ୍ୟାଟିଂ ସନ୍ତୁଳିତ ବୋଲିଂ
ମାଧ୍ୟମ ହୋଇବ ଡଲି
ଏଠି ପଡିଲାଣି ପାଲି
ଇମ୍ପାକ୍ଟ ପ୍ଲେୟର ରୁଲ ପାଇଁ ନୁହେଁ
ଅଲ ରାଉଣ୍ଡର ନାଲି।

କୋଲକାତା ନାଇଟ୍ ରାଇଡର୍ସ ପାଖେ
ରହିଛି ହର୍ଷିତ ରାଣା।
ଏକଶ ଚାଳିଶ କେଏମପିଏଚରେ
ବୋଲିଂ କରିବା ଜଣା।
ବରୁଣ କାଢ଼ିଛି ଫଣା।
ଅତିରିକ୍ତ ବାଉନ୍ସ ପ୍ରାପ୍ତ କରିବାରେ
ଦକ୍ଷତା ରଖିଛି ରଣା।

ଆଇପିଏଲ୍‌ରେ ନୂତନ ନିୟମ
କରିଛି ବିସିସିଆଇ
ପ୍ରାକ୍ଟିସ ଦିନରେ ଡ୍ରେସିଂ ରୁମ୍‌ରେ
ଫ୍ୟାମିଲ ରହିବ ନାହିଁ
କ୍ରିକେଟ ବାଇଆ ହୋଇ
ବେଳ କାଳ ନାହିଁ ଘଡିଏ କାହାକୁ
ଇନକମ୍ ଜିରୋ ଥାଇ।

–ସୁବାସ ଚନ୍ଦ୍ର ପ୍ରଧାନ

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | କୋଲକାତା ନାଇଟ ରାଇଡର୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | କୋଲକାତା | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୩ | ସନ୍‌ରାଇଜର୍ସ ହାଇଦ୍ରାବାଦ-ରାଜସ୍ଥାନ ରୟାଲ୍ସ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ଚେନ୍ନାଇ ସୁପର କିଙ୍ଗ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୪ | ଦିଲ୍ଲୀ କ୍ୟାପିଟାଲ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ବିଶାଖାପାଟଣା | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୫ | ଗୁଜରାଟ ଟାଇଟନ୍ସ-ପଞ୍ଜାବ କିଙ୍ଗ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୬ | ରାଜସ୍ଥାନ ରୟାଲ୍ସ-କୋଲକାତା ନାଇଟ ରାଇଡର୍ସ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୭ | ସନ୍‌ରାଇଜର୍ସ ହାଇଦ୍ରାବାଦ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୮ | ଚେନ୍ନାଇ ସୁପରକିଙ୍ଗ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୯ | ଗୁଜରାଟ ଟାଇଟନ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୦ | ଦିଲ୍ଲୀ କ୍ୟାପିଟାଲ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ବିଶାଖାପାଟଣା | ଅପରାହ୍ନ ୩. ୩୦ |
| | ରାଜସ୍ଥାନ ରୟାଲ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୧ | ମୁମ୍ବାଇ ଇଣ୍ଡିଆନ୍ସ-କୋଲକାତା ନାଇଟ ରାଇଡର୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଗୁଜରାଟ ଟାଇଟନ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୩ | କୋଲକାତା ନାଇଟ ରାଇଡର୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୪ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୫ | ଚେନ୍ନାଇ ସୁପରକିଙ୍ଗ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ପଞ୍ଜାବ କିଙ୍ଗ୍ସ-ରାଜସ୍ଥାନ ରୟାଲ୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୬ | କୋଲକାତା ନାଇଟ ରାଇଡର୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | କୋଲକାତା | ଅପରାହ୍ନ ୩.୩୦ |
| | ସନ୍‌ରାଇଜର୍ସ ହାଇଦ୍ରାବାଦ-ଗୁଜରାଟ ଟାଇଟନ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୭ | ମୁମ୍ବାଇ ଇଣ୍ଡିଆନ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୮ | ପଞ୍ଜାବ କିଙ୍ଗ୍ସ-ଚେନ୍ନାଇ ସୁପର କିଙ୍ଗ୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୯ | ଗୁଜରାଟ ଟାଇଟନ୍ସ-ରାଜସ୍ଥାନ ରୟାଲ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୦ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଦିଲ୍ଲୀ କ୍ୟାପିଟାଲ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୧ | ଚେନ୍ନାଇ ସୁପରକିଙ୍ଗ୍ସ-କୋଲକାତା ନାଇଟ ରାଇଡର୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୨ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଗୁଜରାଟ ଟାଇଟନ୍ସ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ସନ୍‌ରାଇଜର୍ସ ହାଇଦ୍ରାବାଦ-ପଞ୍ଜାବ କିଙ୍ଗ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୩ | ରାଜସ୍ଥାନ ରୟାଲ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଜୟପୁର | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୪ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୫ | ପଞ୍ଜାବ କିଙ୍ଗ୍ସ-କୋଲକାତା ନାଇଟ ରାଇଡର୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୬ | ଦିଲ୍ଲୀ କ୍ୟାପିଟାଲ୍ସ-ରାଜସ୍ଥାନ ରୟାଲ୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୭ | ମୁମ୍ବାଇ ଇଣ୍ଡିଆନ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୮ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ପଞ୍ଜାବ କିଙ୍ଗ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୯ | ଗୁଜରାଟ ଟାଇଟନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଅହମ୍ମଦାବାଦ | ଅପରାହ୍ନ ୩.୩୦ |
| | ରାଜସ୍ଥାନ ରୟାଲ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ କିଙ୍ଗ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଚଣ୍ଡୀଗଡ଼ | ଅପରାହ୍ନ ୩.୩୦ |
| | ମୁମ୍ବାଇ ଇଣ୍ଡିଆନ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୧ | କୋଲକାତା ନାଇଟ ରାଇଡର୍ସ-ଗୁଜରାଟ ଟାଇଟନ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୩ | ସନ୍‌ରାଇଜର୍ସ ହାଇଦ୍ରାବାଦ-ମୁମ୍ବାଇ ଇଣ୍ଡିଆନ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୪ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ରାଜସ୍ଥାନ ରୟାଲ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୫ | ଚେନ୍ନାଇ ସୁପର କିଙ୍ଗ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୬ | କୋଲକାତା ନାଇଟ ରାଇଡର୍ସ-ପଞ୍ଜାବ କିଙ୍ଗ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୭ | ମୁମ୍ବାଇ ଇଣ୍ଡିଆନ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ମୁମ୍ବାଇ | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୮ | ରାଜସ୍ଥାନ ରୟାଲ୍ସ-ଗୁଜରାଟ ଟାଇଟନ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୯ | ଦିଲ୍ଲୀ କ୍ୟାପିଟାଲ୍ସ-କୋଲକାତା ନାଇଟ ରାଇଡର୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ ସୁପରକିଙ୍ଗ୍ସ-ପଞ୍ଜାବ କିଙ୍ଗ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମେ ୧ | ରାଜସ୍ଥାନ ରୟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ମେ ୨ | ଗୁଜରାଟ ଟାଇଟନ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମେ ୩ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଚେନ୍ନାଇ ସୁପରକିଙ୍ଗ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୪ | କୋଲକାତା ନାଇଟ ରାଇଡର୍ସ-ରାଜସ୍ଥାନ ରୟାଲ୍ସ | କୋଲକାତା | ଅପରାହ୍ନ ୩.୩୦ |
| | ପଞ୍ଜାବ କିଙ୍ଗ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଧର୍ମଶାଳା | ସନ୍ଧ୍ୟା ୭.୩୦ |
| ମେ ୫ | ସନ୍‌ରାଇଜର୍ସ ହାଇଦ୍ରାବାଦ-ଦିଲ୍ଲୀ କ୍ୟାପିଟାଲ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୬ | ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଟାଇଟନ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ମେ ୭ | କୋଲକାତା ନାଇଟ ରାଇଡର୍ସ-ଚେନ୍ନାଇ ସୁପରକିଙ୍ଗ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ମେ ୮ | ପଞ୍ଜାବ କିଙ୍ଗ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଧର୍ମଶାଳା | ସନ୍ଧ୍ୟା ୭.୩୦ |
| ମେ ୯ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ମେ ୧୦ | ସନ୍‌ରାଇଜର୍ସ ହାଇଦ୍ରାବାଦ-କୋଲକାତା ନାଇଟ ରାଇଡର୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୧୧ | ପଞ୍ଜାବ କିଙ୍ଗ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଧର୍ମଶାଳା | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ଗୁଜରାଟ ଟାଇଟନ୍ସ | ଦିଲ୍ଲୀ ସନ୍ଧ୍ୟା ୭.୩୦ | |
| ମେ ୧୨ | ଚେନ୍ନାଇ ସୁପର କିଙ୍ଗ୍ସ-ରାଜସ୍ଥାନ ରୟାଲ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମେ ୧୩ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ସନ୍‌ରାଇଜର୍ସ ହାଇଦ୍ରାବାଦ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୧୪ | ଗୁଜରାଟ ଟାଇଟନ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମେ ୧୫ | ମୁମ୍ବାଇ ଇଣ୍ଡିଆନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ମେ ୧୬ | ରାଜସ୍ଥାନ ରୟାଲ୍ସ-ପଞ୍ଜାବ କିଙ୍ଗ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ମେ ୧୭ | ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ-କୋଲକାତା ନାଇଟ ରାଇଡର୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୧୮ | ଗୁଜରାଟ ଟାଇଟନ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଅହମ୍ମଦାବାଦ | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ମେ ୨୦ | କ୍ୱାଲିଫାୟର-୧ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୨୧ | ଏଲିମିନେଟର | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୨୩ | କ୍ୱାଲିଫାୟର-୨ | କୋଲକାତା | ସନ୍ଧ୍ୟା ୭.୩୦ |
| ମେ ୨୫ | ଫାଇନାଲ | କୋଲକାତା | ସନ୍ଧ୍ୟା ୭.୩୦ |


**(ବି.ଦ୍ରଃ ରାମ ନବମୀରେ ସୁରକ୍ଷା ପ୍ରସଙ୍ଗକୁ ଭିତ୍ତିକରି ଏପ୍ରିଲ-୬ରେ ଇଡେନ ଗାର୍ଡେନ୍ସରେ ହେବାକୁଥିବା କୋଲ୍‌କାତା ନାଇଟ୍  ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚର ତାରିଖ ପରିବର୍ତ୍ତନ ହେବା ସମ୍ଭାବନା ରହିଛି)।**

## ରେକର୍ଡ୍ସ



* ସର୍ବାଧିକ ଦଳଗତ ସ୍କୋରଃ ୨୮୭/୩, ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି), ଭେନ୍ୟୁ-ବେଙ୍ଗାଲୁରୁ, ୧୫ ଏପ୍ରିଲ ୨୦୨୪।
* ସର୍ବନିମ୍ନ ଦଳଗତ ସ୍କୋରଃ ୪୯, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ କୋଲକାତା ନାଇଟ ରାଇଡର୍ସ (କେକେଆର୍), କୋଲକାତା, ୨୩ ଏପ୍ରିଲ ୨୦୧୭।
* ସର୍ବାଧିକ ମ୍ୟାଚ ଏଗ୍ରିଗେଟ୍ସଃ ୫୪୯, ଏସ୍‌ଆର୍‌ଏଚ୍-ଆର୍‌ସିବି, ବେଙ୍ଗାଲୁରୁ, ୧୫ ଏପ୍ରିଲ ୨୦୨୪।
* ସର୍ବନିମ୍ନ ମ୍ୟାଚ ଏଗ୍ରିଗେଟ୍ସଃ ୧୩୫, କିଙ୍ଗ୍ସ ଇଲେଭେନ ପଞ୍ଜାବ-ଦିଲ୍ଲୀ ଡେୟାରଡେଭିଲ୍ସ, ମୋହାଲି, ୩୦ ଏପ୍ରିଲ ୨୦୧୭।
* ବୃହତ୍ ବିଜୟ (ରନ ଦୃଷ୍ଟିରୁ): ୧୪୬ ରନ, ମୁମ୍ବାଇ ଇଣ୍ଡିଆନ୍ସ ବନାମ ଡେୟାରଡେଭିଲ୍ସ, ଦିଲ୍ଲୀ, ୬ ମେ' ୨୦୧୭।
* ସର୍ବାଧିକ ଅତିରିକ୍ତ ରନଃ ୨୮, କେକେଆର୍ ବନାମ ଡେକାନ ଚାର୍ଜର୍ସ, ଇଡେନ ଗାର୍ଡେନ୍ସ, ୨୦ ଏପ୍ରିଲ ୨୦୦୮।
* ସର୍ବାଧିକ ବ୍ୟକ୍ତିଗତ ମୋଟ ରନଃ ୮୦୦୪, ବିରାଟ କୋହଲି-ଆର୍‌ସିବି, ୨୦୦୮ରୁ ୨୦୨୪।
* ସର୍ବାଧିକ ବ୍ୟକ୍ତିଗତ ସ୍କୋରଃ ୧୭୫*, କ୍ରିସ୍ ଗେଲ୍-ଆର୍‌ସିବି ବନାମ ପୁଣେ ୱାରିୟର୍ସ, ବେଙ୍ଗାଲୁରୁ, ୨୩ ଏପ୍ରିଲ ୨୦୧୩।
* ସର୍ବାଧିକ ଅର୍ଦ୍ଧଶତକଃ ୬୬, ଡେଭିଡ ୱାର୍ନର (ଦିଲ୍ଲୀ କ୍ୟାପିଟାଲ୍ସ-ଏଚ୍‌ଆର୍‌ଏଚ୍), ୨୦୦୯-୨୦୨୪।
* ସର୍ବାଧିକ ଛକାଃ ୩୫୭, କ୍ରିସ୍ ଗେଲ୍ (କେକେଆର୍, ପଞ୍ଜାବ, ଆର୍‌ସିବି), ୨୦୦୯-୨୦୨୧।
* ଗୋଟିଏ ଇନିଂସରେ ସର୍ବାଧିକ ଛକାଃ ୧୭- କ୍ରିସ୍ ଗେଲ୍, ଆର୍‌ସିବି ବନାମ ପୁଣେ ୱାରିୟର୍ସ, ବେଙ୍ଗାଲୁରୁ, ୨୩ ଏପ୍ରିଲ ୨୦୧୩।
* ସର୍ବାଧିକ ଉଇକେଟଃ ୨୦୫- ୟୁଜବେନ୍ଦ୍ର ଚହଲ (ମୁମ୍ବାଇ, ଆର୍‌ସିବି, ରାଜସ୍ଥାନ), ୨୦୧୩-୨୦୨୪।
* ସର୍ବାଧିକ ଡିସ୍‌ମିଶାଲଃ ୧୯୦- ମହେନ୍ଦ୍ର ସିଂ ଧୋନୀ (ଚେନ୍ନାଇ, ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ), ୨୦୦୮-୨୦୨୪।
* ଗୋଟିଏ ଇନିଂସରେ ସର୍ବାଧିକ ଡିସ୍‌ମିଶାଲଃ ୫-କୁମାର ସଙ୍ଗକାରା, ଡେକାନ ଚାର୍ଜର୍ସ ବନାମ ଆର୍‌ସିବି, ହାଇଦ୍ରାବାଦ, ୧୪ ଏପ୍ରିଲ ୨୦୧୧।
* ସର୍ବାଧିକ କ୍ୟାଚଃ ୧୧୪, ବିରାଟ କୋହଲି-ଆର୍‌ସିବି, ୨୦୦୮-୨୦୨୪।
* ଅଧିନାୟକ ଭାବେ ସର୍ବାଧିକ ମ୍ୟାଚଃ ୨୨୬-ମହେନ୍ଦ୍ର ସିଂ ଧୋନୀ (ଚେନ୍ନାଇ, ଆରପିଏସ), ୨୦୦୮-୨୦୨୩।

# ଆଇପିଏଲ୍‌ରେ ସାଲିଭା ବ୍ୟାନ ହଟିଲା



ଆଇପିଏଲ୍ କ୍ୟାପ୍ଟେନ୍ସ ମିଟ୍ ଅବସରରେ ଟ୍ରଫି ସହ ସମସ୍ତ ଦଳର ଅଧିନାୟକ।

**ନୂଆଦିଲ୍ଲୀ,୨୦।୩(ପି.ଟି.)**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ଖେଳାଳିମାନେ ବଲରେ ଛେପ ପ୍ରୟୋଗ କରିପାରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ବଲରେ ଛେପ ବ୍ୟବହାର କରିବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଇ ଦେଇଛି। ମୁମ୍ବାଇରେ ଆଜି ଅନୁଷ୍ଠିତ କ୍ୟାପ୍ଟେନ୍ସ ମିଟରେ ପ୍ରାୟତଃ ଦଳର ଅଧିନାୟକ ଏକମତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ବଲରେ ଛେପ ପ୍ରୟୋଗ କରିବାର ଅଭ୍ୟାସ ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୋଭିଡ୍‌-୧୯ ମହାମାରୀ ବେଳେ ସତର୍କତାମୂଳକ ପଦକ୍ଷେପ ଭାବେ ପ୍ରତିବନ୍ଧକ ଲଗାଇଥିଲା। ୨୦୨୨ରେ ଆଇସିସି ଏହି ପ୍ରତିବନ୍ଧକକୁ ଚିରସ୍ଥାୟୀ କରିଥିଲା। ପରେ ଆଇସିସିର ଏହି ପ୍ରତିବନ୍ଧକକୁ ଆଇପିଏଲ୍‌ର ପ୍ଲେଇଂ କଣ୍ଡିସନରେ ସାମିଲ କରାଯାଇଥିଲା।

ସାଲିଭା ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। ପ୍ରାୟତଃ ଦଳର ଅଧିନାୟକ ଏହି ପ୍ରସ୍ତାବ ସପକ୍ଷରେ ରହିଥିଲେ। କିଛି ଏହାକୁ ବିରୋଧ ମଧ୍ୟ କରିଥିଲେ। ହେଲେ ସପକ୍ଷରେ ଥିବା ଅଧିନାୟକଙ୍କ ସଂଖ୍ୟା ଅଧିକ ଥିଲା ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

### ଡିଆର୍‌ଏସ୍ ପରିଧିରେ ହାଇଟ, ଅଫ ସାଇଡ୍ ୱାଇଡ୍

ଆଇପିଏଲ୍‌ରେ ହାଇଟ୍ ୱାଇଡ୍ସ ଓ ଅଫ ଷ୍ଟମ୍ପ ବାହାରେ ୱାଇଡ୍ସ କ୍ଷେତ୍ରରେ ଡିଆର୍‌ଏସ୍ ବ୍ୟବହାରକୁ ବିସିସିଆଇ ମଞ୍ଜୁରୀ ଦେଇଛି। ହାଇଟ ୱାଇଡ୍ ଓ ଅଫ ଷ୍ଟମ୍ପ ବାହାର ୱାଇଡ ବଲ ନିର୍ଣ୍ଣୟ କରିବା ପାଇଁ ହକ ଆଇ ଓ ବଲ ଟ୍ରାକିଂ ବ୍ୟବହାର କରାଯିବ। ଯଦି ଅନ-ଫିଲ୍ଡ ଅମ୍ପାୟର କୌଣସି ବଲ୍‌କୁ ହାଇଟ ଲାଗି ୱାଇଡ ବୋଲି ଦର୍ଶାନ୍ତି, ତେବେ ବୋଲିଂ ଦଳକୁ ରିଭ୍ୟୁ କରିବାକୁ ଅନୁମତି ଦିଆଯିବ ବୋଲି ଅଧିକାରୀ କହିଛନ୍ତି।

## ପ୍ରଥମ ୩ଟି ମ୍ୟାଚରେ ନେତୃତ୍ୱ ନେବେ ପରାଗ

**ନୂଆଦିଲ୍ଲୀ, ୨୦।୩ (ପି.ଟି.):** ନିୟମିତ ଅଧିନାୟକ ସଞ୍ଜୁ ସାମ୍‌ସନ ଇଞ୍ଜୁରି ହୋଇଥିବାରୁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)ର ପ୍ରଥମ ୩ଟି ମ୍ୟାଚରେ ଦଳର ନେତୃତ୍ୱ ନେବେ ଉଦୀୟମାନ ଷ୍ଟାର ଖେଳାଳି ର୍‍ୟାନ୍ ପରାଗ। ସାମ୍‌ସନଙ୍କ ଏକ ଆଙ୍ଗୁଠିରେ ଅସ୍ତ୍ରୋପଚାର ହୋଇଛି। ତେଣୁ ବିସିସିଆଇ ତାଙ୍କୁ ଉଇକେଟକିପିଙ୍ଗରୁ ସାମୟିକ ବାରଣ କରିଛି। ସେ କେବଳ ଜଣେ ବ୍ୟାଟର ଭାବେ ଉଲପଲବ୍ଧ ହେବେ। ମୁମ୍ବାଇରେ ଇଂଲଣ୍ଡବିପକ୍ଷ ଅନ୍ତର୍ଜାତୀୟ ଟି୨୦ ଖେଳୁଥିବା ବେଳେ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ସାମ୍‌ସନଙ୍କ ଆଙ୍ଗୁଠିର ହାଡ଼ ଭାଙ୍ଗି ଯାଇଥିଲା।

# ଚହଲ-ଧନଶ୍ରୀଙ୍କ ବିବାହ ବିଚ୍ଛେଦ

**ନୂଆଦିଲ୍ଲୀ,୨୦।୩(ପି.ଟି.)**



ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଗୁରୁବାର ବିବାହ ବିଚ୍ଛେଦ ଘଟିଛି। ଏ ନେଇ ଚହଲଙ୍କ ଓକିଲ ନୀତିନ କୁମାର ଗୁପ୍ତା ଗୁରୁବାର ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

ଫ୍ୟାମିଲି କୋର୍ଟ ବିବାହ ବିଚ୍ଛେଦ ଆଦେଶକୁ ମଞ୍ଜୁରୀ ଦେଇଛନ୍ତି। କୋର୍ଟ ଉଭୟ ପକ୍ଷଙ୍କ ଯୁଗ୍ମ ଆବେଦନକୁ ଗ୍ରହଣ କରି ନେଇଛନ୍ତି। ଉଭୟ ପକ୍ଷ ଏବେଠାରୁ ଆଉ ସ୍ୱାମୀ ଓ ସ୍ତ୍ରୀ ନୁହେଁ ବୋଲି ଗୁପ୍ତା କହିଛନ୍ତି। ଫଟୋଗ୍ରାଫରଙ୍କଠାରୁ ବର୍ତ୍ତିବା ଲାଗି ଉଭୟ ଚହଲ ଓ ଧନଶ୍ରୀ ମାସ୍କ ପିନ୍ଧି ଅଲଗା ଅଲଗା ଗୁରୁବାର କୋର୍ଟକୁ ଆସିଥିଲେ। ଏହି ଦମ୍ପତି ୨୦୨୦ ଡିସେମ୍ବରରେ ବିବାହ କରିଥିଲେ। ଆବେଦନ ମୁତାବକ, ସେମାନେ ୨୦୨୨ ଜୁନଠାରୁ ଅଲଗା ରହୁଛନ୍ତି। ଚଳିତବର୍ଷ ଫେବୃଆରୀ ୫ ତାରିଖରେ ସେମାନେ ବାନ୍ଦ୍ରା ଫ୍ୟାମିଲି କୋର୍ଟରେ ପାରସ୍ପରିକ ସହମତିରେ ଛାଡ଼ପତ୍ର ଲାଗି ଆବେଦନ କରିଥିଲେ।

# ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା, ତାରିଣୀ ଫୁଟବଲ ଏକାଡେମୀ ବିଜୟୀ



**ଓଡ଼ିଶା ଓମେନ୍ସ ଲିଗ୍:** ଓଡ଼ିଶା ପୋଲିସ ଓ କିଟ/କିସ ମ୍ୟାଚ୍ ପୂର୍ବରୁ ରେଫରୀଙ୍କ ସହ ଦୁଇ ଦଳର ଅଧିନାୟିକା।

**ଭୁବନେଶ୍ୱର, ୨୦।୩ (ଅନାଦି କର)**

ଓଡ଼ିଶା ଫୁଟବଲ ଆସୋସିଏଶନ (ଫାଓ) ପକ୍ଷରୁ ୟୁନିଟ-୬ସ୍ଥିତ ଫୁଟବଲ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗରେ ଗୁରୁବାର ଖେଳାଯାଇଥିବା ୩ ମ୍ୟାଚରେ ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ଓ ତାରିଣୀ ଫୁଟବଲ ଏକାଡେମୀ ବିଜୟୀ ହୋଇଛନ୍ତି।

ଦିନର ପ୍ରଥମ ମ୍ୟାଚରେ ଓଡ଼ିଶା ପୋଲିସ ୬-୦ ଗୋଲରେ କିଟ/କିସକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁମିତ୍ରା ହେମ୍ବରମ (୬୫ତମ ମିନିଟ), ବନ୍ୟା କବିରାଜ (୭୦ତମ), ଦୀପା ନାୟକ (୭୩ତମ) ଓ ସସ୍ମିତା ବେହେରା (୮୫ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨-୦ ଗୋଲରେ ୟଙ୍ଗ ଆସୋସିଏଶନ କୁଆଁରମୁଣ୍ଡାକୁ ହରାଇଥିଲା। ବିଜୟୀ ଦଳ ପାଇଁ ସମିତ୍ରା ସିଂ (୫୬ତମ) ଓ ସୁଭସ୍ମିତା ଦାସ (୫୯ତମ) ଗୋଲ କରିଥିଲେ। ତୃତୀୟ ମ୍ୟାଚରେ ତାରିଣୀ ଫୁଟବଲ ଏକାଡେମୀ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ଲାଗି ସୁଭଦ୍ରା ନାୟକ (୪୬ତମ) ଓ କୁନ୍ତି ଭୂମିଆ (୮୮ତମ) ଗୋଲ କରିଥିଲେ।

# ପ୍ରାର୍ଥୀପତ୍ର ଦାଖଲ କରିପାରିବେ ଅନୁରାଗ

**ଶିମ୍ଲା, ୨୦।୩ (ପି.ଟି.)**



ଅନୁରାଗ ଠାକୁର

ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ରହିତାଦେଶ ପରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ) ସଭାପତି ପାଇଁ ନିର୍ବାଚନ ଲଢ଼ିବା ଲାଗି ପଥ ପରିଷ୍କାର ହୋଇଛି। କୋର୍ଟ ଆହୁରି ମଧ୍ୟ ପ୍ରାର୍ଥୀପତ୍ର ଦାଖଲ ସମୟସୀମା ବୃଦ୍ଧି କରିବା ଲାଗି ବିଏଫ୍‌ଆଇକୁ ନିର୍ଦ୍ଦେଶ

**ବକ୍ସିଂ ମହାସଂଘ ନିର୍ବାଚନ**


ଦେଇଛନ୍ତି, ଯାହାଫଳରେ ଅନୁରାଗ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ଅନୁରାଗ ହେଉଛନ୍ତି ହାମିରପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଜଣେ ଏମ୍‌ପି। ଗତ ମାର୍ଚ୍ଚ ୭ରେ ବିଏଫ୍‌ଆଇ ସଭାପତି ଅଜୟ ସିଂ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କେବଳ ନିର୍ବାଚିତ ସଦସ୍ୟମାନେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବେ ବୋଲି ସେ ଏଥିରେ ଉଲ୍ଲେଖ କରିଥିଲେ; ଯାହାଫଳରେ ଅନୁରାଗ ନିର୍ବାଚନରେ ଭାଗ ନେବା ଲାଗି ଅଯୋଗ୍ୟ ବିବେଚିତ ହୋଇଥିଲେ। ଅନୁରାଗ ହିମାଚଳ ପ୍ରଦେଶ ବକ୍ସିଂ ଆସୋସିଏଶନରୁ ଇଲେକ୍ଟୋରାଲ କଲେଜରେ ପ୍ରତିନିଧିତ୍ୱ କରିବାକୁ ଚାହିଁଥିଲେ। ମାତ୍ର ତାଙ୍କୁ ନିର୍ବାଚିତ ସଦସ୍ୟ ରୂପେ ବିବେଚନା କରାଗଲାନି। ମାର୍ଚ୍ଚ ୧୩ରେ ରିଟର୍ନିଂ ଅଫିସର ଆର.କେ. ଗୌବାଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ଇଲେକ୍ଟୋରାଲ କଲେଜରୁ ଠାକୁରଙ୍କ ନାମ ବାଦ ଦିଆଯିବା ଆଇନଗତ ଦୃଷ୍ଟିରୁ ଏହା ସ୍ଥାୟୀ ନୁହେଁ ବୋଲି ଜଷ୍ଟିସ ଅଜୟ ମୋହନ ଗୋଏଲ୍ ଗୁରୁବାର ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏଣେ ବିଏଫ୍‌ଆଇ ମୁଖ୍ୟ କହିଛନ୍ତି କୋର୍ଟଙ୍କ ୩୪ପୃଷ୍ଠା ବିଶିଷ୍ଟ ନିର୍ଦ୍ଦେଶକୁ ପଢ଼ିବା ପରେ ସେ ପରବର୍ତ୍ତୀ ପଦକ୍ଷେପ ନେବେ।

## ୨୦୨୮ ଅଲିମ୍ପିକ ଗେମ୍ସରେ ବକ୍ସିଂ ସାମିଲ

**କୋଷ୍ଟା ନାଭାରିନୋ, ୨୦।୩ (ପି.ଟି.):** ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ ଗୁରୁବାର ବକ୍ସିଂକୁ ସାମିଲ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୪୪ତମ ସେଶନରେ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରିବା ପାଇଁ ସମ୍ମତି ପ୍ରକାଶ ପାଇଛି। ଆଇଓସିର ବିଦାୟୀ ସଭାପତି ଥୋମାସ ବାକ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରିବା ସପକ୍ଷରେ ହାତ ଟେକିବାକୁ କହିବା ପରେ ସମସ୍ତ ସଦସ୍ୟ ହାତ ଟେକିଥିଲେ। ଅଲିମ୍ପିକ ପ୍ରୋଗ୍ରାମରେ ବକ୍ସିଂକୁ ମଞ୍ଜୁରୀ ଦେବା ପାଇଁ ମୁଁ ସଭିଙ୍କୁ ଧନ୍ୟବାଦ ଦେଉଛି। ଏବେ ଆମେ ଏକ ଭବ୍ୟ ବକ୍ସିଂ ଟୁର୍ନାମେଣ୍ଟ ଆୟୋଜନ କରିପାରିବା। ଅଲିମ୍ପିକ ପ୍ରୋଗ୍ରାମ ସମ୍ପର୍କିତ ପ୍ରସ୍ତାବକୁ ଖୁବ୍ କମ୍ ଏଭଳି ସମର୍ଥନ ମିଳେ। କିନ୍ତୁ ଏହି କମିଶନ ରେକର୍ଡ ପରେ ରେକର୍ଡ ଭଙ୍ଗ କରୁଛି ବୋଲି ବାକ୍ କହିଛନ୍ତି। ୨୦୨୨ ଫେବୃଆରୀରେ ଅନୁଷ୍ଠିତ ଆଇଓସି ସେଶନରେ ଏଲ୍‌ଏ ୨୮ ଲାଗି ମଞ୍ଜୁରୀ ପାଇଥିବା ପ୍ରାରମ୍ଭିକ ସ୍ପୋର୍ଟ୍ସ ପ୍ରୋଗ୍ରାମରେ ବକ୍ସିଂକୁ ସାମିଲ କରାଯାଇ ନ ଥିଲା।

# କିର୍ଷ୍ଟି କୋଭେଣ୍ଟ୍ରୀ ଆଇଓସି ସଭାପତି

**କୋଷ୍ଟା ନାଭାରିନୋ, ୨୦।୩ (ଏପି)**



କିର୍ଷ୍ଟି କୋଭେଣ୍ଟ୍ରୀ

କିର୍ଷ୍ଟି କୋଭେଣ୍ଟ୍ରୀ ଗୁରୁବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଇଓସି ସଭାପତି ହେବାରେ ସେ ପ୍ରଥମ ମହିଳା ଓ ପ୍ରଥମ ଆଫ୍ରିକୀୟ। ଆଇଓସିର ୧୪୪ତମ ସେଶନରେ ଅନୁଷ୍ଠିତ ୭ ପ୍ରାର୍ଥୀ ବିଶିଷ୍ଟ ନିର୍ବାଚନରେ ୪୧ ବର୍ଷୀୟା ଜିମ୍ବାୱେର କ୍ରୀଡ଼ାମନ୍ତ୍ରୀ ତଥା ଦୁଇ ଥର ସ୍ୱର୍ଣ୍ଣ ପଦକ ବିଜୟୀ ସନ୍ତରଣକାରୀ ତାଙ୍କ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଜୁଆନ ଆଣ୍ଟୋନିଓ ସମରାଞ୍ଚଙ୍କୁ ପାଖାପାଖି ୧୦୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ୨୦୩୩ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିବେ। କୋଭେଣ୍ଟ୍ରୀଙ୍କ ବିଜୟ ବିଦାୟୀ ଆଇଓସି ସଭାପତି ଥୋମାସ ବାକ୍‌ଙ୍କ ଲାଗି ମଧ୍ୟ ବିଜୟ। କୋଭେଣ୍ଟ୍ରୀଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ବାକ୍ ସମର୍ଥନ କରିଥିଲେ। କିନ୍ତୁ ବାକ୍ ଭୋଟ ଦେଇନଥିଲେ। ସେ ତାଙ୍କର ସମ୍ପୂର୍ଣ୍ଣ ୧୨ ବର୍ଷର କାର୍ଯ୍ୟକାଳ ଶେଷ କରିଛନ୍ତି। କୋଭେଣ୍ଟ୍ରୀ ଆସନ୍ତା ଜୁନ ୨୩ ତାରିଖରେ ଆଇଓସିର ଦଶମ ସଭାପତି ଭାବେ ଦାୟିତ୍ୱ ଭାର ସମ୍ଭାଳିବେ।

## ପୁଣେରେ ଜାତୀୟ କୁସ୍ତି କ୍ୟାମ୍ପ୍

**ନୂଆଦିଲ୍ଲୀ,୨୦।୩(ପି.ଟି.):** ପୁରୁଷ ଓ ମହିଳାଙ୍କ ଲାଗି ଜାତୀୟ କୁସ୍ତି କ୍ୟାମ୍ପ୍ ଯଥାକ୍ରମେ ପୁଣେ ଓ ଗାନ୍ଧୀନଗରରେ ଆୟୋଜନ କରିବାକୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସ୍ଥିର କରିଛି। ଦେଶର ଟପ୍ କୁସ୍ତିଯୋଦ୍ଧା ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ଯୋଗୁ ୨୦୨୩ ଜାନୁଆରୀଠାରୁ ଜାତୀୟ ଶିବିରର ଆୟୋଜନକୁ ସ୍ଥଗିତ ରଖାଯାଇଛି। ସୋନେପତର ବାହାଲଗଡ଼ସ୍ଥିତ ସାଇ କେନ୍ଦ୍ରକୁ ଦୀର୍ଘଦିନ ହେଲା ପୁରୁଷ ରେସଲରଙ୍କ ଲାଗି ଏକ ପ୍ରଶିକ୍ଷଣ କେନ୍ଦ୍ର ଓ ଚୟନ ଶିବିର ଭାବେ ବ୍ୟବହାର କରାଯାଉଥିବା ବେଳେ ଲକ୍ଷ୍ନୌସ୍ଥିତ ସାଇ କେନ୍ଦ୍ରରେ ମହିଳାଙ୍କ ଲାଗି ପ୍ରଶିକ୍ଷଣ ଓ ଚୟନ ଶିବିର ଆୟୋଜନ କରାଯାଉଛି।

# ଚାମ୍ପିୟନ୍ସ ଟ୍ରଫି ସଫଳତା ପାଇଁ ଟିମ୍ ଇଣ୍ଡିଆକୁ ୫୮ କୋଟି

**ନୂଆଦିଲ୍ଲୀ, ୨୦।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ ଦୁବାଇରେ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ କ୍ରିକେଟ ଦଳ ପାଇଁ ୫୮ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ରୋହିତ ଶର୍ମାଙ୍କ ଦଳ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରି ତୃତୀୟ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଖେଳାଳିମାନଙ୍କ ବ୍ୟତୀତ କୋଚିଂ ଓ ସପୋର୍ଟ ଷ୍ଟାଫ୍ ଏବଂ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ପୁରୁଷ ସିଲେକ୍ସନ କମିଟିର ସଦସ୍ୟମାନେ ମଧ୍ୟ ଏହି ପୁରସ୍କାରର ଭାଗୀଦାରି ଅଟନ୍ତି। ବିସିସିଆଇ ସଭାପତି ରୋଜର ବିନ୍ନି କହିଛନ୍ତି, ଚାମ୍ପିୟନ୍ସ ଟ୍ରଫି ସଫଳତା ଭାରତର ଦୃଢ଼ କ୍ରିକେଟିଂ ଇକୋ- ସିଷ୍ଟମର ଏକ ପ୍ରତିଫଳନ। ୨୦୨୫ରେ ଏହା ଆମର ଦ୍ୱିତୀୟ ଆଇସିସି ଟ୍ରଫି। ଏହା ପୂର୍ବରୁ ଆମେ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଚାମ୍ପିୟନ ହୋଇ ସାରିଛୁ। କହିବାକୁ ଗଲେ ଗତ ୮ ମାସ ମଧ୍ୟରେ ଭାରତର ଏହା ହେଉଛି ତୃତୀୟ ଆଇସିସି ଟ୍ରଫି। ଗତବର୍ଷ ଆମେ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟି୨୦ ବିଶ୍ୱକପ୍‌କୁ ହାତେଇ ପାରିଛେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଏହି ବିଜୟ ହ୍ୱାଇଟ୍ ବଲ୍ ଫର୍ମାଟରେ ଭାରତର ଟପ୍ ର୍‍ୟାଙ୍କିଙ୍ଗ ଯଥାର୍ଥ ପ୍ରତିପାଦନ କରୁଛି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଛି। ଫାଇନାଲ ପ୍ରବେଶ ପଥରେ ଦଳ ୪ ଜବରଦସ୍ତ ବିଜୟ ହାସଲ କରିପାରିଛି। ବାଂଲାଦେଶ ବିପକ୍ଷରେ ୬ ଉଇକେଟରେ ବିଜୟ ହାସଲ କରି ଭାରତ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ ଦଳ ପାକିସ୍ତାନକୁ ମଧ୍ୟ ୬ ଉଇକେଟରେ ପରାସ୍ତ କରିଥିଲା। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇବା ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୪ରନରେ ବିଜୟୀ ହୋଇଥିଲା। ବିଶ୍ୱ ମଞ୍ଚରେ ଭାରତ କ୍ରିକେଟରେ ଏହାର ଆଧିପତ୍ୟ ବଜାୟ ରଖିବ ବୋଲି ଆଶା। ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା କହିଛନ୍ତି, ଆଇସିସିର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଚାପରେ ଥିବା ଅବସ୍ଥାରେ ମଧ୍ୟ ଭଲ ପ୍ରଦର୍ଶନ କରିପାରିଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ